ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 278 | ଭାଗ ୩୨ | ସଂଖ୍ୟା୨୭୮ | Bhubaneswar | Wednesday 1 January 2025 | Page 8 Rs. 4.00 | ଭୁବନେଶ୍ୱର ବୁଧବାର ୧ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

ନୂତନ ବର୍ଷର ଅଭିନନ୍ଦନ

ଇଂରାଜୀ ନୂତନ ବର୍ଷ ୨୦୨୫ର ଶୁଭ ଆଗମନରେ ସମସ୍ତଙ୍କୁ ଅଭିନନ୍ଦନ ଏବଂ ଶୁଭକାମନା । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂଆ ବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଏବଂ ସଫଳତାର ବର୍ଷ ହେଉ ।

ସମ୍ପାଦକ

ଅନୁଭୂତି, ଅନୁଭବ ଓ ସଙ୍କଳ୍ପ

ଇଂରାଜୀ ନୂଆ ବର୍ଷ ସମସ୍ତଙ୍କ ପାଇଁ ନୂଆ ଅନୁଭୂତି ଓ ନୂଆ ସମ୍ଭାବନା ଆଣୁ । ଯଦିଓ ଆମେ ଓଡ଼ିଆ ଭାବେ ମହାବିଷୁବ ସଂକ୍ରାନ୍ତିକୁ ହିନ୍ଦୁ ନୂଆ ବର୍ଷ ବୋଲି ମାନୁ, ତଥାପି ବର୍ତ୍ତମାନର ଜଗତୀକରଣ ଓ ଉଦାରୀକରଣ ଯୁଗରେ ଡିସେମ୍ବର ୩୧ ଓ ଜାନୁଆରୀ ୧ ତାରିଖ ମଧ୍ୟରାତ୍ରୀର ସନ୍ଧିକ୍ଷଣରେ 'ଜିରୋ ନାଇଟ' ସେଲିବ୍ରେସନ ସମସ୍ତଙ୍କ ପାଇଁ ଏକ ଉତ୍ସବ ଭଳି ହୋଇଛି । ସମସ୍ତେ ଜାନୁଆରୀ ୧ ତାରିଖକୁ ନୂଆ ବର୍ଷ ବୋଲି ମାନି ଅତି ଧୁମଧାମରେ ପାଳନ କରୁଥିବାରୁ ଆମେ ମଧ୍ୟ ଏହି ଦିନରେ ନୂଆ ସଙ୍କଳ୍ପ ନେଇ ଆମର ଅଭିଯାନ ଆରମ୍ଭ କରିବାକୁ ଯାଉଛୁ । ବିଗତ ବର୍ଷରେ ଅନେକ ଘଟଣା, ଦୁର୍ଘଟଣା ଓ ପରିବର୍ତ୍ତନ ହୋଇଛି । କ୍ୟାଲେଣ୍ଡରର ପୃଷ୍ଠା ଓଲଟାଇଲେ ଗୋଟିଏ ଗୋଟିଏ ସ୍ମୃତି ଆଖି ଆଗରେ ନାଚି ଉଠୁଛି । ତେଣୁ ବିଗତ ବର୍ଷର ସେଇ ସ୍ମୃତି ଓ ଅନୁଭୂତିକୁ ଏକ ଆଧାର ଭାବେ ଗ୍ରହଣ କରି ଦୈନିକ ସଂଚାର ତାର ପାଠକଙ୍କୁ ନୂଆ ସ୍ୱାଦର ଖବର ଦେବାକୁ ପ୍ରତିଶ୍ରୁତିବଦ୍ଧ । ରାତିର ଉଜ୍ଜାଦନା ଭିତରେ ସକାଳର ସଂଚାର କିଭଳି ପାଠକୀୟ ଆଦୃତି ଲାଭ କରିବ ସେଇ ଆଶା ଓ ସଙ୍କଳ୍ପ ନେଇ ନିରବଚ୍ଛିନ୍ନ ଭାବେ ନିର୍ଭିକ ଓ ନିରପେକ୍ଷ ଖବର ପରଷି ଦେବାକୁ ଆମର ଚେଷ୍ଟା ଜାରି ରହିଛି । ସବୁ ଗଣମାଧ୍ୟମ ପରି ସଂଚାର ମଧ୍ୟ ବିଜ୍ଞାପନ ଉପରେ ନିର୍ଭରଶୀଳ । କିନ୍ତୁ ବିଜ୍ଞାପନ ପାଇଁ ସଂଚାର ଆଜି ପର୍ଯ୍ୟନ୍ତ ଖବରରେ ସାଲିସ କରିନାହିଁ କି ଆଗକୁ ବି କୌଣସି ବାହ୍ୟ ଚାପର ବଶବର୍ତ୍ତୀ ହେବନାହିଁ । ନୂଆ ବର୍ଷ ଅବସରରେ ଆମେ ପାଠକୀୟ ରୁଚିକୁ ସମ୍ମାନ ଦେବାକୁ ସଂକଳ୍ପବଦ୍ଧ ।

ଆଦିବାସୀଙ୍କ ସୁରକ୍ଷା କବଚ ସାଜିଲେ ମୋହନ

ଜମି ହଡ଼ପ ଷଡ଼ଯନ୍ତ୍ରକାରୀଙ୍କୁ ଶକ୍ତ ଚାପୁଡ଼ା

- ଜନଜାତିଙ୍କ ଜମି ହସ୍ତାନ୍ତର ସଂପର୍କିତ ସଂଶୋଧନକୁ ପରିଷଦର ନାମଞ୍ଜୁର
- ପେସା ନିୟମ ଉପରେ ଅଧିକ ତର୍ଜମା ହେବ, ୱାର୍କସପ୍ ଜରିଆରେ ଜନଜାତି ପ୍ରତିନିଧିମାନଙ୍କୁ ନିୟମ ସଂପର୍କରେ ଅବଗତ କରାଯିବ
- ପାରିବାରିକ ଜରୁରୀ କାମ ପାଇଁ ମିଳିବ ଋଣ

ଭୁବନେଶ୍ୱର,୩୧।୧୨ (ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନରେ ନବଗଠିତ ଜନଜାତି ଉପଦେଷ୍ଟା ପରିଷଦ (ଟାକ୍)ର ପ୍ରଥମ ବୈଠକ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିଷଦ ନଭେମ୍ବର ମାସରେ ଗଠିତ ହୋଇଥିଲା । ଏହାର କାର୍ଯ୍ୟକାଳ ଦୁଇ ବର୍ଷ ରଖାଯାଇଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜନଜାତି ମାନଙ୍କୁ ସବୁ କ୍ଷେତ୍ରରେ ନ୍ୟାୟ ମିଳିବା ଏବଂ ସେମାନଙ୍କ ଅଧିକାରକୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ ହୋଇ କାମ କରୁଛନ୍ତି । ଏହି ନୂତନ ପରିଷଦରେ ଆଗାମୀ ୨ ବର୍ଷ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ । ଓ.ଆର୍. ଭି ଆଇନରେ ଅନୁସୂଚିତ ଜନଜାତି ଓ ଜାତି ପିଲାମାନେ ଯେପରି ନ୍ୟାୟ ପାଇବେ, ତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ । ଜନଜାତି ମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଆଜି ପରିଷଦର ବୈଠକରେ ୧୯୫୬ ଜମିଜମା ହସ୍ତାନ୍ତରଣ ଆଇନର ନିୟମାବଳୀ-୨ର ସଂଶୋଧନ ପ୍ରସ୍ତାବକୁ ନାମଞ୍ଜୁର କରାଯାଇଥିଲା । ୨୦୨୩ ଜୁଲାଇ ୧୧ ତାରିଖରେ ଅନୁଷ୍ଠିତ ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ଏହି ପ୍ରସ୍ତାବ ଆସିଥିଲା । ପରେ ୨୦୨୩ ନଭେମ୍ବର ୧୪ ତାରିଖରେ ରାଜ୍ୟ କ୍ୟାବିନେଟ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିଲା । ତେବେ୨୦୨୪ ଜାନୁଆରୀ ୨୯ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଏହାକୁ ନାମଞ୍ଜୁର କରାଯାଇଥିଲା । ଆଜି ଜନଜାତି ଉପଦେଷ୍ଟା ପରିଷଦ ମଧ୍ୟ ଏହି ପ୍ରସ୍ତାବକୁ ନାମଞ୍ଜୁର କରିଛି । ଏହା ଫଳରେ ଆଦିବାସୀ ମାନଙ୍କ ସଂପତ୍ତିକୁ ହସ୍ତାନ୍ତର କରାଯାଇପାରିବ ନାହିଁ ।

ତେବେ ଜନଜାତି ଲୋକମାନେ ସେମାନଙ୍କର ବିଭିନ୍ନ ଜରୁରୀ କାମ, ଯେପରି ବିବାହ, ପିଲାଙ୍କ ଉଚ୍ଚଶିକ୍ଷା କିମ୍ବା ବ୍ୟବସାୟ ଆଦି କାମରେ ଋଣ ପାଇପାରିବେ, ପୃଷ୍ଠା-୬

ଶିକ୍ଷାର୍ଥୀଙ୍କୁ ନୂଆବର୍ଷ ଭେଟି

- ୫ରେ ମିଳିବ ମାଧୋ ସିଂ ହାତଖର୍ଚ୍ଚ

ନୂଆବର୍ଷରେ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି । ମାଧୋ ସିଂ ହାତଖର୍ଚ୍ଚ ଯୋଜନା ଶୁଭାରମ୍ଭ ହେବ । ଜନଜାତି ଛାତ୍ରୀଛାତ୍ରଙ୍କୁ ମିଳିବ ୫ ହଜାର ଟଙ୍କା । ଜାନୁଆରୀ ୫ରେ ମୁଖ୍ୟମନ୍ତ୍ରୀ ଏହି ଯୋଜନାର ଶୁଭାରମ୍ଭ କରିବେ । ଆଦିବାସୀ ପିଲାଙ୍କ ଡ୍ରପ ଆଉଟକୁ ନେଇ ମୋହନ ସରକାର ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ଆଣିଛନ୍ତି । ଏଥିରେ ଆଦିବାସୀ ପିଲାଙ୍କୁ ପ୍ରୋତ୍ସାହନ ରାଶି ମିଳିବ । ବଜେଟରେ ଏହାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି ଯୋଜନା ଅଧୀନରେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇଥିବା ଜନଜାତି ଛାତ୍ରୀଛାତ୍ରଙ୍କୁ ବାର୍ଷିକ ୫ ହଜାର ଟଙ୍କା ମିଳିବ । ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି, ଏହି ଯୋଜନାରେ ଜନଜାତି ଛାତ୍ରୀଛାତ୍ର ଉପକୃତ ହେବେ ଏବଂ ଆଗ୍ରହରେ ସ୍କୁଲ ପିଲା ଯିବେ ।

ପିଏମ୍-ଉଷାରେ ଓଡ଼ିଶାକୁ ୬୭୬ କୋଟି

- କେନ୍ଦ୍ରରୁ ୪୦୮.୭ କୋଟି ଓ ରାଜ୍ୟରୁ ୨୬୮ କୋଟି ଟଙ୍କା ପ୍ରଦାନ ନିଷ୍ପତ୍ତି
- ଭିତ୍ତିଭୂମି ବିକାଶ, ଗବେଷଣା ଓ ନିଯୁକ୍ତିଯୋଗ୍ୟ ଶିକ୍ଷାର ହେବ ବିକାଶ: ସୂର୍ଯ୍ୟବଂଶୀ

ଭୁବନେଶ୍ୱର, ୩୧।୧୨ (ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ସରକାର ଆସିବାର ୮୧ ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା (ପିଏମ-ଉଷା) ଲାଗୁ କରିବା ପାଇଁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଳାୟ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଯୋଜନା ପ୍ରଣୟନ ନିମନ୍ତେ ଅନୁଷ୍ଠିତ ହୋଇଥିବା ତୃତୀୟ ପ୍ରୋଜେକ୍ଟ ଆପ୍ରୁଭାଲ୍ ବୋର୍ଡ ବୈଠକର ନିଷ୍ପତ୍ତି ଅନୁଯାୟୀ ପିଏମ-ଉଷା ଯୋଜନାରେ ଓଡ଼ିଶାକୁ ୬୭୬.୭ କୋଟି ଟଙ୍କାର ଆର୍ଥିକ ରାଶି ଅନୁଦାନ ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି । ଏହା ନିଶ୍ଚିତ ଭାବେ ଓଡ଼ିଶାରେ ଥିବା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକର ଭିତ୍ତିଭୂମି ବିକାଶ ସହ ମାନବ ସମ୍ବଳ ବିକାଶ, ଗବେଷଣା ଏବଂ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ଦିଗରେ ସହାୟକ ହେବ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ।

ଲୋକସେବା ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂରଜକହିଛନ୍ତି, ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ପ୍ରଣୟନ ନିମନ୍ତେ ସର୍ବମୋଟ ୬୭୬.୭ କୋଟି ଟଙ୍କା ଆର୍ଥିକ ରାଶି ଅନୁଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି । ଏଥିମଧ୍ୟରୁ ୩୮ଟି ପ୍ରସ୍ତାବ ନିମନ୍ତେ ୬୭୦ କୋଟି ଟଙ୍କା ଏବଂ ମ୍ୟାନେଜମେଣ୍ଟ ମନିଟରିଙ୍ଗ ଇଭାଲ୍ୟୁସନ ଆଣ୍ଡ ରିସର୍ଚ୍ଚ ଗ୍ରାଣ୍ଟ ନିମନ୍ତେ ୬.୭ କୋଟି ଟଙ୍କା ପ୍ରଦାନ କରାଯିବାର ନିଷ୍ପତ୍ତି ନିଆଯାଇଛି । ସର୍ବମୋଟ ୬୭୬.୭ କୋଟି ଟଙ୍କା ମଧ୍ୟରୁ କେନ୍ଦ୍ର ସରକାରଙ୍କ ତରଫରୁ ୪୦୮.୭ କୋଟି ଏବଂ ରାଜ୍ୟ ସରକାରଙ୍କ ତରଫରୁ ୨୬୮ କୋଟି ଟଙ୍କା ଆର୍ଥିକ ରାଶି ପ୍ରଦାନ ପୃଷ୍ଠା-୬

ଢେଙ୍କାନାଳର ପାହାଡ଼ ସୁରକ୍ଷା ପାଇଁ ଯାଜପୁରରୁ ଲଢେଇ

- ଲୁଟିନେଲେ ୨୦୦ କୋଟିର କଳାପଥର: ୨୧ ହାଇୱା ଜବତ
- ଲୁଟେରାଙ୍କୁ ଗିରଫ କରିବାକୁ ଦାବି

ଢେଙ୍କାନାଳ, ୩୧।୧୨ (ସଂଚାର ବ୍ୟୁରୋ): ଯାଜପୁର ଓ ଢେଙ୍କାନାଳ ସୀମା ଗଁଦିଆ ତହସିଲ ଅଧୀନ ନିହଲପ୍ରସାଦ ନିକଟରେ ଥିବା ନିଶ୍ଚିନ୍ତା ପାହାଡର ରାଇଗଡାରୁ ଗତ ୬ ମାସ ମଧ୍ୟରେ ପ୍ରାୟ ୨୦୦ କୋଟି ଟଙ୍କାର କଳାପଥର ଲୁଟ ହୋଇଛି । ଏନେଇ ପାହାଡ ପର୍ବତ ସୁରକ୍ଷା ମଞ୍ଚ ସଭାପତି ସତୀଶ ବିଶ୍ୱାଳ ଯାଜପୁରରୁ ଲଢେଇ କରିବା ସହ ବାରମ୍ବାର ସରକାରଙ୍କ ନିକଟରେ ଅଭିଯୋଗ ପରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଏବଂ ମୁଖ୍ୟ ଶାସନ ସଚିବଙ୍କ ତରଫରୁ ଘଟଣାରେ ହସ୍ତକ୍ଷେପ କରାଯାଇଛି । ସୋମବାର ବିଳମ୍ବିତ ରାତିରେ ଚଢାଉ କରାଯାଇ ୨୧ ଟି ହାଇୱା ଜବତ କରାଯାଇଛି ।

ବିଜେପି ସରକାର ଆସିବା ପରେ ଜଙ୍ଗଲ କିସମ ଏହି ପାହାଡରୁ ଦୈନିକ ଶତାଧିକ ଟ୍ରିପ କଳାପଥର ଖୁଲମଖୁଲା ଚୋରା ଚାଲାଣ ହେଲା । ଏଥିରେ କ୍ଷମତାସୀନ ନେତା ଏବଂ ପ୍ରଶାସନିକ ଅଧିକାରୀଙ୍କ ସଂପୃକ୍ତି ଥିବାରୁ କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା । ଯାଜପୁର ଜିଲ୍ଲା ଦେଇ ଶହ ଶହ ସଂଖ୍ୟାରେ ଏହି କଳାପଥର ବୋଝେଇ ଟ୍ରକ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିଲା । ଶ୍ରୀ ବିଶ୍ୱାଳ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିବା ପୃଷ୍ଠା-୬

ଟ୍ରେଣ୍ଡିଂ ନ୍ୟୁଜ୍

- ୨୦୨୪ର ଶେଷ ଦିନରେ ମଣିପୁରବାସୀଙ୍କୁ କ୍ଷମା ମାଗିଲେ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ
- ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ
- ରତ୍ନଗିରିରୁ ମିଳିଲା ବୌଦ୍ଧ କୀର୍ତ୍ତିରାଜିର ଅନ୍ୟନ୍ୟ ଅବଶେଷ
- ଗାଜାର କମଲ ଅଦୱାନ ହସ୍ପିଟାଲରୁ ଇସ୍ରାଏଲ୍ ସେନା ଦ୍ୱାରା ହମାସର ୨୪୦ ସଦସ୍ୟ ଗିରଫ
- ଗତ ୧୦ ବର୍ଷରେ ଇସ୍ରୋ ୩୬୦୦ କୋଟି ଟଙ୍କା ଆୟ କରିଛି
- ବର୍ଷ ଶେଷରେ ସେନସେକ୍ସ ୧୦୯ ପଏଣ୍ଟ ହ୍ରାସ ପାଇ ୭୮୧୩୯.୦୧ରେ ବନ୍ଦ



କାନ ଡେରିଥା

ଚାଷୀ ଖୁସି ପାଇଁ ଜମି ହିଡେ ଯାଇ
ନେତାଙ୍କର ରାଜନୀତି
ରିଲିଫ୍ କୋର୍ଡ ନ ବଦଳିବା ଯାଏ
କିବା ମୂଲ୍ୟ ଅବା
ଏଇ ଶସ୍ତା ରାଜନୀତି ।

ଆମର ସ୍ୱପ୍ନ ବିକଶିତ ଭାରତ



- ବିକଶିତ ଭାରତର ସ୍ୱପ୍ନ ସାକାର ପାଇଁ କଠିନ ପରିଶ୍ରମ ଲୋଡ଼ା
- ଡବଲ ଇଞ୍ଜିନ ସରକାର ଓଡ଼ିଶାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ
- ଓଡ଼ିଆଙ୍କ ଜୀବନରେ ଖୁସି ଓ ଉଲ୍ଲାସ ଭରିଦେଉ

ଭୁବନେଶ୍ୱର, ୩୧।୧୨ (ସଂଚାର ବ୍ୟୁରୋ): ଓଡ଼ିଶା ସମେତ ଭାରତବାସୀଙ୍କୁ ଇଂରାଜୀ ନବବର୍ଷ-୨୦୨୫ର ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ବର୍ଷ ୨୦୨୫ ସମସ୍ତଙ୍କ ପାଇଁ ସମ୍ଭାବନା ଓ ନୂତନ ଉଜ୍ଜାଦନାର ବର୍ଷ ହେଉ ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ଇଂରାଜୀ କ୍ୟାଲେଣ୍ଡର ଅନୁସାରେ ଡିସେମ୍ବର ୨୦୨୪ର ଅନ୍ତିମ ଦିନରେ ସୂର୍ଯ୍ୟର ଅସ୍ତ ହୋଇଛି । ଅସ୍ତଗାମୀ ସୂର୍ଯ୍ୟ ସବୁବେଳେ ଏକ ନୂତନ ଆରମ୍ଭର ପ୍ରତିଶ୍ରୁତି ନିଜ ସହିତ ବହନ କରିଥାଏ । ନୂଆ ବର୍ଷକୁ ନେଇ ମଧ୍ୟ ସମସ୍ତେ ଉତ୍ସାହିତ ଓ ଉଲ୍ଲସିତ ଅଛନ୍ତି । ନୂତନ ସମ୍ଭାବନା ଏବଂ ସକରାତ୍ମକ ଆରମ୍ଭକୁ ଆମେ ସମସ୍ତେ ସ୍ୱାଗତ କରିବା ଦରକାର । ଆମେ ଏକ ନୂଆ ବର୍ଷରେ ପ୍ରବେଶ କରୁଛେ । ନୂତନ ସୂର୍ଯ୍ୟ କେବଳ ବଙ୍ଗୋପସାଗରରେ ଉଦୟ ହେବ ନାହିଁ ବରଂ ସାଢେ ଚାରି କୋଟି ଓଡ଼ିଆ ଲୋକଙ୍କ ହୃଦୟରେ ଉଦୟ ହୋଇ ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ଗତି କରିବ ।

୨୦୩୬ରେ ଓଡ଼ିଶା ଓ ୨୦୪୭ରେ ଭାରତକୁ ଦେଖିଲେ ଆମ ରାଜ୍ୟ ଏବଂ ଦେଶ ପରିବର୍ତ୍ତନ ରାସ୍ତାରେ ଅଛି । ଆଗକୁ ଯାତ୍ରା ଅସୀମ ସମ୍ଭାବନାରେ ପରିପୂର୍ଣ୍ଣ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ । ଆମେ ଆଗାମୀ ଦିନରେ ଏକ ସମୃଦ୍ଧମୟ ଏବଂ ନୂଆ ଭାରତର ସ୍ୱପ୍ନ ନେଇ ଏକ ନୂଆ ଭବିଷ୍ୟତ ତିଆରି କରିବା ପାଇଁ ପ୍ରସ୍ତୁତ ଅଛୁ । ସମସ୍ତଙ୍କୁ ଓ ସଶକ୍ତ କରିବା ଏବଂ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ୨୦୨୫ରେ ଅଧିକ ପରିଶ୍ରମ କରିବାକୁ ସଂକଳ୍ପବଦ୍ଧ । ନୂଆବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ଜୀବନରେ ଖୁସି ଓ ଉଲ୍ଲାସ ଆଣିଦେଉ ବୋଲି ଶ୍ରୀ ପ୍ରଧାନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପାର୍ଥନା କରିଛନ୍ତି ।

ଦୁର୍ନୀତିଖୋରଙ୍କୁ ନିସ୍ତାର ନାହିଁ

ସାମ୍ନାକୁ ଆସିଲା ବାର୍ଷିକ ରିପୋର୍ଟ

ଭୁବନେଶ୍ୱର, ୩୧।୧୨ (ସଂଚାର ବ୍ୟୁରୋ): ଓଡିଶା ଭିଜିଲାନ୍ସର ବାର୍ଷିକ ରିପୋର୍ଟ ସାମ୍ନାକୁ ଆସିଛି । ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠୱାଙ୍କ ସୂଚନା ମୁତାବକ ୨୦୨୪ ମସିହାରେ ମୋଟ ୨୦୦ ଅପରାଧିକ କେସ ରୁଜୁ କରାଯାଇଛି । ୧୮୧ ଜଣ ସରକାରୀ ଅଧିକାରୀ ଓ ଅନ୍ୟ ଲୋକଙ୍କୁ ଗିରଫ କରାଯାଇଛି । ୫୦ କ୍ଲାସ ୧ ଅଫିସରଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ଯାହା ମଧ୍ୟରେ ୬ ଜଣ ଚିଫ ଇଞ୍ଜିନିୟର, ଅବକାରୀ ଜଏଣ୍ଟ କମିଶନର, ଫିସରି ଡେପୁଟି ଡ଼ାଇରେକ୍ଟର, ସିଟି ଜିଏସଟି ଆସିଷ୍ଟାଣ୍ଟ କମିଶନର, ଜେଲ ସୁପରିଟେଣ୍ଡେଣ୍ଟ, ସବ କଲେକ୍ଟର, ତହସିଲଦାର, ବିଡ଼ିଓଙ୍କ ବିରୋଧରେ କେସ ହୋଇଛି । ସେହିପରି ୧୯ ଜଣ ଇଞ୍ଜିନିୟର, ୨୨ ଜଣ ରେଭେନ୍ୟୁ ଅଫିସିଆଲ, ୯ ଜଣ ପୋଲିସ, ୫ ଜଣ ଡାକ୍ତର, ୩ ଜଣ ଫରେଷ୍ଟ ଅଧିକାରୀଙ୍କୁ ଗିରଫ କରାଯାଇଛି । ୬୦ ଟି ଡିଏ କେସ ହୋଇଛି । ସେହିପରି ୯୬ ଟି କେସ ରେ ଟ୍ରାପ କରି ୧୧୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୯ ଲକ୍ଷ ୨୫ ହଜାର ନଗଦ ଟଙ୍କା ଜବତ କରାଯାଇଛି । ପୃଷ୍ଠା-୬

ଏମାନେ ବି ମଣିଷ !

ବେଶ୍ ଧୁମଧାମରେ ପାଳନ ହୋଇଛି ଜିରୋ ନାଇଟ । ସବୁଆଡେ ସେଲିବ୍ରେସନ । ହୋଟେଲ, କ୍ଲବ, ପବ ସବୁଠି ନିଜ ପ୍ରିୟଜନଙ୍କୁ ନେଇ ବେଶ ଧୁମଧାମରେ ୨୦୨୫କୁ ସ୍ୱାଗତ କରିଛନ୍ତି ଲୋକେ । ଚଳଚଞ୍ଚଳ ହୋଇଉଠିଲା ସାରା ରାଜ୍ୟ । କିନ୍ତୁ ଏହି ନୂଆବର୍ଷ ଓ ଜିରୋ ନାଇଟ ସେଲିବ୍ରେସନ ବେଳେ ଓଡିଶା ପୋଲିସ ଓ କମିଶନରେଟ ପୋଲିସର କାର୍ଯ୍ୟଶୈଳୀ ବେଶ ପ୍ରଶଂସନୀୟ ଥିଲା । ବାଜା, ବାଣ, ଡିଜେରେ ସାରା ଓଡିଶା ଝୁମୁଥିବା ବେଳେ ସୁରକ୍ଷା ଦାୟିତ୍ୱରେ ରାତିତମାମ ରହିଥିଲେ ଖାକି ବାବୁମାନେ । ନିଜେ ଡିଜିପି ୱାଇ ବି ଖୁରାନିଆ ଦିନତମାମ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ । କୌଣସି ପ୍ରକାର ଅଘଟଣ ନ ଘଟିବା ନେଇ ନଜର ରଖିବାକୁ ଜିଲ୍ଲାର ଏସପିମାନଙ୍କ ସହ ଆଲୋଚନା କରିଥିଲେ । ସେହିପରି ଟୁଇନ ସିଟି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ କମିଶନର ଉମାଶଙ୍କର ଦାସ ଓ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ମଧ୍ୟ ସହରରେ କିଭଳି ଆଇନଶୃଙ୍ଖଳା ରକ୍ଷା ହୋଇପାରିବ ସେ ନେଇ ବ୍ୟାପକ ବନ୍ଦୋବସ୍ତ କରିଥିଲେ । ନିଜେ କମିଶନର ଓ ଡିସିପି ବିଭିନ୍ନ ଛକ ବଜାର ବୁଲିଥିଲେ । ବିଳମ୍ବିତ ରାତିରେ ଚେକିଂ ପଏଣ୍ଟଗୁଡିକରେ ବ୍ୟାପକ ଯାଞ୍ଚ କରିଥିଲେ । ଡିଜେର ଶବ୍ଦ ପ୍ରଦୂଷଣ ଯାଞ୍ଚ ଓ ଗ୍ରୀନ କ୍ରାକର ଫୁଟେଇବାକୁ ଲୋକଙ୍କୁ ଅନୁରୋଧ କରିବା ପାଇଁ ସମସ୍ତ ଥାନାଧିକାରୀଙ୍କ ନିର୍ଦ୍ଦେଶ ଦେଇଥିଲେ । ଲୋକଙ୍କ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ବଡ଼କଥା ହେଉଛି ସଭିଏଁ ସେଲିବ୍ରେସନରେ ମାତିଥିବା ବେଳେ ପୋଲିସ ବାବୁମାନେ ନିଜ ପରିବାର ଠାରୁ ଦୂରରେ ରହି ସହରର ଶାନ୍ତିଶୃଙ୍ଖଳାକୁ ଗୁରୁତ୍ୱ ଦେଇଥିଲେ । ପିଲା ଛୁଆଙ୍କୁ

କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଲେ ବୈଜୟନ୍ତ

କେନ୍ଦ୍ରାପଡା, ୩୧।୧୨ (ସଂଚାର ବ୍ୟୁରୋ) : ଅଦିନିଆ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ କେନ୍ଦ୍ରାପଡ଼ା ଜିଲ୍ଲାରେ ଧାନ ଓ ପନିପରିବା ଚାଷ ବ୍ୟାପକ ପରିମାଣରେ କ୍ଷତିଗ୍ରସ୍ତ ହୋଇଛି। ବର୍ଷା ଯୋଗୁଁ ଚାଷୀକୁଳ ନାହିନଥିବା କ୍ଷତିର ସମ୍ମୁଖୀନ ହୋଇଛନ୍ତି। କ୍ଷତିଗ୍ରସ୍ତ ଚାଷୀ ଓ ସେମାନଙ୍କ କ୍ଷତିପୂରଣ ଦାବି କରୁଥିବା ବେଳେ ମଙ୍ଗଳବାର ଦିନ କ୍ଷେତ ପରିଦର୍ଶନ କରିଛନ୍ତି ସାସଂଦ ବୈଜୟନ୍ତ ପଣ୍ଡା । ସାଂସଦ ଗ୍ରସ୍ତ କରି କେନ୍ଦ୍ରାପଡ଼ା ବ୍ଲକର ଜଝାଙ୍ଗ ଓ ଡେରାବିଶ ବ୍ଲକର ବାରିମୂଳ ପଞ୍ଚାୟତର ଚାଷୀମାନଙ୍କୁ ଭେଟି ଶସ୍ୟକ୍ଷେତ ବୁଲି ଦେଖିଥିଲେ। ଉକ୍ତ ଅଞ୍ଚଳର ଥିବା ବହୁ ଚାଷୀଙ୍କର କ୍ଷେତରେ ବର୍ଷା ଜଳ ଜମି ରହିଥିବା ସହ ବିଲରେ ଧାନ ଗଜା ହୋଇଥିବା ଦେଖିବାକୁ ପାଇଥିଲେ।

ସାସଂଦ ଶ୍ରୀ ପଣ୍ଡାଙ୍କ ସହିତ କେନ୍ଦ୍ରାପଡା ଜିଲ୍ଲାପାଳ ଓ କୃଷି ଅଧିକାରୀଙ୍କୁ ଏକ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କ ନିକଟକୁ ଯଥା ଶୀଘ୍ର ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଏହାପରେ ଶ୍ରୀ ପଣ୍ଡା ସ୍ଥାନୀୟ ସୋୟଂସିଧା ହୋଟେଲ ରେ ପହଞ୍ଚି ଜିଲ୍ଲାର ସମସ୍ତ ବିଜେପି କର୍ମୀ ମାନଙ୍କ ସହିତ ସାଂଗଠାନିକ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାକାଳପଡା ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ

ନାୟକ, ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ଅଭିମନ୍ୟୁ ଗୋଛାୟତ, ଦୁର୍ଯ୍ୟଧନ ସାହୁ, କୃଷ୍ଣଚନ୍ଦ୍ର ପଣ୍ଡା, ଉପନି ରାଉତ, ସଲିମି ଖାଁ, ଗୀତାଞ୍ଜଳି ସେଠି, ତେଜେଶ୍ୱର ପରିଡ଼ା, ଲଳିତ ବେହେରାଙ୍କ ସମେତ ମହିଳା ମୋର୍ଚ୍ଚାର ସଦସ୍ୟା ପ୍ରିୟଦର୍ଶିନୀ ନନ୍ଦ, ମନୀଷା ପଣ୍ଡା, ଝିଲି ଦାସ ପ୍ରମୁଖ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ।

ଜବରଦଖଲରେ ଗୋଚର ଜମି

● ଅଭିଯୋଗ ସତ୍ତ୍ୱେ ଉଚ୍ଛେଦ କରୁନି ପ୍ରଶାସନ ● ହାଇକୋର୍ଟ ନିର୍ଦ୍ଦେଶକୁ ଅବମାନନା

କେନ୍ଦ୍ରାପଡା, ୩୧।୧୨ (ସଂଚାର ବ୍ୟୁରୋ) : ବେଆଇନ୍ ଭାବେ ସରକାରୀ ଗୋଚର ଜମିକୁ ଜୋର ଜବରଦସ୍ତ ଜବରଦଖଲ କରାଯାଇଛି । ଏହି ଜବରଦଖଲ ଦ୍ୱାରା ଗ୍ରାମବାସୀ ବହୁବାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମବାସୀଙ୍କୁ ଭୟ ଦେଖାଇ ସରକାରୀ ଜମିକୁ ନିଜର କବ୍‌ଜା ବନାଇଥିବା ବେଳେ ପ୍ରଶାସନ ଏଥିରେ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ।

ଅଭିଯୋଗ ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ବାରୋ ପଞ୍ଚାୟତ ଇଟିପୁର ଗ୍ରାମର ସୁଶାନ୍ତ କୁମାର ପଣ୍ଡା ନାମକ ବ୍ୟକ୍ତୀ ଉକ୍ତ ଗ୍ରାମର ଥିବା ସରକାରୀ ଗୋଚର ଜମି ଖାତା ନମ୍ବର ୮୨୭ ପ୍ଲଟ ନମ୍ବର୧୬୪୬ ଥିବା ସ୍ଥାନରେ ପୂର୍ବରୁ ଥିବା ବିଭିନ୍ନ ଗଛକୁ କାଟି ସେଠାରେ ନିଜର ବିଭିନ୍ନ ଗାଡ଼ି, ଗୋଡ଼ି ରଡ଼ ଆଦି ରଖିବା ସହିତ ଗ୍ରାମବାସୀଙ୍କ ମୁଖ୍ୟ ଯାତାୟାତ କରୁଥିବା ସ୍ଥାନକୁ ସମ୍ପୂର୍ଣ୍ଣ ଅବରୋଧ କରିଛନ୍ତି।

ଏନେଇ ଗ୍ରାମବାସୀ ସେସବୁ ଉଚ୍ଛେଦ ପାଇଁ କହିଲା ପରେ ମଧ୍ୟ ଅବରୋଧ ହଟାଇବା ପରିବର୍ତ୍ତେ ସେମାନଙ୍କୁ ଭୟଭୀତ କରୁଥିବା ହେତୁ ଗ୍ରାମବାସୀ ପ୍ରଥମେ ଏନେଇ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ଏହା ପରେ ସ୍ଥାନୀୟ ତହସିଲଦାର ଅଭୋଜଗ କରିଥିଲେ। ତହସିଲଦାର କୌଣସି ପଦକ୍ଷେପ ନନେବା ଯୋଗୁଁ ଶେଷରେ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ପ୍ରଶାସନ ଗୁରୁତ୍ୱ ନଦେବା ପରେ ଏନେଇ ଗ୍ରାମବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବେଆଇନ୍ ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଦେଇଥିବା ବେଳେ ପ୍ରଶାସନ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପାଳନ କରିବା ପରିବର୍ତ୍ତେ ଦୀର୍ଘଦିନ ୧୦ ମାସ ବିତିଗଲା ହେଲା କୌଣସି ପଦକ୍ଷେପ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ପ୍ରଶାସନ ନିରବତାକୁ ନେଇ ଏବେ ପ୍ରଶ୍ନ ଉଠାଇଛନ୍ତି ଗ୍ରାମବାସୀ ।

ଏନେଇ ଗ୍ରାମର ଶରତ ପ୍ରଧାନ, ସିକୁନା ପ୍ରଧାନ, ନିତ୍ୟାନନ୍ଦ ମଲ୍ଲିକ,ଅଜୟ କୁମାର ପ୍ରଧାନ, ମଧୁସୂଦନ ପ୍ରଧାନ, ଧୀରେନ୍ଦ୍ର ପ୍ରଧାନ ଆଦି ତୁରନ୍ତ ଗୋଚର ଜମିରେ ଉଚ୍ଛେଦ ପାଇଁ ଦାବି କରିଛନ୍ତି ।

ଶୁଦ୍ଧିକ୍ରିୟା ପାଇଁ କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋଅପରେଟିଭ୍ ବ୍ୟାଙ୍କର ସହାୟତା

ମାର୍ଶାଘାଇ, ୩୧।୧୨ (ସଂଚାର ବ୍ୟୁରୋ) : ମାର୍ଶାଘାଇ ବ୍ଲକ ତାଳସଙ୍ଗା ଗ୍ରାମର ଅସହାୟ ମହିଳା ଚିନ୍ମୟି ବେହେରାଙ୍କ ମୃତ ସ୍ୱାମୀ ଦିବାକର ବେହେରାଙ୍କ ଶୁଦ୍ଧକ୍ରିୟା ପାଇଁ ଅର୍ଥବାଧକ ସାଜିଥିଲା । ଚିନ୍ମୟିଙ୍କ ସ୍ୱାମୀ କିଡ଼ିନ୍ ରୋଗରେ ପୀଡ଼ିତ ହୋଇ ଆରପାରିକୁ ଚାଲିଯାଇଥିଲେ। ଏଭଳି ଆର୍ଥିକ ସଙ୍କଟ ମଧ୍ୟରେ ସ୍ୱାମୀର ଶୁଦ୍ଧିକ୍ରିୟା ପାଇଁ ଅର୍ଥ ବାଧକ ସାଜିଥିଲା । ସ୍ୱାମୀ ଦିବାକରଙ୍କ ମୃତ୍ୟୁର ୭ମ ଦିନରେ କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋଅପରେଟିଭ ସୋସାଇଟ୍ ଲିଃ ମାର୍ଶାଘାଇ ଶାଖା ତରଫରୁ ଅସହାୟ ମହିଳା ଚିନ୍ମୟିଙ୍କ ସ୍ୱାମୀ ଦିବାକରଙ୍କ ଶୁଦ୍ଧିକ୍ରିୟା ପାଇଁ ସହାୟତାର ହାତବଢାଇଛନ୍ତି। କେନ୍ଦ୍ରାପଡ଼ା କ୍ରେଡ଼ିଟ କୋଅପରେଟିଭ ସୋସାଇଟ୍

ଲିଃର ସଭାପତି ସମବାୟବିତ୍ ପ୍ରମୋଦ କୁମାର ସାହୁ ଅସହାୟ ମହିଳା ଚିନ୍ମୟିଙ୍କ ନିକଟରେ ପହଞ୍ଚି ତାଙ୍କର ସମସ୍ୟା ବୁଝିବା ସହ ଶୁଦ୍ଧିକ୍ରିୟା ପାଇଁ ଟ.୧୦୦୦୦ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

ଅସହାୟ ଚିନ୍ମୟିଙ୍କ ପରିବାର ଭବିଷ୍ୟତ ପାଇଁ କେନ୍ଦ୍ରାପଡ଼ା କ୍ରେଡ଼ିଟ୍ କୋଅପରେଟିଭ ତରଫରୁ ପ୍ରତିମାସରେ ଚିନ୍ମୟିଙ୍କୁ ଗୁଜୁରାଣ ଭତ୍ତା ବାବଦରେ ପ୍ରତି ମାସରେ ଟ.୧୦୦୦ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏଭଳି ଅସହାୟଙ୍କୁ କେନ୍ଦ୍ରାପଡ଼ା କ୍ରେଡ଼ିଟ କୋଅପରେଟିଭ ସୋସାଇଟ୍ ସଭାପତି ଶ୍ରୀ ସାହୁଙ୍କ ସହାୟତା ପାଇଁ ଅଞ୍ଚଳରେ ପ୍ରଶଂସା କରିବା ସହ ସାଧୁବାଦ ଜ୍ଞାପନକରିଛନ୍ତି । ସହାୟତା ସମୟରେ ମାର୍ଶାଘାଇ ଶାଖା ପରିଚାଳକ ରଞ୍ଜନ କୁମାର ସାହୁ ଉପସ୍ଥିତଥିଲେ ।

ଘର ସାମ୍ନାରେ କୁକୁଡ଼ା ଫାର୍ମ

ଜିଲ୍ଲାପାଳଙ୍କୁ କାନ୍ଦି କାନ୍ଦି ଅଭିଯୋଗ କଲେ ମହିଳା

କେନ୍ଦ୍ରାପଡା, ୩୧।୧୨ (ସଂଚାର ବ୍ୟୁରୋ) : ଦୁର୍ଗନ୍ଧରୁ ମୁକ୍ତି ପାଇବା ପାଇଁ ଜନବସତି ଠୁ ବହୁ ଦୂରରେ କୁକୁଡ଼ା ଫାର୍ମ ନିର୍ମାଣ କରି କୁକୁଡ଼ା ପାଳନ ପାଇଁ ସରକାରୀ ନିର୍ଦ୍ଦେଶ ଅଛି । ସରକାରୀ ନିୟମ ଅନୁସାରେ ପ୍ରତ୍ୟେକ ଚାଷୀ ମଧ୍ୟ ଏହାକୁ ପାଳନ ମଧ୍ୟ କରୁଥିବା ବେଳେ ଏହାର ବିପରୀତ ଦୃଶ୍ୟ ଏବେ କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦେଖିବାକୁ ମିଳିଛି । ଘର ପାଖରେ କୁକୁଡ଼ା ଫାର୍ମ ନିର୍ମାଣ କରିବା ହେତୁ କୁକୁଡ଼ା ଦୁର୍ଗନ୍ଧରେ ଚଳପ୍ରଚଳ କରିବା ସମ୍ଭବପର ହେଉନାହିଁ। ଏଭଳି ଅଭିଯୋଗ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅନ୍ତର୍ଗତ ବଡପଡା ଗ୍ରାମର ଅସହାୟ ମହିଳା ସ୍ନେହଲତା ସାହୁ ମଙ୍ଗଳବାର ଜିଲ୍ଲା କାର୍ଯ୍ୟାଳୟ ଆଗରେ ଦୀର୍ଘ ସମୟ ଧରି ଧାରଣା ଦେବା ସହ କାନ୍ଦି କାନ୍ଦି ଅଭିଯୋଗ ଜଣାଇଛନ୍ତି ।

ମହିଳାଙ୍କ ଅଭିଯୋଗ ଅନୁସାରେ ପୂର୍ବରୁ ଏନେଇ ଗ୍ରାମାଂଚଳ ଥାନା ଅଧିକାରୀଙ୍କ ନିକଟରେ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଚୁପ୍ ରହିଛି । ଯାହା ଫଳରେ ଥାନା ଅଧିକାରୀ ଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାଙ୍କ ଘର ଆଗରେ ଥିବା କୁକୁଡା ଫାର୍ମ ବନ୍ଦ କରି ଫାର୍ମ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଘଟଣାରୁ ପ୍ରକାଶ ଯେ, ସ୍ନେହଲତା ସାହୁଙ୍କ ଘର ଆଗରେ ମହାପ୍ରସାଦ ସାହୁ ଏକ ବଡ କୁକୁଡା ଫାର୍ମ କରିଥିବାରୁ ଫାର୍ମ ଗନ୍ଧରେ ସେ ଘରେ ବସବାସ କରିପାରୁ ନାହାଁନ୍ତି। ତାଙ୍କ ପରିବାର ଲୋକେ ଅସହ୍ୟ ଗନ୍ଧର ଶିକାର ହୋଇ ଯନ୍ତ୍ରଣା ଅନୁଭବ କରୁଛନ୍ତି । ଏ ବିଷୟରେ ସ୍ନେହଲତା ଫାର୍ମ ମାଲିକ ବିରୋଧରେ ଥାନାରେ ଏତଲା ଦେବାପରେ ଥାନା ଅଧିକାରୀ ନାମକୁ ମାତ୍ର ମାମଲା ରୁଜୁ କରିବାରୁ ଫାର୍ମ ମାଲିକ ତାଙ୍କୁ ନିସ୍ତୁକ ମାଡ ମାରିବା ସହିତ ତାଙ୍କୁ ଘରେ ପୁରାଇ ଦେଉନଥିବା ଏବଂ ଘରକୁ ଆସିଲେ ତାଙ୍କୁ ଜୀବନରୁ ମାରି ଦେବେ ବୋଲି ସ୍ନେହଲତା ଜିଲ୍ଲାପାଳଙ୍କ ଆଗରେ ପ୍ରକାଶ କରିଛନ୍ତି ।

ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଉକ୍ତ ମହିଳାଙ୍କ ଅଭିଯୋଗ ଶୁଣିବା ପରେ ଆରକ୍ଷୀ ଅଧିକ୍ଷକଙ୍କୁ ଜଣାଇଥିଲେ। ଆରକ୍ଷୀ ଅଧିକ୍ଷକ ତୁରନ୍ତ ପୋଲିସ ପଠା ମହିଳାଙ୍କୁ ବୁଝାସୁଝା କରି ସେଠାରୁ ଉଠାଇବା ସହ ଥାନା ଅଧିକାରୀ ଓ ଫାର୍ମ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ ସମୀକ୍ଷା

କେନ୍ଦ୍ରାପଡ଼ା, ୩୧।୧୨ (ସଂଚାର ବ୍ୟୁରୋ) : ଲଗାଣବର୍ଷାରେ କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ହୋଇଥିବା ଫସଲହାନୀ ଜନିତ କ୍ଷୟକ୍ଷତିର ତଦନ୍ତ ରିପୋର୍ଟ ବୁଧବାର ସନ୍ଧ୍ୟା ସୁଦ୍ଧା ପ୍ରଦାନ କରିବାକୁ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏସମ୍ପର୍କିତ ସମୀକ୍ଷା ବୈଠକରେ ଜିଲ୍ଲାପାଳ ଶ୍ରୀ ପ୍ରଧାନ ଏଭଳି ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଉପସ୍ଥିତ ଜିଲ୍ଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ବିଭିନ୍ନ ଶାଖାର ଶାଖା ପରିଚାଳକ, ବିଭିନ୍ନ ବୀମା କମ୍ପାନୀର ପ୍ରତିନିଧିମାନଙ୍କ ସହ ଫସଲ କ୍ଷୟକ୍ଷତି ସମ୍ପର୍କରେ ଜିଲ୍ଲାପାଳ ଆଲୋଚନା କରିବା ସହ ଅବିଳମ୍ବେ ଏସଂକ୍ରାନ୍ତୀୟ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ସମବାୟ ସମିତି ସମୂହର ଉପନିବନ୍ଧକ ସନ୍ତୋଷ କୁମାର ଦାସ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କଲ୍ୟାଣ ରାଏଙ୍କ ସମେତ ବିବିନ୍ନ ବ୍ଲକର କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ ।

ଜ୍ୟୋତି କଳସ ରଥର ଶୁଭାଗମନ

ମହାକାଳପଡ଼ା, ୩୧।୧୨ (ସଂଚାର ବ୍ୟୁରୋ) : ପରମପୂଜ୍ୟ ଗୁରୁଦେବ ପ୍ରଖର ପ୍ରଜ୍ଞା ଶ୍ରୀରାମ ଶର୍ମା ଆଚାର୍ଯ୍ୟ, ପ୍ରବଳ ଶ୍ରଦ୍ଧା ମାତାଜୀ ଭଗବତୀ ଦେବୀ ଶର୍ମା ଅଖଣ୍ଡ ଦୀପର ଜନ୍ମଶତାବ୍ଦୀର ସନ୍ଦେଶ ନେଇ ଜ୍ଜ୍ୱୋତି କଳସ ରଥ ମହାକାଳପଡା ବ୍ଲକ ଦେଇ କେନ୍ଦ୍ରାପଡ଼ା ଜିଲ୍ଲାକୁ ବିପୁଳ ହର୍ଷ ଉଲ୍ଲାସ ଓ ସ୍ୱାଗତ ମାଧ୍ୟମରେ ପ୍ରବେଶ କରିଛି। ୫୩ ନଂ ଜାତୀୟ ରାଜପଥର ତାରିଣୀ ମନ୍ଦିର ନିକଟରୁ ମହାକାଳପଡା ବ୍ଲକ ଜୟଚନ୍ଦ୍ରପୁର ଗ୍ରାମର ପଥକୁ ମନ୍ଥନ କରି ଗୁରୁଦେବଙ୍କ ବାର୍ତ୍ତାକୁ ସଫଳତାର ସହ ଜନଜନରେ ପହଞ୍ଚାଇପାରିଛି। ମାନବ ମଧ୍ୟରେ ଦେବତ୍ୱର ଉଭରଣ ଓ ଧରାପୃଷ୍ଠରେ ସ୍ୱର୍ଗର ଅବତରଣର ମହନୀୟ ଲକ୍ଷ୍ୟକୁ ପୂରଣ କରିବା ପାଇଁ ସଂଧ୍ୟା ସମୟରେ ଦୀପ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ମହାକାଳ ଶିବ ଓ ପାର୍ବତୀଙ୍କର ବିବାହ ସମୟର ଅଗ୍ନି ସ୍ଥାପିତ ହୋଇଥିବା ଜ୍ୟୋତି କଳସ ରଥକୁ ଉଭୟ ଦିବ୍ୟତ୍ୱ ଏବଂ ଦେବତ୍ୱର ବିରଳ ସ୍ପର୍ଶ ପ୍ରଦାନ କରିଛି। କେନ୍ଦ୍ରାପଡା ଜିଲ୍ଲା ସମନ୍ୱୟ ସମିତି ଓ ସମସ୍ତ ବ୍ଲକର ସମନ୍ୱୟ ସମିତିର ସଦସ୍ୟ ସଦସ୍ୟାମାନଙ୍କ ମାର୍ଗଦର୍ଶନରେ ଏହି ଦିବ୍ୟକାର୍ଯ୍ୟ ସଞ୍ଚାଳିତ ହୋଇଯାଇଛି। ଜିଲ୍ଲା ସମନ୍ୱୟ ସମିତି ସଭାପତି ପ୍ରଭାତ ଭାଇ ଓ ମହାକାଳପଡା ବ୍ଲକର ଜିଲ୍ଲା ପ୍ରତିନିଧି ସୁର ଭାଇଙ୍କ ମାର୍ଗଦର୍ଶନ ପାଇ ସମସ୍ତେ ଯୁଗ ନିର୍ମାଣ ଶଙ୍ଖ ଓ ବିଚାରକ୍ରାନ୍ତିର ଧ୍ୱଜା ହାତରେ ଧରିବା ପାଇଁ ବ୍ଯାକୁଳ ହୋଇଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାର ତତ୍ତ୍ୱାବଧାନରେ କେନ୍ଦ୍ରାପଡା ଜିଲ୍ଲା ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଅଖଣ୍ଡ ଦୀପ ଓ ପରମ ବନ୍ଦନିୟା ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତାବ୍ଦୀ ବର୍ଷ ଉପଲକ୍ଷେ ଶୁଭାଗମନ କରିଥିବା ଏହି ଜ୍ୟୋତି କଳସ ରଥ ଆଜି ୩୧ /୧୨/୨୦୨୪ ରୁ ୦୯/୦୧ /୨୦୨୫ ପର୍ଯ୍ୟନ୍ତ ଜିଲ୍ଲା ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି।

ଅସହାୟ ଦୃଷ୍ଟିହୀନଙ୍କୁ ସହାୟତା

କେନ୍ଦ୍ରାପଡା, ୩୧।୧୨ (ସଂଚାର ବ୍ୟୁରୋ) : ପୁରୁଣା ବର୍ଷକୁ ବିଦାୟ ଦେବା ପୂର୍ବରୁ ନିଆରା ଚିନ୍ତାଧାରା କରି ଆଗେଇ ଆସିଛି ଓଡ଼ିଶା ସାଇନ୍ ଫାଉଣ୍ଡେସନ । ଫାଉଣ୍ଡେସନର କର୍ମକର୍ତ୍ତାମାନେ ବର୍ଷର ଶେଷ ମୂହୁର୍ତ୍ତକୁ ରାସ୍ତା କଡ଼ରେ ବୁଲୁଥିବା ଅବହେଳିତ ଅସହାୟ ମାନସିକ ବିକୃତ ବେକ୍ତି, ମେଡ଼ିକାଲର ରୋଗୀ ଏବଂ ଦୃଷ୍ଟିହୀନ ପିଲାମାନଙ୍କ ସହ ସେମାନଙ୍କ ବିଦ୍ୟାଳୟରେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂତନ ୨୦୨୫ ବର୍ଷ କୁ ସ୍ୱାଗତ କରିଛନ୍ତି। ଓଡ଼ିଶା ସାଇନ୍ ଫାଉଣ୍ଡେସନ ରାଜନଗରର ସମସ୍ତ ସଦସ୍ୟମାନଙ୍କ ଦ୍ୱାରା କାର୍ଯ୍ୟକ୍ରମଟିକୁ ସାହାଯ୍ୟ ସହାନୁଭୂତି ସହଯୋଗର ହାତ ବଢାଇଥିଲେ । ଫାଉଣ୍ଡେସନ ର ସଭାପତି ସମୀର କୁମାର ବାଇ,ସମ୍ପାଦକ ତପନ କୁମାର ମହାନ୍ତି ଓ ଗ୍ରୁପର ସଦସ୍ୟ ନିହାର ବିଶ୍ୱାଳ,ବାସୁଦେବ ମଲ୍ଲିକ,ଅମିତାଭ ପରିଡା, ସୁଜାତା ନାୟକ, ସର୍ବେଶ୍ୱର ମଲ୍ଲିକ, କାହ୍ନୁ ଚରଣ ପାତ୍ର,ମଣିରାମ ସାହୁ, ଅଶୋକ ପାତ୍ର, ଜିତେନ୍ଦ୍ର ରାଉତ, କବିତା ନାୟକ ନାରୀ କବି ସରୋଜିନୀ ରାଉତ ପ୍ରମୁଖ କେନ୍ଦ୍ରାପଡ଼ା ମେଡିକାଲରେ ଶୀତବସ୍ତ୍ର ବଣ୍ଟନ ଏବଂ ରାଜନଗରୁ କେନ୍ଦ୍ରାପଡ଼ା ପର୍ଯ୍ୟନ୍ତ ମାନସିକ ବିକୃତ ବ୍ୟକ୍ତି ଏବଂ ବଳଦେବଜୀଉ ମନ୍ଦିର ପ୍ରାଙ୍ଗଣଗଣରେ ଅସହାୟ ମାନଙ୍କୁ ଖାଦ୍ୟ ବସ୍ତ୍ର ଏବଂ ଦୃଷ୍ଟିହୀନ ବିଦ୍ୟାଳୟରେ ଦୃଷ୍ଟିହୀନ ପିଲାମାନଙ୍କୁ ଶୀତବସ୍ତ୍ର ଓ ଖାଦ୍ୟ ବଣ୍ଟନ କରିଥିଲେ ।

ଚୋରା ମଦ ବିରୋଧରେ ତାତିଲେ ମହିଳା

ରାଜନଗର, ୩୧।୧୨ (ସଂଚାର ବ୍ୟୁରୋ) : ରାଜନଗର ଥାନା ଅନ୍ତର୍ଗତ କୁରୁଂଟି ଗ୍ରାମରେ ଚୋରାମଦକୁ ବିରୋଧ କରି ମହିଳାମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପ୍ରତିବାଦ ସ୍ୱରୂପ ଉତ୍ୟକ୍ତ ମହିଳାମାନେ ଦୀର୍ଘ ୩ ଘଣ୍ଟା ଧରି ରାଜନଗର-ଗୁପ୍ତି ମୁଖ୍ୟ ରାସ୍ତାରେ ଟାୟାର ଜାଳି ରାସ୍ତାରୋକ କରିବା ସହିତ ଚୋରାମଦ ବୋତଲ ଭାଙ୍ଗି ଅଭିନବ ଉପାୟରେ ପ୍ରତିବାଦ କରିଥିଲେ। ଖବରପାଇ ଘଟଣା ସ୍ଥଳରେ କୁଂରୁଂଟି ସରପଞ୍ଚ ସଶ୍ମିତା ମହାନ୍ତି, ଆଇଆଇସି ଅଜୟ କୁମାର ଜେନା, ତହସିଲଦାର ଅଜୟ କୁମାର ମହାନ୍ତି, ଏସଡିପିଓ କ୍ଷମାସାଗର ପଣ୍ଡା, ଅବକାରୀ ବିଭାଗର ସୁପରିଟେଣ୍ଡେଂଟ ବିକ୍ରମ ମଣ୍ଡଳ ପ୍ରମୁଖ ଘଟଣା ସ୍ଥଳରେ ପହଁଛି ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ମହିଳାମାନେ କୁରୁଂଟି ଛକରେ ସରକାରୀ ଜାଗାରୁ ଜବତ ଦଖଲ ଉଚ୍ଛେଦ ହେବ ଏବଂ ଚୋରାମଦ କାରବାର ସମ୍ପୂର୍ଣ୍ଣ ବନ୍ଦ ହେବ ବୋଲି ପ୍ରତିଶ୍ରୁତି ପାଇବା ପରେ ରାସ୍ତାରୋକରୁ ଉଠିଥିଲେ। ଆଜି ବର୍ଷର ଶେଷ ଦିନ ଥିବାରୁ ହଜାର ହଜାର ପର୍ଯ୍ୟଟକ ପେଣ୍ଠ ବେଳାଭୂମି ଓ ଗୁପ୍ତି ଏଂଟ୍ରି ପଏଂଟ ଦେଇ ଭିତରକନିକା ଆସିଥିଲେ। ଫେରିବା ସମୟରେ ରାସ୍ତାରୋକ

୩ ଘଣ୍ଟା ରାଜନଗର-ଗୁପ୍ତି ମୁଖ୍ୟରାସ୍ତା ଅବରୋଧ

ହଟହଟା ହେଲେ ପର୍ଯ୍ୟଟକ

ଯୋଗୁଁ ଶହ ଶହ ପର୍ଯ୍ୟଟକ ନାହିଁନଥିବା ହଟହଟା ହୋଇଥିଲେ।

ଏଠାରେ ସୂଚନା ଯୋଗ୍ୟ ରାଜନଗର ବ୍ଲକ କୁରୁଂଟି ଠାରେ ବେଆଇନ ଭାବେ ଚୋରା ମଦ ଖୁଲମଖୁଲା ବିକ୍ରି ହେଉଥିଲା। ଏହି ଚୋରାମଦ ପିଇ ୨ମାସ ଭିତରେ ୨ଜଣଙ୍କ ଅମୂଲ୍ୟ ଜୀବନ ଚାଲିଯାଇଛି। ଯାହାକୁ ନେଇ ଆଜି ମହିଳାମାନେ ପ୍ରତିବାଦ ସ୍ୱରୂପ ରାଜରାସ୍ତାକୁ ଓହ୍ଲାଇଥିଲେ। ଘଟଣାକ୍ରମେ ୨ମାସ ତଳେ ବଳରାମପୁର ଗାଁର ସ

ଫୁଲର ଦାମ୍-୮,୫୦୦

ତଥ୍ୟ ଲୁଚାଇ ବିଦା ହେଲେ କୃଷି ଅଧିକାରୀ

ଯାଜପୁର, ୩।୧।୧୨(ସଂଚାର ବ୍ୟୁରୋ): ଅଦିନିଆ ବର୍ଷାରେ ଫସଲ କ୍ଷୟକ୍ଷତି ନେଇ ଖାମଖିଆଲି ରିପୋର୍ଟ ଦେଇଥିବାରୁ ବିଦା ହେଲେ ଧର୍ମଶାଳା ବ୍ଲକ କୃଷି ଅଧିକାରୀ। ବାସ୍ତବ ତଥ୍ୟ ପାଇବା ପରେ ରାଜ୍ୟ ସରକାର ତାଙ୍କୁ ରାତି ଅଧିଆ ବଦଳି କରିଛନ୍ତି। ସୂଚନା ଅନୁଯାୟୀ, ଅଦିନିଆ ବର୍ଷାରେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକରେ ୯ ହଜାର ୨୦୦ ହେକ୍ଟର ଜମିରେ ଧାନ ଫସଲ ଥିଲା । ଲଗାଣ ଲଘୁଚାପ ବର୍ଷାରେ ଏହି ଧାନ ଫସଲ ବିଲରେ ପଚିଯାଇ ନଷ୍ଟ ହୋଇଗଲା । ହେଲେ କୃଷି ବିଭାଗ ଏବଂ ରାଜସ୍ୱ ବିଭାଗ ବେପରୁଆ ମନୋଭାବ ପାଇଁ ଏଥିନେଇ ଆକଳନ ହୋଇପାରିଲା ନାହିଁ । ଯେଉଁଥିପାଇଁ ମନ୍ତ୍ରୀଙ୍କ ସମୀକ୍ଷାରେ ଧର୍ମଶାଳା ବ୍ଲକର ନାମ ରହିଲା ନାହିଁ ବୋଲି ଯୁବନେତା ସତୀଶ ବିଶ୍ୱାଳ ସରକାରଙ୍କ ନିକଟରେ ଅଭିଯୋଗ କରିବା ପରେ ଧର୍ମଶାଳା ବ୍ଲକ କୃଷି ଅଧିକାରୀଙ୍କୁ ପ୍ରଶାସନିକ କାରଣରୁ ରାତାରାତି ବଦଳି କରାଯାଇ ଥିବାର ବିଶ୍ୱସ୍ତ ସୁତ୍ରରୁ ଖବର ମିଳିଛି । ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯାଜପୁର ଜିଲ୍ଲାର ଲଘୁଚାପ ଜନିତ କ୍ଷତି ନେଇ ସମୀକ୍ଷା କରିବା ସହ

କ୍ଷେତ୍ର ପରିଦର୍ଶନ ପରେ ବିଭିନ୍ନ କାରଣରୁ ବିବାଦ ମୁଣ୍ଡ ଟେକିଛି । ଏଥିନେଇ ମନ୍ତ୍ରୀ କରିଥିବା ସମୀକ୍ଷାରେ ବଡଚଣା ବ୍ଲକର ଧାନଚାଷ ହୋଇଥିବା ୧୩ ହଜାର ୯୬୦ ହେକ୍ଟର ଜମିରୁ ୩ ହଜାର ୭୮୦ ହେକ୍ଟର, ବିଂଝାରପୁରର ୧୧ ହଜାର ୬୦୦ ହେକ୍ଟର ଜମିରୁ ୩ ହଜାର ୮୭୫ ହେକ୍ଟର , ଦଶରଥପୁରର ୧୨ ହଜାର ୫୩୦ ହେକ୍ଟରରୁ ୨୯୮୭ ହେକ୍ଟର ଜମିରେ ଧାନ ଫସଲ ନଷ୍ଟ ହୋଇଥିବା ଜଣାପଡିଥିଲା । ଧର୍ମଶାଳା ବ୍ଲକରେ ୧୧ ହଜାର ୩୦୦ ହେକ୍ଟର ଜମିରେ ଧାନ ଫସଲ କରାଯାଇ ଥିଲା । ସେଥିମଧ୍ୟରୁ ଶାରଦ ଧାନ ୨୧୦୦ ହେକ୍ଟର ଜମିରୁ ଧାନ ଅମଳ ହୋଇଥିଲା। ଅବଶିଷ୍ଟ ୧୧ ହଜାର ୩୦୦ ହେକ୍ଟର ଜମିରେ ହୋଇଥିବା ଖରିଫ ଧାନ ଲଘୁଚାପ ବର୍ଷା ବେଳକୁ ଧାନ ଅମଳ ହୋଇନଥିଲା । ଏହି ଧାନ ସଂପୂର୍ଣ୍ଣ ନଷ୍ଟ ହୋଇଛି । ହେଲେ ଧର୍ମଶାଳା ବ୍ଲକରେ କ୍ଷତି ହୋଇ ଥିବା ସରକାର ପ୍ରକାଶ କରିନାହାଁନ୍ତି । ଗତ୩୦ ତାରିଖରେ ଧର୍ମଶାଳାର କୃଷକ ମାନଙ୍କ ପ୍ରସ୍ତାବକ୍ରମେ ସତୀଶ ବିଶ୍ୱାଳ ଗୋଟିଏ ପ୍ରତିନିଧି ଦଳ ସହ ପୋବଳ ଅଂଚଳ ସମେତ ବିଭିନ୍ନ କ୍ଷତିଗ୍ରସ୍ତ ଚାଷଜମି ପରିଦର୍ଶନ କରିଥିଲେ । ଏଠାରେ ଶତାଧିକ ଏକର ଚାଷଜମିରେ ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଥିବା ସହ ଖଳାକୁ ଆସିବାକୁ ଥିବା ଧାନଗଛର ଧାନ ଗଜା ହୋଇ ବିଲରେ ପଡିଥିବାର ଦେଖିବାକୁ ମିଳିଥିଲା । ଏଥିନେଇ ଶତାଧିକ ଚାଷୀ ଘୋର ଉଦବେଗ ପ୍ରକାଶ କରିବା ସହ ସତୀଶଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଏବଂ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ବ୍ଲିନ୍ ସିଟି କ୍ରାଇମ୍

ଜମି ବିବାଦରୁ ମହିଳାଙ୍କୁ ଆକ୍ରମଣ କରି ଗିରଫ

ଭୁବନେଶ୍ୱର,୩।୧।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରିଣୀଙ୍କ ଏତଲା ଆଧାରରେ ବାଲିଅନ୍ତା ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ଏବଂ ଅଭିଯୁକ୍ତ ଗୋଟିଏ ଗ୍ରାମର ବାସିନ୍ଦା । ପୂର୍ବରୁ ଜମିଜମା ମାମଲାକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା । ଯାହାକୁ ନେଇ ସମ୍ପୃକ୍ତ ଥାନାରେ ଅଭିଯୋଗ ମଧ୍ୟ ହେଇଥିଲା । ଗତ ତା.୨୯ରିଖ ରାତିରେ ଅଭିଯୋଗକାରୀ ଏବଂ ତାଙ୍କ ଝିଅ ଅଭିଯୋଗକାରିଣୀ ତଥା ତାଙ୍କ ପରିବାର ସଦସ୍ୟଙ୍କ ସହିତ ଝଗଡା କରିବା ସହିତ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଳଜ କରିଥିଲେ । ପରେ ଉଭୟକ୍ତ ହୋଇ ଅଭିଯୁକ୍ତ ବାବୁଲି ହଠାତ ଘରୁ ଏକ କାଠ ଫାଳିଆ ଆଣି ଅଭିଯୋଗକାରିଣୀ ଏବଂ ତାଙ୍କ ଶାଶୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଏହି ଆକ୍ରମଣ ଫଳରେ ଅଭିଯୋଗକାରିଣୀଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ବେଳେ ତାଙ୍କ ଶାଶୁ ମଧ୍ୟ ଆହତ ହୋଇଥିଲେ । ସ୍ଥାନୀୟ ବାସିନ୍ଦା ଉଭୟଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଘଟଣାର ଅଭିଯୋଗ ପରେ, ପୁଲିସ ମାମଲାର ତଦନ୍ତ କରି ଅଭିଯୁକ୍ତ ବାବୁଲିକୁ ତୁରନ୍ତ ଗିରଫ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ ।

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମାରପିଟ୍

ଭୁବନେଶ୍ୱର,୩।୧।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରୀ ବିକ୍ରମ କୁମାର ନାଥଙ୍କ ଏତଲା ଆଧାରରେ ବାଲିଅନ୍ତା ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏବଂ ଅଭିଯୁକ୍ତ ଗୋଟିଏ ଗ୍ରାମର ବାସିନ୍ଦା ହୋଇଥିବା ବେଳେ, ପରସ୍ପର ମଧ୍ୟରେ ଚିହ୍ନାପରିଚୟ ଥିଲା । ଗତ କାଲି ତା-୩୦ ରିଖ ଦିନ ସନ୍ଧ୍ୟାରେ ଅଭିଯୋଗକାରୀ ତାଙ୍କ ସାନ ଭାଇ ସହ ଧବଳହାର ଛକରେ ଛିଡା ହୋଇ ନଈରୁ ବାଲି ଚୋରୀ ହେବା ନେଇ ସମ୍ପର୍କୀୟ ମାମୁଁକ ସହିତ ଆଲୋଚନା କରୁଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ ଦିଲୀପ ପୂର୍ବ ବିବାଦକୁ କେନ୍ଦ୍ର କରି ଅଭିଯୋଗକାରୀଙ୍କ ସାନ ଭାଇଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିବା ସହିତ ଏକ ଲୁହା ଛଡ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ ଏବଂ ଜୀବନରୁ ମାରିଦେବାର ଧମକ ମଧ୍ୟ ଦେଇଥିଲେ। ପାଖରେ ଉପସ୍ଥିତ ଥିବା ସମ୍ପର୍କୀୟ ମାମୁଁ ତାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିବାକୁ ପ୍ରୟାସ କରିଥିବା ବେଳେ, ଅଭିଯୁକ୍ତ ଜଣକ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏହି ମରଣାନ୍ତକ ଆକ୍ରମଣ ଫଳରେ ଅଭିଯୋଗକାରୀଙ୍କ ସାନ ଭାଇ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ୍ୟ ତାଙ୍କ କାନ୍ଧରେ ଗୁରୁତର ଆଘାତ ଲାଗିଥିଲା। ପରିବାର ସଦସ୍ୟ ତାଙ୍କୁ ଗୁରୁତର ଅବସ୍ଥାରେ ଘଟଣା ସ୍ଥଳରୁ ତୁରନ୍ତ ଉଦ୍ଧାର କରି ହାଇ-ଟେକ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ମାମଲାର ତଦନ୍ତ କରିବା ସହିତ ଚଢଉ ଜରିଆରେ ଅଭିଯୁକ୍ତ ଦିଲୀପକୁ ତୁରନ୍ତ ଗିରଫ କରିବାରେ ସକ୍ଷମ ହୋଇଥିଲେ। ପଚରାଉଚରା ବେଳେ ଦିଲୀପ ନିଜର ଅପରାଧ ସ୍ୱୀକାର କରିଥିଲେ ।

କଳିଙ୍ଗ ଷ୍ଟୁଡିଓରୁ ଚୋରିକରି ବନ୍ଧାହେଲା ଚୋର

ଭୁବନେଶ୍ୱର,୩।୧।୧୨(ସଂଚାର ବ୍ୟୁରୋ): ଅଭିଯୋଗକାରୀ ଅଭିମନ୍ୟୁ ବେହେରାଙ୍କ ଏତଲା ଆଧାରରେ ଭରତପୁର ଥାନା ପୁଲିସ ଉପରୋକ୍ତ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଜଣକ କଳିଙ୍ଗ ଷ୍ଟୁଡିଓ ପରିସର ମଧ୍ୟରେ ଚାଲିଥିବା ନିର୍ମାଣ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଅଛନ୍ତି । ଗତ କାଲି ତା.୩୦ ରିଖ ସକାଳେ ଆଖ ପାଖରେ କହି ନଥିବାର ସୁଯୋଗ ନେଇ ଅଭିଯୁକ୍ତ ବିଭୁ ଉକ୍ତ କଳିଙ୍ଗ ଷ୍ଟୁଡିଓ ପରିସର ମଧ୍ୟରେ ପ୍ରବେଶ କରି ନିର୍ମାଣ କାର୍ଯ୍ୟ ଲାଗିଥିବା ଲୁହାଛଡ଼ ଏବଂ ବିଦ୍ୟୁତ ଉପକରଣ ସବୁକୁ କୌଶଳକ୍ରମେ ଚୋରୀକରି ନେଇଯାଇଥିଲେ । ଚୋରୀ ସମ୍ପର୍କରେ ଅବଗତ ହେବା ପରେ ଅଭିଯୋଗକାରୀ ଏନେଇ ଥାନାରେ ଏକ ଲିଖି ଅଭିଯୋଗ କରିଥିଲେ । ଘଟଣାର ଅଭିଯୋଗ ପରେ ପୁଲିସ ମାମଲାର ତଦନ୍ତ କରିବା ସହିତ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ ଜରିଆରେ ଅଭିଯୁକ୍ତ ବିଭୁକୁ ଆୟୁର୍ବେଦ କଲେଜ ଲେନରୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ, ଚୋରୀ ସାମଗ୍ରୀ ସବୁକୁ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ ।

● ଶହୀଦ ମାଧୋ ସିଂହଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ବୀରତା ଦିବସ ପାଳିତ

ଭୁବନେଶ୍ୱର,୩।୧।୧୨(ସଂଚାର ବ୍ୟୁରୋ): ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଆନୁକୂଲ୍ୟରେ ବୀରତା ଦିବସ ପାଳିତ ହୋଇଯାଇଛି । ଲୋକସମ୍ପର୍କ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଶହୀଦ ମାଧୋ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଉପନିର୍ଦ୍ଦେଶକ ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ, ଅନୁଶାସନ ସଚିବ ସୁନନ୍ଦା ଦାଶ ଓ ସୁଶ୍ରୀ ମୌସୁମୀ ଦାସ, ସହକାରୀ ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣିଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଶହୀଦ ମାଧୋ ସିଂହଙ୍କ ପ୍ରତି ଶ୍ରଦ୍ଧାସୁମନ ଜ୍ଞାପନ କରିଥିଲେ । ସୂଚନାଯୋଗ୍ୟ ଯେ ଶହୀଦ ମାଧୋ ସିଂହଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବସ ଓ ବୀରତା ଦିବସ ଆଜି ଶହୀଦଙ୍କ ଜନ୍ମପୀଠ ବରଗଡ଼ ଜିଲ୍ଲାର ଘୋଷଠାରେ ପାଳିତ ହେଉଛି । ଏହି ରାଜ୍ୟସ୍ତରୀୟ ଉତ୍ସବରେ ସ୍ଥାନୀୟ ସାଂସଦ, ବିଧାୟକ, ଜନସାଧାରଣ, ଶହୀଦ କୁଞ୍ଜଳି ସିଂହ କ୍ଲବ୍, ଘୋଷର ସଦସ୍ୟମାନେ ଯୋଗଦେଇ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓଡ଼ିଶାବାସୀଙ୍କୁ ଆଶୀର୍ବାଦ କରନ୍ତୁ

ଭୁବନେଶ୍ୱର, ୩।୧।୧୨(ସଂଚାର ବ୍ୟୁରୋ): ଇଂରାଜୀ ନବବର୍ଷ ୨୦୨୫ ପାଇଁ ସମଗ୍ର ରାଜ୍ୟବାସୀଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହା ନିଶ୍ଚିନ୍ତ ପୂରଣ ହେବ। ଏହି ଲକ୍ଷ୍ୟ ହାସଲ କରିବା ହେଉଛି ଆମ ସମସ୍ତଙ୍କ ଦାୟିତ୍ୱ । "ବିକଶିତ ଓଡ଼ିଶା" ଗଠନ ହେଉଛି ନୂତନ ବର୍ଷର ଆହ୍ୱାନ ବୋଲି ଶ୍ରୀ ସାମଲ କହିଛନ୍ତି। ୨୦୨୫ ବର୍ଷରେ ସମସ୍ତ ଆହ୍ୱାନକୁ ସାମ୍ନା କରି ଓଡ଼ିଶାକୁ ଆହୁରି ଆଗେଇ ନେବାକୁ ଶ୍ରୀ ସାମଲ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏଥିସହ ରାଜ୍ୟବାସୀଙ୍କ ଶୁଭମୟ, ଶାନ୍ତିମୟ, ମଙ୍ଗଳମୟ ଏବଂ ସମୃଦ୍ଧିମୟ ଜୀବନ କାମନା କରିଛନ୍ତି।

ଐତିହାସିକ ୨୦୨୪ ନିର୍ବାଚନରେ ଦେଖିବାକୁ ମିଳିଛି ଏକାଧିକ ବ୍ୟତିକ୍ରମ

ନୂଆଦିଲ୍ଲୀ,୩।୧।୧୨: ୨୦୨୪ ନିର୍ବାଚନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଐତିହାସିକ ତୃତୀୟ ବିଜୟ କେବଳ ତାଙ୍କ ବ୍ୟକ୍ତିଗତ ପରକ୍ଷମତାକୁ ସୁଦୃଢ଼ କରି ନାହିଁ ବରଂ ଭାରତୀୟ ରାଜନୀତିରେ ଭାରତୀୟ ଜନତା ପାର୍ଟି (ବିଜେପି)ର ଆଧିପତ୍ୟକୁ ମଧ୍ୟ ପ୍ରତିଫଳିତ କରିଛି। ଏହା ଦର୍ଶାଉଛି ଯେ ଆଜି ପ୍ରଧାନମନ୍ତ୍ରୀ ମୋଦୀ ଭାରତ ପାଇଁ ସ୍ଥିରତାର ପ୍ରତୀକ ପାଲଟିଥିବା ବେଳେ ବିଜେପି ସୁଶାସନର ପର୍ଯ୍ୟାୟବାଚୀ ଦଳ ଭାବରେ ଉଭା ହୋଇଛି। ୨୦୨୪ରେ ବିଶ୍ୱର ପ୍ରମୁଖ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକରେ ସରକାର ବିରୋଧୀ ହାୱା ପ୍ରବାହିତ ହୋଇଥିଲା, ଯେଉଁଥିରେ କ୍ଷମତାସୀନମାନେ ଗୁରୁତ୍ୱପୂର୍ଣ୍ଣ ପରାଜୟର ସମ୍ମୁଖୀନ ହୋଇଥିଲେ। ଯୁକ୍ତରାଷ୍ଟ୍ର ଆମେରିକାରେ ଡେମୋକ୍ରାଟମାନେ କଂଗ୍ରେସର ଉଭୟ ଗୃହରେ ଅଧ୍ୟକ୍ଷତା ଓ ନିୟନ୍ତ୍ରଣ ହରାଇଥିଲେ। ବ୍ରିଟେନରେ କନଜର୍ଭେଟିଭ୍ ପାର୍ଟି (ଟୋରି) ନିର୍ଣ୍ଣାୟକ ଭାବେ କ୍ଷମତାରୁ ବହିଷ୍କୃତ ହୋଇଥିଲା। ସେହିପରି ଫ୍ରାନ୍ସ, ଦକ୍ଷିଣ କୋରିଆ ଓ ପୋଲାଣ୍ଡରେ ଶାସକ ଦଳ ଗୁଡ଼ିକ ପ୍ରତି ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହି ବୈଶ୍ୱିକ ଧାରାର ବିପରୀତ ଭାରତରେ ନରେନ୍ଦ୍ର ମୋଦୀ କେବଳ କ୍ଷମତା ବଜାୟ ରଖିନାହାନ୍ତି ବରଂ ଐତିହାସିକ ତୃତୀୟ ପାଳିରେ ମଧ୍ୟ ଶାସନଭାର ବଜାୟ ରଖିଛନ୍ତି। ୨୦୧୪ ଓ ୨୦୧୯ରେ ସ୍ପଷ୍ଟ ବିଜୟ ପରେ ଭାରତୀୟ ଭୋଟରମାନେ ପୁଣିଥରେ ମୋଦୀଙ୍କୁ ଦୃଢ଼ ଜନାଦେଶ ଦେଇ ଅନ୍ତର୍ଜାତୀୟ ସରକାର ବିରୋଧୀ ହାୱାର ସମ୍ପୂର୍ଣ୍ଣ ଓଲଟା ଛବି ପ୍ରଦର୍ଶିତ କରିଥିଲେ।

ଜିନ୍ନତକୁ ଶିମିଳିପାଳ ଛାଡ ଏନ୍‌ଟିସିଏର ନିର୍ଦ୍ଦେଶ



ଭୁବନେଶ୍ୱର,୩।୧।୧୨(ସଂଚାର ବ୍ୟୁରୋ): ବାଘୁଣୀ ଜିନ୍ନତକୁ ଶିମିଳିପାଳ ଫେରାଇବାକୁ ଏନଟିସିଏର ନିର୍ଦ୍ଦେଶ। ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଲା ଏନଟିସିଏ । ଓଡିଶା ଚିଫ୍ ୱାଇଲ୍ଡ ଲାଇଫ ୱାର୍ଡେନ୍ ଏନେଇ ଚିଠି ଲେଖିଛନ୍ତି । ଚିଠିରେ ଉଲ୍ଲେଖ କରି କହିଛନ୍ତି, ବନ୍ୟ ପ୍ରାଣୀ ଆଇନ୍ ଅନୁସାରେ ତୁରନ୍ତ ଶିମିଳିପାଳ ପଠାନ୍ତୁ। ଏନଟିସିଏ ଏସଓପି ଅନୁସାରେ ଜିନ୍ନତକୁ ଶିମିଳିପାଳ ପଠାଇ ଦିଅନ୍ତୁ ।

ପ୍ରଣବଙ୍କ ପରେ କିଏ ହେବେ ଓସିଏ ସଭାପତି ?

କଟକ,୩।୧।୧୨(ସଂଚାର ବ୍ୟୁରୋ): ଓସିଏ ପଦରୁ ପ୍ରଣବ ପ୍ରକାଶ ଦାସ ଇସ୍ତଫା ପରେ ଏବେ ନୂଆ ସଭାପତିକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି। ଓସିଏ ସଭାପତି ଦୌଡ଼ରେ ଏବେ ମୁଖ୍ୟତଃ ତିନି ନାଁକୁ ନେଇ ଚର୍ଚ୍ଚା ହେଉଛି। ସେମାନେ ହେଲେ ଓସିଏ ଆପେକ୍ସ କାଉନସିଲ ସଦସ୍ୟ ତଥା ଅନୁଗୋଳର ଭାଜପା ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ ଓ ଶିଳ୍ପପତି ତଥା ଓସିଏ ଉପସଭାପତି ପଙ୍କଜ ଲୋଚନ ମହାନ୍ତି ଓ ପୂର୍ବତନ କ୍ରିକେଟର ତଥା କ୍ରୀଡ଼ା ସଂଗଠନ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ତେବେ ଆଗରେ ଅଛି ଭାଜପା ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନଙ୍କ ନାଁ ରହିଛି। ସୂଚନାଯୋଗ୍ୟ, ୨୦୨୨ ଅକ୍ଟୋବର ୨୮ରେ ବବି ଓସିଏର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ।

ବାଚସ୍ପତିଙ୍କୁ 'ଉତ୍କଳ କମଳା' ସମ୍ମାନ

ଭୁବନେଶ୍ୱର, ୩।୧।୧୨ (ସଂଚାର ବ୍ୟୁରୋ): ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଦେବଭାଷା ସଂସ୍କୃତର ଗୁରୁତ୍ୱ ସର୍ବଜନବିଦିତ। ଆଧୁନିକ ଭାଷା ସଂସ୍କୃତର ମୂଳ ଆଧାରରୁ ସମୃଦ୍ଧ ହୋଇପାରିଛି। ସଂସ୍କୃତ ବା ଦେବନାଗରୀ ହିନ୍ଦୁଧର୍ମର ପବିତ୍ର ଭାଷା ହୋଇଥିବାବେଳେ ବୌଦ୍ଧ, ଜୈନ ଧର୍ମର ଦର୍ଶନ ଶାସ୍ତ୍ରରେ ଏହାର ବହୁଳ ବ୍ୟବହାର ଦେଖିବାକୁ ମିଳିଥାଏ ବୋଲି ବାଚସ୍ପତି ସୁରମା ପାଢ଼ୀ ପ୍ରକାଶ କରିଛନ୍ତି ।

ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାଳୟଠାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କୁ 'ଉତ୍କଳ କମଳା' ସମ୍ମାନରେ ସମ୍ମାନିତ କରାଯାଇଛି । ସମ୍ମାନ ଗ୍ରହଣ କରିବା ଅବସରରେ ଶ୍ରୀମତୀ ପାଢ଼ୀ ଶ୍ରୀମଦ୍ ଭଗବତଗୀତା ଉପରେ ବିଶଦ ଭାବେ ବାଖ୍ୟାନ କରି କହିଛନ୍ତି ଯେ ଗୀତା ପଠନ ଅଭ୍ୟାସ ଓ ଏହାର ଦୈନନ୍ଦିନ ଜୀବନରେ ବ୍ୟବହାର ଦ୍ୱାରା ସୁସ୍ଥ ପରିବାର ସହ ସମୃଦ୍ଧ ସମାଜ ଗଠନ କରାଯାଇପାରିବ। ତିରୁପତିସ୍ଥିତ ରାଷ୍ଟ୍ରୀୟ ସଂସ୍କୃତ ବିଦ୍ୟାଳୟର ଓଡ଼ଶା ଚେୟାର ପ୍ରତିଷ୍ଠାର ରୌପ୍ୟଜୟନ୍ତୀ ପାଳନ ଅବସରରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କୁ 'ଉତ୍କଳ କମଳା' ସମ୍ମାନରେ ସମ୍ମାନିତ କରାଯାଇଛି । ବିଶ୍ୱବିଦ୍ୟାଳୟରେ ୧୯୯୭ରେ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦନ ପାଇଁ ଓଡ଼ିଶା ଚେୟାର ପ୍ରତିଷ୍ଠା କରାଯାଇଥିଲା । ଏଠାରେ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀଜୟଦେବଙ୍କ ସାହିତ୍ୟ ଓ ଶ୍ରୀଚୈତନ୍ୟଙ୍କ ଦର୍ଶନ ସମ୍ପର୍କରେ ଶିକ୍ଷା ଓ ଗବେଷଣା ଚାଲୁ ରହିଛି ।

କୁଳପତି ପ୍ରଫେସର ଜିଏସ୍‌ଆଇ କୃଷ୍ଣମୂର୍ତ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ 'ଉତ୍କଳପୀଠ' ତଥା ଓଡ଼ିଶା ଚେୟାରର ନିର୍ଦ୍ଦେଶକ ଡା. ଜ୍ଞାନରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୁଳସଚିବ ପ୍ରଫେସର ଆର୍‌ଜେ ରମାଶ୍ରୀ କାର୍ଯ

SANCHAR
ସଂଚାର

୪ ବୁଧବାର ୧ ଜାନୁଆରୀ ୨୦୨୫, ଭୁବନେଶ୍ୱର
Wednesday 1 January 2025 Bhubaneswar

ଜୀବନ ଅମୃତ ଅନୁଚିନ୍ତା

ସତ୍ୟର ବିଜୟ- ସତ୍ୟର ପରାଜୟ ଅସମ୍ଭବ। ସୂର୍ଯ୍ୟ ରଶ୍ମୀକୁ ଯେପରି ମେଘ ଅଧିକ ସମୟ ଢାଙ୍କିପାରେ ନାହିଁ, ଠିକ ସେହିପରି ସତ୍ୟକୁ ମିଥ୍ୟା ଅଧିକ ଦିନ ଢାଙ୍କିପାରିବ ନାହିଁ। ଆଜି ନହେଲେ କାଲି ସତ୍ୟର ବିଜୟ ଅବଶ୍ୟମ୍ଭାବୀ।

ନୂଆ ସକାଳକୁ ସ୍ୱାଗତ

ଇଂରାଜୀ କ୍ୟାଲେଣ୍ଡର ବର୍ଷ ୨୦୨୪ ଆଜି ଆମ ନିକଟରୁ ବିଦାୟ ନେଇଛି। ୨୦୨୪ ଏବେ ଇତିହାସ। ଏହା ସହିତ ନୂତନ ବର୍ଷ ୨୦୨୫ ପ୍ରବେଶ କରିଛି। ଏହା କେବଳ ଏକ ତାରିଖ ପରିବର୍ତ୍ତନ। ଏଥିରେ ସେମିତି କିଛି ନୂତନତ୍ୱ ନାହିଁ। କିନ୍ତୁ ଏହା ସତ୍ତ୍ୱେ ଆମକୁ ଏହାକୁ ସ୍ୱାଗତ କରିବାକୁ ପଡ଼ିବ। ପରିବର୍ତ୍ତନ ହେଉଛି ପ୍ରକୃତିର ନିୟମ। ଋତୁ ପରିବର୍ତ୍ତନ ଭଳି ବର୍ଷ, ମାସ, ଦିନ ସବୁ ବେଳେ ପରିବର୍ତ୍ତିତ ହୋଇଥାଏ। ଆଜି ଦିନଟି କାଲିକୁ ଇତିହାସ। ଅତୀତକୁ ବିଦାୟ ଦେଇ ନୂତନତ୍ୱକୁ ସ୍ୱାଗତ କରିବା ଆମର ପ୍ରବୃତ୍ତି। ଆଜି ଇତିହାସ ବୃଷ୍ଟାରେ ଆଉ ଏକ ଫର୍ଦ୍ଦ ଯୋଡ଼ି ହୋଇଯାଇଛି। କୁହାଯାଏ ଯେ ଗୋଟିଏ ଜାତି, ଗୋଟିଏ ରାଷ୍ଟ୍ର ବା ବ୍ୟକ୍ତି ଆଗକୁ ଯିବାକୁ ହେଲେ ନିଜ ଇତିହାସକୁ ପର୍ଯ୍ୟାଲୋଚନା କରିବା ଉଚିତ। ଇତିହାସରୁ ଶିକ୍ଷା ଲାଭ କରି ଆମକୁ ଆଗକୁ ଯିବାକୁ ପଡ଼ିବ। ଏହା ହିଁ ପ୍ରକୃତିର ନିୟମ। ବିଦାୟୀ ବର୍ଷ ୨୦୨୪ ଅନେକ ଦୃଷ୍ଟିରୁ ମାନବସମାଜ ଏବଂ ଆମ ଦେଶ, ରାଜ୍ୟ ପାଇଁ ଘଟଣା ବହୁଳ ଥିଲା। ମାତ୍ର ୩ ବର୍ଷ ତଳେ ସାରା ବିଶ୍ୱ କୋଭିଡ ମହାମାରୀ ସହ ଲଢ଼େଇ କରି ଏଥିରେ ବିଜୟୀ ହୋଇଛି। କିନ୍ତୁ କୋଟି କୋଟି ଲୋକ ଏଥିରେ ଜୀବନ ହରାଇଛନ୍ତି। ଏବେ ବି ଏହି ଭୟ ସମ୍ପୂର୍ଣ୍ଣ ଦୂର ହୋଇନି। କେତେବେଳେ ଏହା ନୂଆ ରୂପ ନେଇ ଫେରିବ ତାହା କୁହାଯାଇପାରିବ ନାହିଁ। ନୂଆ ବର୍ଷକୁ ସ୍ୱାଗତ କରିବା ବେଳେ ଆମକୁ ପୁଣି ଥରେ ସତର୍କତା ଅବଲମ୍ବନ କରିବାର ସଙ୍କଳ୍ପ ନେବାକୁ ପଡ଼ିବ। ନୂଆ ବର୍ଷରେ ଆମକୁ ପୁନର୍ବାର ଲଢ଼େଇ ଜାରି ରଖିବାକୁ ପଡ଼ିବ। ବିଦାୟୀ ବର୍ଷ ସାଧାରଣ ଖାଉଟୀଙ୍କ ପାଇଁ ଏକ କଠିନ ପରୀକ୍ଷାର ବର୍ଷ ଥିଲା। ଏହି ବର୍ଷ ଇନ୍ଧନ ଏବଂ ଅନ୍ୟ ସବୁ ସାମଗ୍ରୀର ଦର ବୃଦ୍ଧି ଘଟିଛି। ବିଶ୍ୱ ଅର୍ଥନୀତିରେ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ମୁଦ୍ରାସ୍ଫୀତି ବଢ଼ିଛି। ଶିଳ୍ପ ଓ କୃଷି ଉତ୍ପାଦନ ମଧ୍ୟ ହ୍ରାସ ପାଇଛି। କାରଣ ହେଲା ଶକ୍ତି ସଙ୍କଟ। ଏହା ସହିତ ସାର ଦରବୃଦ୍ଧି ଯୋଗୁଁ କୃଷି କ୍ଷେତ୍ର ପ୍ରଭାବିତ ହୋଇଛି। କୃଷକଙ୍କ ଉପରେ ଦରବୃଦ୍ଧିର ବୋଝ ହ୍ରାସ କରିବାକୁ ସରକାର ସାର ଉପରେ ସବସିଡି ବଢ଼ାଇଛନ୍ତି। କିନ୍ତୁ ଏହାର ବୋଝ ସାଧରଣ ଲୋକଙ୍କ ଉପରେ ଟିକସ ମାଧ୍ୟମରେ ପଡ଼ିଛି। ରଷିଆ- ୟୁକ୍ରେନ ଯୁଦ୍ଧ ଏକ ମହାଯୁଦ୍ଧ ଆଡ଼କୁ ଗତି କରିବା ଭଳି ମନେ ହେଉଛି। ଏହା ସହିତ ଚୀନର ବିସ୍ତାରବାଦୀ ନୀତି ଚିନ୍ତାର କାରଣ ହୋଇଛି। ତାଇୱାନ ଦଖଲ ନିମନ୍ତେ ଚୀନର ପ୍ରୟାସ ଯୋଗୁଁ ଉତ୍ତେଜନା ସୃଷ୍ଟି ହୋଇଛି ଏବଂ ଆମେରିକା ଓ ଚୀନ ଭଳି ବିଶ୍ୱର ଦୁଇ ମହାଶକ୍ତି ପରସ୍ପରର ମୁହାଁମୁହିଁ ହୋଇଛନ୍ତି। ଏହା ୨୦୨୫ର ସବୁଠାରୁ ବଡ଼ ଚାଲେଞ୍ଜ। ୨୦୨୪ ରାଜନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଇଂଲଣ୍ଡ, ଆମେରିକା, ଜାପାନରେ ନେତୃତ୍ୱ ପରିବର୍ତ୍ତନ ହୋଇଛି। କିନ୍ତୁ ଭାରତରେ ରାଜନୈତିକ ସ୍ଥିରତା ବଜାୟ ରହିଛି। ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧିନ ଏନଡିଏ ପୁନର୍ବାର ବିଜୟୀ ହୋଇଛି। ନରେନ୍ଦ୍ର ମୋଦି କ୍ରମାଗତ ତୃତୀୟ ଥର ନିମନ୍ତେ ଦେଶର ପ୍ରଧାନମନ୍ତ୍ରୀ ହୋଇ ନୂଆ ଇତିହାସ ସୃଷ୍ଟି କରିଛନ୍ତି। ଓଡ଼ିଶାରେ ୨୪ ବର୍ଷର ବିଜେଡି ଶାସନର ଅନ୍ତ ଘଟିଛି। ଲୋକେ ନବୀନଙ୍କୁ କ୍ଷମତାଚ୍ୟୁତ କରି ବିଜେପି ସପକ୍ଷରେ ରାୟ ଦେଇଛନ୍ତି। ଜଣେ ସାଧାରଣ ଆଦିବାସୀ ନେତା ମୋହନ ଚରଣ ମାଝୀ ରାଜ୍ୟର ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରାଜ୍ୟର ରାଜନୈତିକ ଇତିହାସରେ ନୂଆ ଇତିହାସ ସୃଷ୍ଟି ହୋଇଛି। ରାଜ୍ୟବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ପ୍ରତି ଆସ୍ଥା ଓ ବିଶ୍ୱାସ ସ୍ଥାପନ କରିଛନ୍ତି। ଆଶା କରାଯାଉଛି ଓଡ଼ିଶାର ଭାଗ୍ୟ ବଦଳିବ ଏବଂ କେନ୍ଦ୍ର ସରକାର ଓଡ଼ିଶାର ବିକାଶ ନିମନ୍ତେ ସବୁ ପ୍ରକାର ସାହାଯ୍ୟ ଏବଂ ସମର୍ଥନ କରିବେ। ଜାତୀୟ ରାଜନୀତିରେ ମୋଦିଙ୍କ ନେତୃତ୍ୱାଧନ ବିଗେଜପିର ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏହା ଦେଶର ସବୁଠାରୁ ପ୍ରଭାବଶାଳି ଦଳ ଭାବେ ଉଭା ହୋଇଛି। ଓଡ଼ିଶା ବ୍ୟତିତ ମହାରାଷ୍ଟ୍ର, ହରିୟାନା ଭଳି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ଦଳ କ୍ଷମତା ଦଖଲ କରିଛି। ଆନ୍ଧ୍ରରେ ଏହା କ୍ଷମତାସୀନ ମେଣ୍ଟରେ ଅଂଶୀଦାର ହୋଇଛି। ଓଡ଼ିଶାରୁ କେନ୍ଦ୍ରରେ ତିନିଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ପଦ ପାଇଛନ୍ତି। ଆଶା କରାଯାଉଛି ଓଡ଼ିଶାର ବିକାଶରେ ଏହା ମହତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ। ପ୍ରତିବର୍ଷ ଭଳି ୨୦୨୪ରେ ମଧ୍ୟ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଅକ୍ଟୋବରରେ ବାତ୍ୟା ଦାନା ପ୍ରଭାବ ସୀମିତ ଥିଲା। ଓଡ଼ିଶା ଅଳ୍ପକେ ବର୍ତ୍ତିଗଲା। କିନ୍ତୁ ଡିସେମ୍ବରରେ ଲଗାତର ଦୁଇଟି ଲଘୁଚାପ ଜନିତ ବର୍ଷା ଉପକୂଳ ଓଡ଼ିଶାରେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ଅନେକ ଚାଷୀ ପ୍ରାଣ ହରାଇଲେଣି। ଅଦିନିଆ ବର୍ଷାରେ ଖରିଫ ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟରେ ଆମ୍ବଟାକୁଆ ଖାଇ ଲେଶକେ ମରିଛନ୍ତି। ବିଷାକ୍ତ ମଦମୃତ୍ୟୁ ହୋଇଛି। ତେବେ ସୁଖର କଥା ନୂଆ ସରକାର ଆସିବା ପରେ ପ୍ରତିଶ୍ରୁତି ବୁଢାବକ ମହାପ୍ରଭୁଙ୍କ ରତ୍ନ ଭଣ୍ଡାର ଖୋଲିଛି। ନୂଆ ସରକାର ଆସିବା ପରେ ରାଜ୍ୟରେ ମହିଳାଙ୍କ ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ ହୋଇଛି। କିନ୍ତୁ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଯୋଗୁଁ ଖାଉଟୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଉଭୟ ଚାଷୀ ଏବଂ ଖାଉଟୀଙ୍କ ଦୁର୍ଦ୍ଦଶା ବଢ଼ିଛି। ଆଳୁ ଓ ପିଆଜ ସହିତ ଅନ୍ୟାନ୍ୟ ପନିପରିବା ଦର ଆକାଶ ଛୁଆଁ ହୋଇଛି। ଏବେ ସରକାର ଅନୁଭବ କରୁଛନ୍ତି ରାଜ୍ୟରେ ଆଳୁ ମିଶନ ଫେଲ ମାରିଛି। ଅନ୍ୟାନ୍ୟ ପନିପରିବା ଉତ୍ପାଦନ ବୃଦ୍ଧିର ମଧ୍ୟ ଆବଶ୍ୟକତା ରହିଛି। ନୂଆ ବର୍ଷରେ ଏହି ସଙ୍କଳ୍ପ ନେଇ ରାଜ୍ୟ ସରକାର ନୂଆ ଉଦ୍ୟମ କରିବେ ବୋଲି ଆଶା। ବିଦାୟୀ ବର୍ଷ ଥିଲା ନିର୍ବାଚନର ବର୍ଷ। ବର୍ଷ ତମାମ ରାଜ୍ୟ ରାଜନୀତି ସରଗରମ ହୋଇଛି। ରାଜନୈତିକ ଦଳ ପକ୍ଷରୁ ପରସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ ଚାଲିଛି। ନିର୍ବାଚନ ବେଳେ ଏହା ସ୍ୱାଭାବିକ। କିନ୍ତୁ ନିର୍ବାଚନ ପରେ ମଧ୍ୟ ଏଭଳି ଆରୋପ-ପ୍ରତ୍ୟାରୋପ ଚାଲିଛି। ଏହାକୁ ଏଡ଼ାଯାଇପାରିଲେ ଭଲ ହେବ। ରାଜ୍ୟ ତଥା ଦେଶର ବିକାଶ ନିମନ୍ତେ ଦଳମତ ନିର୍ବିଶେଷରେ ସମସ୍ତେ ଏକମନ ଏକପ୍ରାଣ ହୋଇ କାର୍ଯ୍ୟ କରିବା ଉଚିତ। ୨୦୨୪ରେ ଏକ ବଡ଼ ପରିବର୍ତ୍ତନ ଲାଗି ପ୍ରସ୍ତାବ ଆସିଛି। ତାହା ହେଲା ଗୋଟିଏ ଦେଶ ଗୋଟିଏ ନିର୍ବାଚନ। ସାରା ଦେଶରେ ଏକସଙ୍ଗେ ଲୋକସଭା ଏବଂ ସବୁ ରାଜ୍ୟ ବିଧାନସଭା ନିର୍ବାଚନ ଏକାଠି କରିବାକୁ ଏକ ବିଲ ସଂସଦରେ ଆଗତ ହୋଇଛି। ଏହା ଏବେ ଜେପିସିରେ ବିଚାରାଧିନ ରହିଛି। ନୂଆ ବର୍ଷରେ ଏହା ଉପରେ ବିତର୍କ ହେବ ବୋଲି ଆଶା କରାଯାଉଛି। ଜାତୀୟ ସ୍ତରରେ ଅନେକ ବିବାଦୀୟ ପ୍ରସଙ୍ଗ ଆଗକୁ ଆସିଛି। କୋଲକାତାରେ ଜଣେ ଡାକ୍ତରୀ ଛାତ୍ରୀଙ୍କୁ ଦୁଷକର୍ମ ଏବଂ ହତ୍ୟା ଘଟଣା ସାରା ଦେଶରେ ମହିଳାଙ୍କ ସୁରକ୍ଷା ନେଇ ପ୍ରଶ୍ନ ସୃଷ୍ଟି କରିଛି। ଦେଶର ସୁରକ୍ଷା ପ୍ରସଙ୍ଗ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମଣିପୁର ଏବଂ ଜାମ୍ମୁ-କାଶ୍ମୀରରେ ହିଂସା ଅବ୍ୟାହତ ରହିଛି। ତେବେ ମାଓବାଦୀ ସମସ୍ୟା ଅନେକାଂଶରେ ଦୂର ହୋଇଛି। ସୁରକ୍ଷା କର୍ମୀଙ୍କ ଯୋରଦାର ଅଭିଯାନ ଫଳରେ ଅନେକ ମାଓବାଦୀ ନିହତ ହୋଇଛନ୍ତି। ବର୍ଷ ଶେଷ ଭାଗରେ ଦଶର ଜିଡିପି ହ୍ରାସ ପାଇଛି, ମୁଦ୍ରାସ୍ଫୀତି ବଢ଼ିଛି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ଜଟିଳ ହୋଇଛି। ଏହାର ପ୍ରଭାବ ଭାରତରେ ମଧ୍ୟ ପଡ଼ିଛି। ନୂଆ ବର୍ଷରେ ସମସ୍ୟା ସମାଧାନ ଲାଗି ନୂଆ ପ୍ରୟାସ ହେବ ବୋଲି ଆଶା। ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱ ଶାନ୍ତି ପ୍ରତିଷ୍ଠା ଉଦ୍ୟମର ନେତୃତ୍ୱ ନେବେ ବୋଲି ଆଶା। ଯାହା ବି ହେଉ ନୂଆ ବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ, ଏହା ହିଁ ଜଗତରନାଥଙ୍କୁ ପ୍ରାର୍ଥନା।

୨୦୨୫: ଶୁଭ ନବ ବର୍ଷ

ଶ୍ରୀ ଦାଶରଥୀ ଶତପଥୀ

୨୦୨୫ନୂତନ ବର୍ଷ ଆବିର୍ଭାବ ଫଳରେ ପୁରୁଣା ବର୍ଷ ଅପସରି ଯାଇଛି। ବିଶ୍ୱବାସୀଙ୍କ ପାଇଁ ଆଣିଦେଇଛି ନୂତନ ସଂଦେଶ, ନୂଆ ସଂକଳ୍ପ ଓ ରଙ୍ଗୀନ ସ୍ୱପ୍ନକୁ ନେଇ। ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ଅଧିକ ତ୍ୱରାନ୍ୱିତ କରିବାକୁ ସରକାର ସଦାଚେଷ୍ଟିତ ଥିଲାବେଳେ ୨୦୨୫ ମସିହା ସମସ୍ତଙ୍କ ପାଇଁ ଆଶା, ଭରସା ଓ ସମୃଦ୍ଧିର ବର୍ଷ ହେଉ। ଏହି ପରିପ୍ରେକ୍ଷୀରେ ଜାତିର ଜନକଙ୍କ ମୂଲ୍ୟବୋଧଭିତ୍ତିକ ଶିକ୍ଷା, ଆଦର୍ଶ, ସତ୍ୟ, ଧର୍ମ, ନ୍ୟାୟ ଓ ଅନୁଶାସନ ପଥରେ ରହି ଦେଶ ଓ ରାଜ୍ୟର ସ୍ୱପ୍ନ ସାକାର କରିବା ପାଇଁ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ। ଏବେ ପ୍ରତ୍ୟେକଙ୍କର ମାନସ ମନ୍ଥନର ସମୟ ଆସିଛି। କର୍ମ ସାଧନ ନକରି ବଂଚିରହିବା କେବେହେଲେ ସମ୍ଭବ ନୁହେଁ। ଆମେ ଅଧିକାଂଶବେଳେ ଫଳର ଆକାଂକ୍ଷାରେ ବ୍ୟସ୍ତହୋଇପଡୁ କିନ୍ତୁ କର୍ମସାଧାନର ଗୁଢ଼ ରହସ୍ୟ ହେଲା ଫଳାସକ୍ତି ବର୍ଜିତ ହୋଇ କର୍ମକରିବାକୁ ପଡ଼ିବ। ତେଣୁ କୁହାଯାଇଛି "କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ"।ଆମର ସଫଳତା ଆମର କର୍ତ୍ତବ୍ୟରେ ହିଁ ନିହୀତ ରହିଛି। ଆମେ ପୁରୁଣା ବର୍ଷରେ କରିଥିବା କିଛି ତ୍ରୁଟିକୁ ସୁଧାରିବାକୁ ପଡ଼ିବ ନୂତନ ବର୍ଷରେ। ଯଦି ଆମେ ସୁଖରେ ରହିବାକୁ ପଡ଼ିବ ଚାହିଁବା ତାହାହେଲେ ପ୍ରଥମ ଦିନଠାରୁ ଖୁସି ଆଉ ଉତ୍ସାହପୂର୍ବକ ରହିବାକୁ ହେଲେ ପୁରା ବର୍ଷ ସେହିଭଳି କର୍ତ୍ତବ୍ୟ କରି କାଟିବାକୁ ପଡ଼ିବ।"ସର୍ବେ ଭବନ୍ତୁ ସୁଖିନ, ସର୍ବେ ସନ୍ତୁ ନିରାମୟା"ମନ୍ତ୍ରର ଭାବଧାରାକୁ ଆପଣାଇନେବାକୁ ପଡ଼ିବ।

ଗତ ବର୍ଷର ଘଟଣାକୁ ତର୍ଜମା କଲେ ଜଣାପଡେ ଯେ ଯୁଦ୍ଧ ଓ ସଂଘର୍ଷ ସମଗ୍ର ପୃଥିବୀରେ ଘୃଣା ଓ ବିଧ୍ୱଂସର ମଂଜି ବୁଣିଦେଇଛି। ବାଲାଂଦେଶରେ ବିଦ୍ରୋହ, ହସିନା ସରକାରର ପତନ, ପାକିସ୍ଥାନ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ରୂପରେଖ, ରୁଷ ଓ ୟୁକ୍ରେନ ଯୁଦ୍ଧ, ଇସ୍ରାଏଲ ପାଲେଷ୍ଟାଇନ(ଇସ୍ରାଏଲ ହମାସ) ମାଟିରୁ ଗାଜାର ଚିହ୍ନବର୍ଣ୍ଣ ଲୋପ କରିବାର ପ୍ରୟାସ, ମିଆଁମାର ଗୃହଯୁଦ୍ଧ ଠାରୁ ଆରମ୍ଭ କରି, ଦକ୍ଷିଣ କୋରିଆ ଏବଂ ଉତ୍ତର କୋରିଆ ମଧ୍ୟରେ ଲାଗିରହିଥିବା ବିବାଦ ତିବ୍ର ହେବା, ନିରୀହ ଜନତାଙ୍କ ମୃତ୍ୟୁ ସାରା ବିଶ୍ୱକୁ ଚକିତ କରିଦେଇଛି। ଏଥିପାଇଁ ଆମେରିକା, ଇସ୍ରାଏଲ, ୟୁକ୍ରେନ, ରୁଷିଆଙ୍କୁ ଏପରି ଭୟଙ୍କର ବିପଦରୁ ରକ୍ଷା ସହିତ ଓ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ବିଶେଷ କରି ଭାରତ ଆନ୍ତର୍ଜାତିକସ୍ତରରେ ସବୁ ପ୍ରକାର ଚେଷ୍ଟା ଚଳାଇଛି। ଏହାସତ୍ତ୍ୱେ ଏହାର ମୁକାବିଲା ଥିଲା ମାନବ ସମାଜ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା।

ଆମ ରାଜ୍ୟ ଓ ଦେଶ ପରିପ୍ରେକ୍ଷୀରେ ବହୁତ କିଛି ଘଟଣା, ଦୁର୍ଘଟଣା ଘଟିଯାଇଛି ଏବଂ ଏହାର ସଫଳ ମୁକାବିଲା ମଧ୍ୟ ହୋଇଛି। ଦେଶରେ ରାଜନୀତି କ୍ଷେତ୍ରଠାରୁ ଆରମ୍ଭ କରି ସାମାଜିକ କ୍ଷେତ୍ରରେ ବହୁତ କିଛି ପରିବର୍ତ୍ତନ ହୋଇଛି। ଆମ ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା, କୃଷି, ମତ୍ସ୍ୟଚାଷ ଓ ପର୍ଯ୍ୟଟନ କ୍ଷେତ୍ରରେ ଉଲ୍ଲେଖନୀୟସଫଳତା ହାସଲ କରିବା ଆମ ପାଇଁ ଏକ ଗୌରବର ବିଷୟ। ବିଗତ ବର୍ଷ ଓଡିଶାରେ ଦୁଇ ଥର ପାଇଁ ହକି ବିଶ୍ୱକପ ଆୟୋଜନ କରାଯିବା ଏବଂ ହାର୍ଦ୍ଦିକ ସିଂହ ବିଶ୍ୱର ଶ୍ରେଷ୍ଠ ଖେଳଳୀଭାବେ ପୁରସ୍କୃତ ହେବା କ୍ରୀଡାଜଗତ ପାଇଁ ଏକ ଅଦ୍ଭୁତପୂର୍ବ ସଫଳତା କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଲମ୍ପିକରେ ଭାରତ ହକିରେବ୍ରୋଞ୍ଜ ପଦକ ଜିତିବା ଏବଂ ଓଡିଶା ହକି ଟିମ୍ ପ୍ରଥମ ଥର ପାଇଁ ସର୍ବଭାରତୀୟ କ୍ରୀଡାରେ ଚାଂପିଆନ ହେବା ଆମ ରାଜ୍ୟ ପାଇଁ ଗୌରବ ଆଣିଦେଇଛି। ଜନସାଧାରଣଙ୍କ ପାଇଁ ଅଦାଲତି ବ୍ୟବସ୍ଥାର ସରଳୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ଓଡିଆରେ ରାୟ ପ୍ରକାଶ, ଜନସ୍ୱାର୍ଥ ମାମଲା, ପୋର୍ଟାଲ, ଡିଜିଟାଇଜେସନ ବ୍ୟବସ୍ଥା କିମ୍ବା ଆଭାସି ଅଦାଲତ ନ୍ୟାୟିକ ବ୍ୟବସ୍ଥାକୁ ସହଜ କରିଛି, ଯାହାକି ସବୁସ୍ତରର ଲୋକମାନଙ୍କ ମୁହଁରେ ହସ ଫୁଟିପାରିଛି।

ବିଗତ ଦିନରେ ରାଜ୍ୟ, ଦେଶ ଓ ସମଗ୍ର ବିଶ୍ୱ ଅନେକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି ଓ ଏହାର ମୁକାବିଲା ପାଇଁ ଅନେକ କିଛି ଶିକ୍ଷା ଦେଇଛି। ସାରା ବିଶ୍ୱ ଯେପରି ଗୋଟିଏ ସ୍ୱରରେ, ଗୋଟିଏ ମନ ପ୍ରାଣରେ ହିଂସା, ସାଂପ୍ରଦାୟିକତା ଓ ଆତଙ୍କବାଦ ବିରୁଦ୍ଧରେ ଲଢ଼େଇ କରି ବିଜୟୀ ହୋବାକୁ ଚେଷ୍ଟା କରୁଛି ଭାରତ ସେଥିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି।ବିଗତ ବାତ୍ୟାରେ ପ୍ରଭାବିତ ହୋଇଥିବା ଓଡିଶାକୁ ଏହି ସରକାର ଠିକ୍ ଭାବରେ ପରିଚାଳନା କରି ବାତ୍ୟାର ମୁକାବିଲା କରିଥିଲେ ଯାହାକୁ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଭୁୟସୀ ପ୍ରଶଂସା କରିଥିଲା।ଗତ କିଛି ଦିନ ତଳେ ମାଟିର ସୁଡଙ୍ଗ ତଳୁ ଫସିଥିବା ଶ୍ରମିକଙ୍କର ଉଦ୍ଧାର ଅଭିଯାନରେ ଆଧୁନିକ ଟେକ୍ନୋଲୋଜିର ବ୍ୟବହାର ସହ ସର୍ବୋପରି ଚନ୍ଦ୍ରପୃଷ୍ଠରେ ଭାରତର ସ୍ୱତନ୍ତ୍ର ଅଭିଯାନର ସଫଳତାସାରା ବିଶ୍ୱରେ ପ୍ରଶଂସିତ ହୋଇଥିଲା। ବ୍ଲାକ୍ ହୋଲ ଅଧ୍ୟୟନ କ୍ଷେତ୍ରରେ ଉପଗ୍ରହ ପ୍ରେରଣାରେ ଭାରତ ଆମେରିକା ପରେ ବିଶ୍ୱର ଦ୍ୱିତୀୟ ରାଷ୍ଟ୍ର ହୋଇପାରିଛି। ଭାରତ ନିଜର ପ୍ରତିରକ୍ଷା କ୍ଷମତ୍ୟାରେ ନିଜର ଶକ୍ତି ବଢାଇବା ପାଇଁ ୨୦୨୪ରେ କ୍ଷପଣାସ୍ତ୍ର ପ୍ରଯୁକ୍ତିରେ ବିକାଶ ସହ ଏହାର ପରୀକ୍ଷଣ କରିଛି। ଭାରତ ଜୋରାବର୍ଗ ନାମକ ଏକ ଲାଇଟ୍ ଟ୍ୟାଙ୍କକୁ ବିକଶିତ କରି ନିଜର ସାମରିକ ଶକ୍ତି ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଉନ୍ନତ ମିଜାଇଲର ପରୀକ୍ଷଣ ସହ ଟେକ୍ନୋଲୋଜି ରାଷ୍ଟ୍ର ସମୁହରେ ସାମିଲ କରିପାରିଛି। ନିକଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତିଜ୍ଞ ଡଃ. ମନମୋହନ ସିଂହଙ୍କ ଦେହାନ୍ତ ସମଗ୍ର ଦେଶ ତଥା ବିଦେଶରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

୨୦୨୫ ରେ ଆମେ ସମସ୍ତେ ମିଳିମିଶି ସ୍ନେହ, ସହାନୁଭୂତି ଭିତରେ ରହି ସମସ୍ତ ପ୍ରକାର ଆହ୍ୱାନକୁ ସାମନା କରି ସମାଧାନ କରିବା, ଯାହାଫଳରେ ରାଜ୍ୟ, ଦେଶ ତଥା ବିଶ୍ୱର ସର୍ବମଙ୍ଗଳ ହେବ ଏଥିରେ ତିଳେମାତ୍ର ସଂଦେହର ଅବକାଶ ନାହିଁ।ନୂଆଁ ବର୍ଷ ସମସ୍ତଙ୍କ ପାଇଁ ସୁଖ, ସମୃଦ୍ଧି ଆଣିଦେଉ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।

ସଚିବ, ଓଡିଶା ବିଧାନସଭା
ମୋବାଇଲ୍: ୯୩୩୭୪୪୯୩୭୩

ଓଡ଼ିଶା ସମ୍ବାଦପତ୍ରର ପିତାମହ ସଂଗ୍ରାମୀ ଶଶୀଭୂଷଣ ରଥ



ରବି ରଥ

ଓଡ଼ିଆ ସମ୍ବାଦପତ୍ର ପ୍ରକାଶନ କ୍ଷେତ୍ରରେ ଗୌରୀ ଶଙ୍କର ରାୟଙ୍କ ସମ୍ପାଦନାରେ ୧୮୬୬ ମସିହାରେ ଉତ୍କଳ ଦୀପିକା ନାମକ ଏକ ଓଡ଼ିଆ ସମ୍ବାଦପତ୍ର ପ୍ରକାଶ ପାଇଥିଲା ସେହି ବର୍ଷଟି ଓଡ଼ିଶା ପାଇଁ ଥିଲା ଦୁଃଖଦ ବର୍ଷ ସେହି ବର୍ଷରେ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷ ପଡ଼ିବା ଯେଗୁଁ ପ୍ରାୟ ୧୦ ଲକ୍ଷ ଲେକ ପ୍ରାଣ ହରାଇଥିଲେ। ଏ ସମ୍ପର୍କରେ ଇଂରେଜ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଉତ୍କଳ ଦୀପିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

ପରବର୍ତ୍ତୀ ସମୟରେ ମନୀଷୀ, ସାହିତ୍ୟିକ, ଯୁଗପୁରୁଷ ଶଶୀଭୂଷଣ ରଥ ସମସାମୟିକ ଭାରତୀୟ ଗଦ୍ୟ ସାହିତ୍ୟରେ ଓଡ଼ିଆ ସାହିତ୍ୟର ମହତ୍ୱ ପ୍ରତିପାଦନ କରିଯାଇ ଅଛନ୍ତି। ସମ୍ବାଦପତ୍ରର ସ୍ୱରୂପ ବିଶେଷ କରି ଓଡ଼ିଆ ଭାଷାରେ ଆଜି ଯେଉଁ ପରିକଳ୍ପନା ଅର୍ଜନ କରିପାରିଛି ତାର ମୂଳରେ ସାମ୍ବାଦିକ ଶଶୀଭୂଷଣ ରଥଙ୍କ ପ୍ରେରଣା ଓ ଦିଗ୍‌ଦର୍ଶନ ଥିବା କେହି ଅସ୍ୱୀକାର କରିପାରିବେ ନାହିଁ ସଂଯତ, ସୁଚିନ୍ତିତ ଯୁଗପଯୋଗୀ,

କେରଳ ନର୍ସଙ୍କ ମୃତ୍ୟୁଦଣ୍ଡକୁ ୟେମେନ ରାଷ୍ଟ୍ରପତିଙ୍କ ଅନୁମୋଦନ

ଭାରତ କଲା ସମାଲୋଚନା

ନୂଆଦିଲ୍ଲୀ, ୩।୧।୨୨: ୟେମେନରେ ଜଣେ ନାଗରିକଙ୍କ ହତ୍ୟା ମାମଲାରେ କେରଳର ନର୍ସ ନିମିଷା ପ୍ରିୟାଙ୍କୁ ସେଠାରେ ମୃତ୍ୟୁ ଦଣ୍ଡାଦେଶ ମିଳିଛି। ନିମିଷାଙ୍କ ପରିବାର ନିଜ ଝିଅକୁ ବଞ୍ଚାଇବାକୁ ସମସ୍ତ ପ୍ରକାର ପ୍ରୟାସ କରୁଛନ୍ତି। ହେଲେ ସୋମବାର ୟେମେନ ରାଷ୍ଟ୍ରପତି ଅଲ-ଅଲିମି ନିମିଷାଙ୍କ ମୃତ୍ୟୁ ଦଣ୍ଡକୁ ଅନୁମୋଦନ କରିବା ପରେ ପରିବାରର ସବୁ ଆଶା ମଉଳି ଯାଇଛି। ଏପଟେ ଆଜି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ନିମିଷାଙ୍କୁ ବଞ୍ଚାଇବାକୁ ତାଙ୍କ ପରିବାରକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଥିବା କୁହାଯାଇଛି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲଙ୍କ ଦ୍ୱାରା ଜାରି କରାଯାଇଥିବା ବିବୃତିରେ କୁହାଯାଇଛି ଯେ, ୟେମେନରେ ନିମିଷା ପ୍ରିୟାଙ୍କ ମୃତ୍ୟୁ ଦଣ୍ଡାଦେଶ ବିଷୟରେ ଆମେ ଅବଗତ ଅଛୁ। ଆମେ ଜାଣିଛୁ ଯେ ନିମିଷାଙ୍କ ପରିବାର ଝିଅକୁ ବଞ୍ଚାଇବା ପାଇଁ ବିକଳ୍ପ ଖୋଜୁଛନ୍ତି। ସରକାର ଏହି ପ୍ରସଙ୍ଗରେ ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରୁଛନ୍ତି। ତେବେ ୟେମେନ ରାଷ୍ଟ୍ରପତି ଅଲ-ଅଲିମି ନିମିଷାଙ୍କ ଦଣ୍ଡକୁ ଅନୁମୋଦନ କରିସାରିଥିବାରୁ ମାସକ ଭିତରେ ତାଙ୍କୁ ମୃତ୍ୟୁ ଦଣ୍ଡ ମିଳିପାରେ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ କେବଳ ମୃତକଙ୍କ ପରିବାର ଲୋକ କ୍ଷମା ଦେଲେ ହିଁ ନିମିଷାଙ୍କ ଜୀବନ ବଞ୍ଚିପାରିବ। ଏଥିପାଇଁ ତାଙ୍କ ମାଆ ଗତ କିଛି ବର୍ଷ ହେଲା ସେଠାରେ ରହି ମୃତକଙ୍କ ପରିବାର ଲୋକଙ୍କୁ ବୁଝାଇ ମାମଲା ରଫାଦଫା କରିବାକୁ ଚେଷ୍ଟା କରୁଛନ୍ତି।

୨୦୧୦-୧୧ ମସିହାରେ ନିମିଷା ଚାକିରି ଉଦ୍ଦେଶ୍ୟରେ ୟେମେନ ଯାଇଥିଲେ। ସେଠାରେ ସେ ନର୍ସ ଚାକିରି କରି ରହିଥିବା ବେଳେ ତାଙ୍କ ସ୍ୱାମୀ ଓ ଝିଅ ବି ରହୁଥିଲେ। ମାତ୍ର ୨୦୧୪ ସେମାନେ ଭାରତ ଫେରି ଆସିଥିବା ବେଳେ ନିମିଷା ସେଠାରେ ରହି ଯାଇଥିଲେ। ଏହାପରେ ତଲାଲ ଓବଦା ମେହେଦି ନାମକ ୟେମେନ ନାଗରିକଙ୍କ ସହ ମିଶି ନିମିଷା ସେଠାରେ ଏକ ହସ୍ପିଟାଲ ଖୋଲିଥିଲେ। କିଛିଦିନ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ଥିଲେ ହେଁ ପରେ ସେଥିରେ ଫାଟ ଦେଖାଦେଲା। ତଲାଲ ଓବଦା ନିମିଷାଙ୍କ ପାସପୋର୍ଟ ରଖି ଦେଇଥିବା ବେଳେ ନିମିଷା ଏନେଇ ସେଠାକାର ଥାନାରେ ଅଭିଯୋଗ କରିଥିଲେ। ମାତ୍ର ଉଭୟ ପତିପତ୍ନୀଙ୍କ ଭିତରେ ଏହା ବ୍ୟକ୍ତିଗତ ମାମଲା ବୋଲି ତଲାଲ କହିବାରୁ ସେଠାକାର ପୁଲିସ୍ ଉକ୍ତ ମାମଲାରେ ହସ୍ତକ୍ଷେପ କରିନଥିଲା। ଏଥିରେ ଉତ୍ୟକ୍ତ ହୋଇ ନିମିଷା ନିଶା ଇଞ୍ଜେସନ ଦେଇ ତଲାଲଙ୍କୁ ହତ୍ୟା କରିଥିଲେ।

ଏହାପରେ ସେ ପାସପୋର୍ଟ ହାସଲ କରି ଭାରତ ଫେରିବାକୁ ଚାହୁଁଥିଲେ। ମାତ୍ର ଏହା ସମ୍ଭବ ହୋଇ ପାରିନଥିଲା। ୟେମେନ ପୁଲିସ୍ ମାତ୍ର ୪ ଦିନରେ ଏହି ଘଟଣାର ପର୍ଦ୍ଦାଫାସ କରି ନିମିଷାଙ୍କୁ ବାନ୍ଧିଥିଲା। ପରେ ଏହି ମାମଲାର ବିଚାର କରି ନିମିଷାଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ ବିଚାରପତି। ଏହାକୁ ବିରୋଧ କରି ନିମିଷା ସେଠାକାର ସୁପ୍ରିମକୋର୍ଟରେ ଆବେଦନ ମଧ୍ୟ କରିଥିଲେ। ହେଲେ ତାହା ଖାରଜ ହୋଇଯାଇଥିଲା। ସୋମବାର ଏହି ମୃତ୍ୟୁଦଣ୍ଡକୁ ସେଠାକାର ରାଷ୍ଟ୍ରପତି ଅନୁମୋଦନ କରିବା ପରେ ଆସନ୍ତା ମାସେ ଭିତରେ ଏହାକୁ କାର୍ଯ୍ୟକାରୀ କରାଯାଇପାରେ ବୋଲି କୁହାଯାଉଛି।

କନ୍ୟାକୁମାରୀ ସମୁଦ୍ର ଉପରେ ପ୍ରଥମ କାଚ ବ୍ରିଜ୍

ଚେନ୍ନାଇ, ୩।୧।୨୨: ତାମିଲନାଡୁର କନ୍ୟାକୁମାରୀଠାରେ ସମୁଦ୍ର ଉପରେ ଦେଶର ପ୍ରଥମ କାଚ ବ୍ରିଜ ନିର୍ମାଣ କରାଯାଇଛି। ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ ଏହି ଗ୍ଲାସ ବ୍ରିଜକୁ ଉଦଘାଟନ କରିଛନ୍ତି। ଏହି ବ୍ରିଜ ଦେଇ ପର୍ଯ୍ୟଟକମାନେ ବର୍ତ୍ତମାନ ବିବେକାନନ୍ଦ ସ୍ମାରକୀରୁ ଥିରୁଭଲ୍ଲୁଭରଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ପହଞ୍ଚି ପାରିବେ। ଏବେ ବିବେକାନନ୍ଦ ସ୍ମାରକୀରୁ ଥିରୁଭଲ୍ଲୁଭର୍ ପ୍ରତିମୂର୍ତ୍ତି ସ୍ଥଳକୁ ଯିବା ପାଇଁ ପର୍ଯ୍ୟଟକମାନଙ୍କୁ ଆଉ ଡଙ୍ଗାର ଆବଶ୍ୟକତା ପଡିବ ନାହିଁ। ଏହି କାଚ ବ୍ରିଜକୁ ୩୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ୭୭ ମିଟର ଲମ୍ବ ବିଶିଷ୍ଟ ଏହି ସେତୁଟି ୧୦ ମିଟର ଚଉଡାରେ ନିର୍ମାଣ କରାଯାଇଛି। ଏହା ବ୍ୟତୀତ ଏହି ସେତୁ ନିର୍ମାଣ ସମୟରେ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦିଆଯାଇଛି। ୨୦୦୦ ମସିହାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧିଙ୍କ ଦ୍ୱାରା ଥିରୁଭଲ୍ଲୁଭରଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ଏହି ପ୍ରତିମୂର୍ତ୍ତି ନିର୍ମାଣକୁ ୨୫ ବର୍ଷ ପୂରଣ ହେବାକୁ ଯାଉଛି। ଏହି ଅବସରରେ ରାଜ୍ୟରେ ରୌପ୍ୟ ଜୟନ୍ତୀ ପାଳନ କରାଯାଉଛି। ରୌପ୍ୟ ଜୟନ୍ତୀ ପାଳନ ପାଇଁ ତିନି ଦିନିଆ ଉତ୍ସବ ଆରମ୍ଭରୁ ଗ୍ଲାସ୍ ଫାଇବର ବ୍ରିଜକୁ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ଏମ.କେ ଷ୍ଟାଲିନ। ଏହି ସେତୁ ଖୁବ୍ ଶୀଘ୍ର ଲୋକଙ୍କ ପାଇଁ ମଧ୍ୟ ଖୋଲାଯିବ।

ସମୁଦ୍ର ଉପରେ ନିର୍ମିତ ଏହି ଗ୍ଲାସ ବ୍ରିଜକୁ ଏକ ଭିନ୍ନ ଶୈଳୀରେ ଡିଜାଇନ୍ କରାଯାଇଛି। ଏହାକୁ ପ୍ରସ୍ତୁତ କରିବା ପାଇଁ ଉନ୍ନତ ଜ୍ଞାନକୌଶଳ ବ୍ୟବହୃତ ହୋଇଛି। ଶକ୍ତିଶାଳୀ ସମୁଦ୍ର ପବନ ସମେତ ବାତ୍ୟା ଭଳି ବିପଜ୍ଜନକ ସାମୁଦ୍ରିକ ଅବସ୍ଥାକୁ ପ୍ରତିହତ କରିବା ପାଇଁ ଗ୍ଲାସ୍ ବ୍ରିଜର ଡିଜାଇନ୍ କରାଯାଇଛି। ତାମିଲନାଡୁର ନିର୍ମାଣ ମନ୍ତ୍ରୀ ଇ.ଭି ଭେଲୁ ଏହି ସେତୁ ନିର୍ମାଣକୁ ନେଇ କହିଛନ୍ତି ଯେ, ଏଭଳି ବ୍ରିଜ ନିର୍ମାଣ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ। ଏହି ବ୍ରିଜ ପ୍ରସ୍ତୁତ କରିବାକୁ ଆମକୁ ବିଶେଷଜ୍ଞଙ୍କ ସାହାଯ୍ୟ ନେବାକୁ ପଡିଥିଲା। ମନ୍ତ୍ରୀ କହିଛନ୍ତି ଯେ ଗ୍ଲାସ ବ୍ରିଜ କନ୍ୟାକୁମାରୀରେ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରରେ ପରିଣତ ହେବ।

ଝିଅ ଚିକିତ୍ସା ପାଇଁ ଆସିଥିଲେ ଟଳିପଡ଼ିଲେ ହସ୍ପିଟାଲ ବାହାରେ

ନୂଆଦିଲ୍ଲୀ, ୩।୧।୨୨: ବାରାଣାସୀରେ ଏକ ଯବାନ ପରିବାର ସହିତ ଦୁଃଖଦ ଘଟଣା ଘଟିଛି। ଅସୁସ୍ଥ ଝିଅର ଚିକିତ୍ସା ପାଇଁ ଛୁଟି ନେଇ ଆସିଥିବା ଯବାନଙ୍କ ହୃଦଘାତରେ ମୃତ୍ୟୁ ହୋଇଯାଇଛି। ମୃତ ଯବାନଙ୍କ ନାମ ଚନ୍ଦନ ଯାଦବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ, ଫୁଲପୁରର ନଥଇପୁର ବାସିନ୍ଦା ଶୋଭନାଥ ଯାଦବଙ୍କ ପୁଅ ଚନ୍ଦନ ଯାଦବ ଜମ୍ମୁ କଶ୍ମୀରର ରାଜୌରିରେ ନିୟୋଜିତ ଅଛନ୍ତି। ଦୁଇମାସର ଝିଅ ଅସୁସ୍ଥ ଥିବାରୁ ତାର ଚିକିତ୍ସା ପାଇଁ ଚନ୍ଦନ ଛୁଟି ନେଇ ଘରକୁ ଆସିଥିଲେ। ଘରକୁ ଆସି ଚନ୍ଦନ ସ୍ତ୍ରୀ ଓ ଝିଅଙ୍କୁ ଧରି ଅର୍ଦଲି ବଜାର ମହାବୀର ରୋଡସ୍ଥିତ ଶିଶୁ ରୋଗ ବିଶେଷଜ୍ଞଙ୍କ ନିକଟକୁ ଯାଇଥିଲେ। ସେଠାରେ ଝିଅକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଶିଶୁର ଚିକିତ୍ସା ଚାଲିଥିବା ବେଳେ ବାପା ଚନ୍ଦନ ହସ୍ପିଟାଲ ବାହାରକୁ ଚା' ପିଇବାକୁ ଯାଇଥିଲେ। ଦୋକାନ ସାମ୍ନାରେ ଛିଡ଼ା ହୋଇ ଚା' ପିଉଥିବା ବେଳେ ହଠାତ ଚନ୍ଦନଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା ସେ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ଥିବା ଲୋକେ ତୁରନ୍ତ ଚନ୍ଦନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଦୁଃଖର ବିଷୟ ଡାକ୍ତର ଯବାନ ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ଝିଅର ଚିକିତ୍ସା ପାଇଁ ଆସିଥିବା ସ୍ତ୍ରୀ ଅକ୍ତିମା ଅଚେତ ହୋଇପଡ଼ିଥିଲେ। ମୃତ ଚନ୍ଦନ ୨୦୨୦ରେ ସେନାରେ ଯୋଗ ଦେଇଥିଲେ। ହଠାତ ଯବାନଙ୍କ ଏଭଳି ମୃତ୍ୟୁକୁ ପରିବାର ଉପରେ ଦୁଃଖର ପାହାଡ ଭାଙ୍ଗି ପଡ଼ିଛି।

ମଣିପୁର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କ୍ଷମା ମାଗିଲେ

ଇମ୍ଫାଲ, ୩।୧।୨୨: ଦୀର୍ଘ ଦେଢ଼ ବର୍ଷରୁ ଅଧିକ ଦିନ ହେଲା ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷକୁ ନେଇ ମଣିପୁର ସ୍ଥିତି ଅତ୍ୟନ୍ତ ଖରାପ ରହିଛି। ଏସବୁ ଭିତରେ ୨୦୨୪ର ଶେଷ ଦିନରେ ରାଜ୍ୟବାସୀଙ୍କୁ କ୍ଷମା ମାଗିଛନ୍ତି ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ। ଚଳିତ ବର୍ଷ ନୂଆ ସମ୍ଭାବନା ସହ ଶେଷ ହୋଇଛି ଓ ୨୦୨୫ରେ ରାଜ୍ୟରେ ସବୁ କିଛି ସ୍ୱାଭାବିକ ହୋଇଯିବ ବୋଲି ସେ ଆଶା ରଖିଥିବା କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, "ପୂରା ବର୍ଷ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ରହିଛି। ଗତବର୍ଷ ମେ' ୩ରୁ ଆଜି ଯାଏ ରାଜ୍ୟରେ ଯାହା ସବୁ ଘଟି ଚାଲିଛି, ସେସବୁ ପାଇଁ ଲୋକମାନଙ୍କୁ ମୁଁ କେବଳ 'ସରି' କହିବାକୁ ଚାହୁଁଛି। ଅନେକ ଲୋକ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି। ଅନେକ ଲୋକ ନିଜର ଘରଦ୍ୱାରା ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି। ଏଥିପାଇଁ ମୁଁ ମର୍ମାହତ ଓ ଅନୁତପ୍ତ। ମୁଁ କ୍ଷମା ମାଗୁଛି। କିନ୍ତୁ ମୋର ଆଶା ଗତ ୩ରୁ ୪ ମାସ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଚାଲିଥିବା ଉଦ୍ୟମ ନିଶ୍ଚିତ ସଫଳ ହେବ। ମୋର ବିଶ୍ୱାସ ୨୦୨୫ ସୁଦ୍ଧା ରାଜ୍ୟରେ ସ୍ୱାଭାବିକ ସ୍ଥିତି ପୁଣି ଫେରିବ।

ବେଆଇନ ଭାବେ ଭୋଟ ଦେଇଛନ୍ତି ଆପ୍ ସାଂସଦଙ୍କ ପତ୍ନୀ: ବିଜେପି

ନୂଆଦିଲ୍ଲୀ, ୩।୧।୨୨: ଆଗକୁ ଦିଲ୍ଲୀ ବିଧାନସଭା ନିର୍ବାଚନ ଥିବା ବେଳେ କ୍ଷମତାସୀନ ଆପ୍ ଓ ବିଜେପି ମଧ୍ୟରେ ଭୋଟର ତାଲିକାକୁ ନେଇ ବାକଯୁଦ୍ଧ ଆରମ୍ଭ ହୋଇଯାଇଛି। ଦିଲ୍ଲୀ ଭୋଟର ତାଲିକାରୁ ବିଜେପି ଆପ୍‌ର ରାଜ୍ୟସଭା ସାଂସଦ ସଞ୍ଜୟ ସିଂହଙ୍କ ପତ୍ନୀଙ୍କ ନାଁ ଡିଲେଟ କରିବାକୁ ଉଦ୍ୟମ କରିଥିଲା ବୋଲି ଅଭିଯୋଗ ହୋଇଛି। ନିଜେ ସଞ୍ଜୟ ସିଂହ ଏପରି ଅଭିଯୋଗ ଆଣିବାରୁ ଆଜି ବିଜେପି ପକ୍ଷରୁ ଏହାକୁ କାଉଣ୍ଟର କରାଯାଇଛି। ସାଂସଦ ସଞ୍ଜୟ ସିଂହଙ୍କ ପତ୍ନୀ ବେଆଇନ ଭାବେ ନୂଆଦିଲ୍ଲୀ ବିଧାନସଭା ଆସନରେ ନାଁ ପଞ୍ଜୀକରଣ କରି ଭୋଟ ଦେଇଥିଲେ ବୋଲି ବିଜେପି କହିଛି। ବିଜେପି ଆଇଟି ମୁଖ୍ୟ ଅମିତ ମାଲବ୍ୟ ସଞ୍ଜୟ ସିଂହଙ୍କ ପତ୍ନୀ ଅନୀତାଙ୍କ ନାଁରେ ଥିବା ଗୋଟିଏ ସତ୍ୟପାଠକୁ ଭାଇରାଲ କରି ସେ ଉତ୍ତର ପ୍ରଦେଶର ସୁଲତାନପୁର ଭୋଟର ବୋଲି ଦାବି କରିଛନ୍ତି। ସେ କହିଛନ୍ତି, "ଏହା ହେଉଛି ସଞ୍ଜୟ ସିଂହଙ୍କ ପତ୍ନୀ ସୁନୀତାଙ୍କ ସତ୍ୟପାଠ। ଏଥିରେ ସେ ୟୁପିର ସୁଲତାନପୁର ଭୋଟର ବୋଲି ଦର୍ଶାଇଛନ୍ତି। ଏବେ ପ୍ରଶ୍ନ ଉଠୁଛି ଯେ ଯିଏ ଦିଲ୍ଲୀର ଭୋଟର ନୁହନ୍ତି, ତାଙ୍କ ନାଁ କେମିତି ଭୋଟର ତାଲିକାରୁ ଡିଲେଟ କରାଯିବ? ସେହିପରି ସେ(ସୁନୀତା) ନିଜକୁ ସତ୍ୟପାଠ କରିଆରେ ସୁଲତାନପୁର ଭୋଟର କହି ଯଦି ଦିଲ୍ଲୀରେ ଭୋଟ ଦେଇଛନ୍ତି, ତା'ହେଲେ ଏହା ଆଇନ ଅନୁସାରେ ଅପରାଧ। ଏବେ ସଞ୍ଜୟ ସିଂହ ନିଷ୍ପତ୍ତି ନିଅନ୍ତୁ ଯେ ସେ ନିଜ ପତ୍ନୀଙ୍କୁ ଆଉ କେତେ ଅପମାନିତ କରିବେ? କେବଳ ଜଣେ ଅତ୍ୟନ୍ତ ଖରାପ ଲୋକ ହିଁ ରାଜନୀତି ପାଇଁ ନିଜ ପତ୍ନୀଙ୍କୁ ଏପରି ଅପମାନିତ କରିପାରିବେ।" ଅନ୍ୟପକ୍ଷରେ ସଞ୍ଜୟ ସିଂହ କହିଛନ୍ତି,"ମୋ ପତ୍ନୀ ସୁଲତାନପୁରର ଭୋଟର ହୋଇ ରହିଥିବା ମିଛ ମନୋଜ ତିୱାରୀ ପ୍ରଚାର କରିବାରେ ଲାଗିଛନ୍ତି। ସେମାନେ ନିର୍ବାଚନ କମିଶନଙ୍କ ୱେବସାଇଟ ଚେକ କରିବା ଦରକାର। ଅନୀତା କେଉଁ ସ୍ଥାନର ଭୋଟର, ସେକଥା ୱେବସାଇଟରୁ ସେମାନେ ଜାଣିପାରିବେ।

ନୂଆବର୍ଷ ପାଇଁ ଦିଲ୍ଲୀରେ ସୁରକ୍ଷା

ବିନା ପାସ୍‌ରେ ମିଳିବନି ଏଣ୍ଟ୍ରି

ନୂଆଦିଲ୍ଲୀ,୩।୧।୨୨: ଆଉ ମାତ୍ର କିଛି ଘଣ୍ଟାର ଅପେକ୍ଷା। ୨୦୨୪କୁ ବିଦାୟ ଦେଇ ୨୦୨୫କୁ ସ୍ୱାଗତ କରିବାକୁ ଯାଉଛନ୍ତି ସମସ୍ତେ । ଦେଶର ସବୁ କୋଣ ଅନୁକୋଣରେ ଲୋକମାନେ ପାର୍ଟି କରି ନୂଆବର୍ଷକୁ କରିବେ ସ୍ୱାଗତ। ସେହିପରି ଆଜି ଅର୍ଥାତ ମଙ୍ଗଳବାର ରାତିରେ ଜାତୀୟ ରାଜଧାନୀ ଦିଲ୍ଲୀର ମଧ୍ୟ ଅନେକ ଅଞ୍ଚଳରେ ନୂଆବର୍ଷ ପାଳନ କରାଯିବ। ବିଶେଷ କରି ଦିଲ୍ଲୀର କନ୍ନାଟ୍ ପ୍ଲେସରେ ସର୍ବାଧିକ ସଂଖ୍ୟକ ଲୋକ ଏକାଠି ହେବେ ବୋଲି ଆଶା କରାଯାଉଛି । ତେଣୁ ଏଭଳି ପରିସ୍ଥିତିରେ ଆଜି ରାତି ୮ ଟାରୁ ନୂଆ ବର୍ଷ ପାର୍ଟି ଶେଷ ହେବା ପର୍ଯ୍ୟନ୍ତ ପୋଲିସ ଜାରି କରିଛି ମାର୍ଗଦର୍ଶିକା। ଏଥିସହ ଲୋକଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ତେବେ ବିଭିନ୍ନ କ୍ଲବ, ହୋଟେଲ, ରେଷ୍ଟୁରାଣ୍ଟ, ପବ୍, ମଲ୍‌ରେ ଜନସମାଗମ ହେବାର ଆଶା କରାଯାଉଛି। ଏହା ବ୍ୟତୀତ ବହୁ ସଂଖ୍ୟକ ଲୋକ ମନ୍ଦିର ସମେତ ଧାର୍ମିକ ସ୍ଥାନମାନଙ୍କରେ ଦେଖିବାକୁ ମିଳିବ। ଏଭଳି

ପରିସ୍ଥିତିରେ କନ୍ନାଟ୍ ପ୍ଲେସକୁ ଯାଉଥିବା ରାସ୍ତା ରାତି ୮ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବନ୍ଦ ରଖାଯିବ ନେଇ ସୂଚନା ମିଳିଛି। ଏହା ବ୍ୟତୀତ ଯେଉଁମାନେ ମଦ୍ୟପାନ କରି ଗାଡି ଚଳାଉଛନ୍ତି ସେମାନଙ୍କୁ ପରୀକ୍ଷା କରିବା ପାଇଁ ଡାକ୍ତରଙ୍କ ଏକ ଟିମ୍ ମଧ୍ୟ ନିଯୁକ୍ତ କରାଯାଇଛି। ତେବେ ଟ୍ରାଫିକ ପୋଲିସର ସୂଚନା ଅନୁସାରେ, କେବଳ ସେହି ଗାଡିଗୁଡ଼ିକୁ କନ୍ନାଟ୍ ପ୍ଲେସରେ ପ୍ରବେଶ କରିବାକୁ ଅନୁମତି ଦିଆଯିବ, ଯେଉଁଥିରେ ହୋଟେଲ, ରେଷ୍ଟୁରାଣ୍ଟ କିମ୍ବା ବାର ଇତ୍ୟାଦିରୁ ବୁକିଂ ଅଛି। ଏହା ବ୍ୟତୀତ କନ୍ନାଟ୍ ପ୍ଲେସରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମହିଳାଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କରାଯିବ। ସେହିପରି ଯାତ୍ରୀମାନେ ରାତି ୯ ଟା ପରେ ରାଜୀବ ଛକ୍ ମେଟ୍ରୋ ଷ୍ଟେସନରୁ ବାହାରି ପାରିବେ ନାହିଁ। କନ୍ନାଟ୍ ପ୍ଲେସ୍ ବ୍ୟତୀତ ଖାନ ମାର୍କେଟ, ଇଣ୍ଡିଆ ଗେଟ୍, ସାଗର ଷୋହଳ, ଡ୍ୟୁଟି ପାଥ୍, ଲଲିତ, ଇମ୍ପେରିଆଲ୍, ପାର୍କ, ରୟାଲ୍ ପ୍ଲାଜା, ଶାଙ୍ଗ୍ରି-ଲା, ଲେ-ମେରିଡିଆନ୍, ତାଜମହଲ, ଅଶୋକା, ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି।

କେଜ୍ରିୱାଲଙ୍କୁ 'ନିର୍ବାଚନୀ ହିନ୍ଦୁ' କହି ଫଟୋ ପୋଷ୍ଟ କଲା ବିଜେପି

ନୂଆଦିଲ୍ଲୀ, ୩।୧।୨୨: ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ ମନ୍ଦିର ପୂଜକଙ୍କୁ ମାସିକ ୧୮ ହଜାର ଟଙ୍କା ଦରମା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଆପ୍ ମୁଖ୍ୟ ଅରବିନ୍ଦ କେଜ୍ରିୱାଲ। ଯାହାକୁ ନେଇ ତେଜିଛି ରାଜନୀତି। କେଜ୍ରିୱାଲଙ୍କୁ 'ଚୁନାବି ହିନ୍ଦୁ' (ନିର୍ବାଚନୀ ହିନ୍ଦୁ) ବୋଲି କହି କଟାକ୍ଷ କରିଛି ବିଜେପି। ଏକ୍ସ ହ୍ୟାଣ୍ଡେଲରେ ଦିଲ୍ଲୀ ବିଜେପି 'ଭୁଲ୍ ଭୁଲେୟା' ଚଳଚ୍ଚିତ୍ରର ଏକ ପୋଷ୍ଟର ସେୟାର କରିଛି, ଯେଉଁଥିରେ ରାଜପାଲ ଯାଦବଙ୍କ ସ୍ଥାନରେ କେଜ୍ରିୱାଲଙ୍କ ଫଟୋ ଏଡିଟ୍ କରାଯାଇଛି। ଏହା ସହ 'ଭୁଲ୍ ଭୁଲେୟା' ବଦଳରେ ଏଥିରେ 'ଚୁନାବି ହିନ୍ଦୁ' ବୋଲି ଲେଖାଯାଇଛି। ବିଜେପି ପୋଷ୍ଟ କରିଥିବା ଏହି ଫଟୋ ଉପରେ ଉପହାସପୂର୍ଣ୍ଣ ଏକ କବିତା ମଧ୍ୟ ଲେଖାଯାଇଛି। ମୋର ମନ୍ଦିର ଯିବା କେବଳ ଏକ ଛଳନା, ପୂଜକଙ୍କ ସମ୍ମାନ କେବଳ ନିର୍ବାଚନୀ ଦେଖାଣିଆ, ସନାତନ ଧର୍ମର ମୁଁ ସବୁବେଳେ ଉପହାସ କରେ ବୋଲି କେଜ୍ରିୱାଲଙ୍କ ଫଟୋ ଉପରେ ଲେଖାଯାଇଛି। ଏହି ପୋଷ୍ଟର କ୍ୟାପ୍ସନରେ ଦିଲ୍ଲୀ ବିଜେପି ଲେଖିଛି ଯେ, ଯେଉଁ ଲୋକ ମସଜିଦର ଇମାମ ମାନଙ୍କୁ ୧୦ ବର୍ଷ ହେଲା ଦରମା ଦେଉଛି, ଯିଏ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣକୁ ବିରୋଧ କରିଥିଲା, ଯିଏ ମନ୍ଦିର ଓ ଗୁରୁଦ୍ୱାର ନିକଟରେ ମଦ ଦୋକାନ ଖୋଲିଛି, ଏବଂ ଯିଏ ସବୁବେଳେ ହିନ୍ଦୁ ବିରୋଧୀ ରାଜନୀତି କରେ, ସେହି ଲୋକର ହଠାତ ମନ୍ଦିର ପୂଜକ ଓ ଗୁରୁଦ୍ୱାର ଗ୍ରନ୍ଥିମାନଙ୍କ କଥା ମନେ ପଡ଼ିଗଲା। ସେପଟେ କେଜ୍ରିୱାଲ ମଧ୍ୟ ଏହାର ତୁରନ୍ତ ଜବାବ ଦେଇଛନ୍ତି। ମୋତେ ଦୁର୍ବ୍ୟବହାର କଲେ ଦେଶର ଲାଭ ହେଉଛି କି ବୋଲି ସେ ବିଜେପିକୁ ପ୍ରଶ୍ନ କରିଛନ୍ତି। ସେ ଟ୍ୱିଟରରେ ଲେଖିଛନ୍ତି ଯେ ବିଜେପି ୨୦ଟି ରାଜ୍ୟରେ ଶାସନରେ ଅଛି। ୩୦ ବର୍ଷ ହେଲା ଗୁଜରାଟରେ ଶାସନରେ ବସିଛି। ତେବେ ସେଠାରେ କଣ ପାଇଁ ସେମାନେ ମନ୍ଦିର ପୂଜକ ଓ ଗୁରୁଦ୍ୱାର ଗ୍ରନ୍ଥିମାନଙ୍କୁ ସମ୍ମାନ କରିନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏବେ ଏହି ପଦକ୍ଷେପ ବିଜେପିଶାସିତ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ସେ ଆହ୍ୱାନ କରିଛନ୍ତି।

ଯୌନ ଉତ୍ପୀଡନ ମାମଲାରେ ଟ୍ରମ୍ପଙ୍କ ଦଣ୍ଡାଦେଶ କାଏମ

୫ ମିଲିୟନ ଡଲାର ଜୋରିମାନା ଦେବେ

ୱାଶିଂଟନ, ୩।୧।୨୨: ଜାନୁଆରୀ ୨୦ରେ ଆମେରିକାର ନ

ସନ୍ୟାସ ନେବେ କୋହଲି, ରୋହିତ !

ପୂର୍ବତନ କ୍ରିକେଟର ରବି ଶାସ୍ତ୍ରୀଙ୍କ ବିସ୍ଫୋରକ ବୟାନ



ନୂଆଦିଲ୍ଲୀ,୩୧।୧୨: ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଉଥିବା ବର୍ଡର ଗାଭାସ୍କର ଟ୍ରଫିରେ ରୋହିତ ଶର୍ମା ଏବଂ ବିରାଟ କୋହଲି ଅତ୍ୟନ୍ତ ନିରାଶାଜନକ ପ୍ରଦର୍ଶନ କରିଛନ୍ତି। ଏହି କାରଣରୁ ଭାରତର ବ୍ୟାଟିଂ କ୍ରମାଗତ ଭାବେ ଫ୍ଲପ ହେଉଛି ଏବଂ ଟିମ ଇଣ୍ଡିଆକୁ ମଧ୍ୟ ମେଲବୋର୍ନ ଟେଷ୍ଟ ହରାଇବାକୁ ପଡିଛି। ଯାହା ପରେ ରୋହିତ-କୋହଲିଙ୍କ ଉପରେ ପ୍ରଶ୍ନ ଉଠିଛି। କଳ୍ପନାଜଳ୍ପନା ରହିଛି ଯେ ଏହି ସିରିଜ ପରେ ରୋହିତ ଶର୍ମା ଏବଂ ବିରାଟ କୋହଲି ଟେଷ୍ଟ ଫର୍ମାଟରୁ ଅବସର ଘୋଷଣା କରିବେ। ବର୍ତ୍ତମାନ ପୂର୍ବତନ ଭାରତୀୟ କ୍ରିକେଟର ରବି ଶାସ୍ତ୍ରୀ ଏହା ଉପରେ ଏକ ବଡ଼ ଭବିଷ୍ୟବାଣୀ କରିଛନ୍ତି।

ଟିମ ଇଣ୍ଡିଆର ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ କହିଛନ୍ତି ଯେ ବିରାଟ କୋହଲି କିଛି ବର୍ଷ ଧରି କ୍ରିକେଟ ଖେଳିପାରନ୍ତି, କିନ୍ତୁ ରୋହିତ ଶର୍ମା ଦୀର୍ଘ ଦିନ ଧରି ଟେଷ୍ଟ କ୍ରିକେଟ ରେ ଫର୍ମ ଏବଂ ଟେକନିକ ସହ ସଂଘର୍ଷ କରିଆସୁଛନ୍ତି। ତେଣୁ ଭାରତୀୟ ଅଧିନାୟକ ଭବିଷ୍ୟତ ବିଷୟରେ ଚିନ୍ତା କରିବା ଆବଶ୍ୟକ ପଡୁଛି। ସେ କହିଛନ୍ତି ମୁଁ ଭାବୁଛି ବିରାଟ କିଛି ସମୟ ଖେଳିବେ। ସେ ଯେପରି ଆଉଟ ହେଉଛନ୍ତି, କିମ୍ବା ଅନ୍ୟାନ୍ୟ ଜିନିଷ, ଏହାକୁ ବର୍ତ୍ତମାନ ଭୁଲିଯାଅ। ମୁଁ ଭାବୁଛି ସେ ଆଗାମୀ ୩ କିମ୍ବା ୪ ବର୍ଷ ପାଇଁ ଖେଳିବେ। ରୋହିତ ଯେତେ ଦୂର, ତାଙ୍କୁ ଏକ ନିଷ୍ପତ୍ତି ନେବାକୁ ପଡ଼ିବ। ତାଙ୍କର ଫୁଟୱାର୍କ ପୂର୍ବ ଭଳି ନଥିଲା।

ରୋହିତ ଶର୍ମାଙ୍କ ଫର୍ମ ବିଷୟରେ ରବି ଶାସ୍ତ୍ରୀ କହିଛନ୍ତି ଯେ ସେ ବୋଧହୁଏ ବେଳେବେଳେ ସେ ସଟ ଖେଳିବାରେ ବିଳମ୍ବ କରନ୍ତି। ତେଣୁ ସେ ସିରିଜ ଶେଷରେ ଏକ ନିଷ୍ପତ୍ତି ନେବା ଉଚିତ୍। ଏହା ବ୍ୟତୀତ ରୋହିତଙ୍କ ବ୍ୟାଟିଂ ଟେକନିକ ସମସ୍ୟା ଉପରେ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ। ଟିମ ଇଣ୍ଡିଆର ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ କହିଛନ୍ତି ଯେ ଆମେ ସିରିଜରେ ଅନେକ ଥର ଦେଖିଛୁ ଯେ ତାଙ୍କ ଆଗ ପାଦ ଯେତିକି ହେବା ଉଚିତ ସେତିକି ଯାଇ ନାହିଁ। ତେବେ ଏବେ ଦେଖିବାକୁ ବାକି ରହିଲା ସିଡନୀ ଟେଷ୍ଟ ପରେ ବିରାଟ କୋହଲି ଏବଂ ରୋହିତ ଶର୍ମା ଟେଷ୍ଟ ଫର୍ମାଟରେ ଭବିଷ୍ୟତକୁ ନେଇ କ'ଣ ନିଷ୍ପତ୍ତି ନେଉଛନ୍ତି।

ପ୍ରଥମରୁ ଝୁଣ୍ଟିଲା କଳିଙ୍ଗ ଲାନ୍‌ସର୍ସ

ରାଉରକେଲା, ୩୧।୧୨: ହକି ଇଣ୍ଡିଆ ଲିଗ୍‌ରେ ଘରୋଇ ଦଳ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ପରାଜୟରୁ ଅଭିଯାନ ଆରମ୍ଭ କରିଛି। ଶକ୍ତିଶାଳୀ ୟୁପି ରୁଦ୍ରାସ୍‌ଠାରୁ ୧-୩ ଗୋଲ୍‌ରେ ପରାସ୍ତ ହୋଇଛି। ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର୍‌ରେ କଳିଙ୍ଗ ଲାନ୍‌ସର୍ସ ସୁନ୍ଦର ପ୍ରଦର୍ଶନ କରିଥିଲା। ୧୩ତମ ମିନିଟ୍‌ରେ ଦଳର ବିଦେଶୀ ତାରକା ଏନରିକ୍ ଗୋଞ୍ଜାଲେଜ୍ ଏକ ଚମତ୍କାର ଫିଲ୍‌ଡଗୋଲ ଦେଇ ଦଳକୁ ୧-୦ ଗୋଲରେ ଆଗୁଆ କରିଥିଲେ। ତେବେ ଦ୍ୱିତୀୟ କ୍ୱାର୍ଟରରେ ୟୁପି ପ୍ରତ୍ୟାବର୍ତ୍ତନ କରିଥିଲା। ଦ୍ୱିତୀୟ କ୍ୱାର୍ଟର୍‌ରେ କୌଣସି ଗୋଲ୍ ଦେଇ ନଥିଲେ ମଧ୍ୟ ଘରୋଇ ଦଳକୁ ଚାପରେ ରଖିଥିଲା। ତୃତୀୟ କ୍ୱାର୍ଟରର ଶେଷ ମିନିଟରେ କେନ୍ ରସେଲ୍ ଗୋଲ୍ ଶୁଝି ସ୍ଥିତି ୧-୧ କରି ଦେଇଥିଲେ। ୫୦ତମ ମିନିଟ୍‌ରେ ଓଡ଼ିଆ ତାରକା ସୁଦୀପ ଚିର୍ମାକୋଙ୍କ ଗୋଲ୍‌ରେ ୟୁପି ୨-୧ରେ ଆଗୁଆ ହୋଇଯାଇଥିଲା। ମ୍ୟାଚ୍ ଶେଷ ହେବାକୁ ଆଉ ୮ ସେକେଣ୍ଡ୍ ବାକି ଥିବାବେଳେ ୟୁପି ଏକ ପେନାଲ୍‌ଟି କର୍ଣ୍ଣର୍ ପାଇଥିଲା। ଏହାକୁ ହାତଛଡ଼ା ନ କରି କେନ୍ ରସେଲ୍ ଗୋଲ୍‌ରେ ପରିଣତ କରି ଦଳକୁ ୩-୧ ଗୋଲ୍‌ରେ ବିଜୟ ଭେଟି ଦେଇଥିଲେ।

ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ୍

ଭାରତର ଶେଷ ଆଶା ସିଡ୍‌ନୀ ଓ ଶ୍ରୀଲଙ୍କା

ମେଲବର୍ଣ୍ଣ,୩୧/୧୨: ମେଲ୍‌ବର୍ଣ୍ଣରେ ବକ୍ସିଂ ଡେ' ଟେଷ୍ଟ ପରାଜୟ ପରେ ଭାରତର ବିଶ୍ୱ ଟେଷ୍ଟ ଚାମ୍ପିଅନ୍‌ସିପ୍ ଫାଇନାଲ୍‌ରେ ପହଞ୍ଚିବାର ଆଶା ଏକପ୍ରକାର ମଉଳି ଯାଇଛି। ସୂତା ଖିଅରେ ଝୁଲିଛି ଶେଷ ଆଶା। ଦକ୍ଷିଣ ଆଫ୍ରିକା ଫାଇନାଲ୍‌ରେ ପହଞ୍ଚି ସାରିଥିବାରୁ ବର୍ତ୍ତମାନ ଗୋଟିଏ ସ୍ଥାନ ପାଇଁ ୩ ଦଳ ଅଷ୍ଟ୍ରେଲିଆ, ଭାରତ ଓ ଶ୍ରୀଲଙ୍କା ଦାବିଦାର ରହିଛନ୍ତି। ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ଆଉ ୩ଟି ଟେଷ୍ଟ ଖେଳିବେ। ଭାରତ ଖେଳିବ କେବଳ ଗୋଟିଏ ଟେଷ୍ଟ। ୩ ତାରିଖରୁ ସିଡନୀରେ ଏହି ମ୍ୟାଚ୍ ଖେଳାଯିବା ପଏଣ୍ଟ ତାଲିକାକୁ ଦେଖିଲେ ୬୧.୪୬% ପଏଣ୍ଟ ସହ ଅଷ୍ଟ୍ରେଲିଆ ଦ୍ୱିତୀୟ ଓ ୫୨.୭୮% ପଏଣ୍ଟ ସହ ଭାରତ ତୃତୀୟ ସ୍ଥାନରେ ରହିଛନ୍ତି। ସିଡନୀ ଟେଷ୍ଟ ବ୍ୟତୀତ ଅଷ୍ଟ୍ରେଲିଆ ଆଗକୁ ଶ୍ରୀଲଙ୍କା ବିପକ୍ଷରେ ଆଉ ୨ଟି ଟେଷ୍ଟ ଖେଳିବ। ଏହି ୩ଟି ଯାକ ଟେଷ୍ଟରୁ ଅଷ୍ଟ୍ରେଲିଆ କେବଳ ଗୋଟିଏ ମ୍ୟାଚ ଜିତିଲେ ସିଧା ଫାଇନାଲ୍‌ରେ ପ୍ରବେଶ କରିବ।

ଭାରତକୁ ଫାଇନାଲ୍‌ରେ ପ୍ରବେଶ କରିବାକୁ ହେଲେ ପ୍ରଥମେ ସିଡନୀ ଟେଷ୍ଟ ଜିତିବାକୁ ପଡ଼ିବ। ଏହାପରେ ଶ୍ରୀଲଙ୍କା-ଅଷ୍ଟ୍ରେଲିଆ ସିରିଜ ଫଳାଫଳକୁ ଅପେକ୍ଷା କରିବାକୁ ହେବ। ଉକ୍ତ ୨ ମ୍ୟାଚ୍ ବିଶିଷ୍ଟ ସିରିଜକୁ ଶ୍ରୀଲଙ୍କା ୧-୦ରେ ଜିତିଲେ ଭାରତ ଫାଇନାଲରେ ପ୍ରବେଶ କରିପାରିବ। ସିଡନୀ ଟେଷ୍ଟ ଜିତିଲେ ଭାରତର ପଏଣ୍ଟ ୫୫.୨୬% ରେ ପହଞ୍ଚିବ। ଅଷ୍ଟ୍ରେଲିଆ-ଶ୍ରୀଲଙ୍କା ସିରିଜକୁ ଶ୍ରୀଲଙ୍କା ୧-୦ରେ ଜିତିଲେ ଅଷ୍ଟ୍ରେଲିଆର ପଏଣ୍ଟ ୫୩.୫୧% ଓ ଶ୍ରୀଲଙ୍କା ପଏଣ୍ଟ ୪୮.୭୨% ରହିବ। ଫଳରେ ଭାରତ ଦ୍ୱିତୀୟ ସ୍ଥାନରେ ରହି ଫାଇନାଲରେ ପ୍ରବେଶ କରିପାରିବ। ସିଡନୀ ଟେଷ୍ଟ ଡ୍ର' ରହିଲେ ଭାରତର ପଏଣ୍ଟ ୫୧.୭୫% ରେ ସମାପ୍ତ ହେବ। ଅର୍ଥାତ ଭାରତ ଫାଇନାଲ୍ ଦୌଡ଼ରୁ ବାଦ ପଡ଼ିଯିବ। ଏହାପରେ ଶ୍ରୀଲଙ୍କା-ଅଷ୍ଟ୍ରେଲିଆ ସିରିଜର ୨ଟି ଯାକ ଟେଷ୍ଟ ଡ୍ର' ରହିଲେ ଅଷ୍ଟ୍ରେଲିଆର ପଏଣ୍ଟ ୫୩.୫୧% ଓ ଶ୍ରୀଲଙ୍କାର ପଏଣ୍ଟ ୫୩.୮୫% ରହିବ। ଫଳ ସ୍ୱରୂପ ଶ୍ରୀଲଙ୍କା ଦ୍ୱିତୀୟକୁ ଉଠି ଫାଇନାଲ୍‌ରେ ପ୍ରବେଶ କରିବ। ସିଡନୀ ଟେଷ୍ଟରେ ଅଷ୍ଟ୍ରେଲିଆ ପରାଜିତ ହେବା ପରେ ମଧ୍ୟ ଫାଇନାଲ୍ ଆଶା ଉଜ୍ଜୀବିତ ରହିବ। ଶ୍ରୀଲଙ୍କାରେ ଗୋଟିଏ ଟେଷ୍ଟ ଜିତିଲେ ଅଷ୍ଟ୍ରେଲିଆ ଫାଇନାଲ୍‌ରେ ପ୍ରବେଶ କରିପାରିବ। ୧-୧ରେ ଶ୍ରୀଲଙ୍କା ବିପକ୍ଷ ସିରିଜ ଡ୍ର' ରହିଲେ ମଧ୍ୟ ଅଷ୍ଟ୍ରେଲିଆ ୫୭.୦୨%ପଏଣ୍ଟ ସହ ଫାଇନାଲ୍‌ରେ ପ୍ରବେଶ କରିବ। ଭାରତ ୫୫.୨୬% ପଏଣ୍ଟ ସହ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିବ।

୨୪ର ବେଷ୍ଟ ଟିମ୍ ବାଛିଲା ଅଷ୍ଟ୍ରେଲିଆ କ୍ରିକେଟ

କମିନ୍ସ ଆଉଟ୍ ବୁମରା କ୍ୟାପ୍ଟେନ୍

ନୂଆଦିଲ୍ଲୀ,୩୧/୧୨: ସରିଯିବ ୨୦୨୪। ବର୍ଷର ଶେଷ ଦିନରେ ବେଷ୍ଟ କ୍ରିକେଟ ଟିମ୍ ବାଛିଛି ଅଷ୍ଟ୍ରେଲିଆ। ଏଥିରେ ପାଟ କମିନ୍ସ ନୁହେଁ ବରଂ ଜଣେ ଭାରତୀୟଙ୍କୁ ଦଳର ଅଧିନାୟକ କରିଛି କ୍ରିକେଟ ଅଷ୍ଟ୍ରେଲିଆ। କ୍ୟାପ୍ଟେନ୍ସି ପଦରୁ ହଟିଛନ୍ତି ପାଟ୍ କମିନ୍ସ। ତାଙ୍କ ସ୍ଥାନରେ ଭାରତୀୟ ଦଳର ଦ୍ରୁତ ବୋଲର ଯଶପ୍ରୀତ ବୁମରା ଦଳର ଅଧିନାୟକ ହୋଇଛନ୍ତି। ୨୦୨୪ର ଅନ୍ତିମ ଦିନରେ ବେଷ୍ଟ କ୍ରିକେଟ ଟିମ୍ ବାଛିଛି କ୍ରିକେଟ ଅଷ୍ଟ୍ରେଲିଆ। ଯେଉଁଥିରେ ୧୧ ଜଣ ଖେଳାଳି ରହିଛନ୍ତି। ଯେଉଁଥିରେ ଭାରତର ଦୁଇ ଜଣ ଖେଳାଳି ରହିଛନ୍ତି। ଯଶସ୍ୱୀ ଜୈସ୍ୱାଲ ଓ ଯଶପ୍ରୀତ ବୁମରାଙ୍କୁ ବେଷ୍ଟ ୧୧ରେ ସ୍ଥାନ ମିଳିଛି। ଖାଲି ସେତିକି ନୁହେଁ ଯଶପ୍ରୀତ ବୁମରା ପାଟ କମିନ୍ସଙ୍କ ସ୍ଥାନରେ ଦଳର ଅଧିନାୟକ ହୋଇଛନ୍ତି। ୧୧ ଜଣିଆ ଦଳରେ ବିଶ୍ୱକପ ଜିତାଇଥିବା ପାଟ୍ କମିନ୍ସଙ୍କୁ ସ୍ଥାନ ମିଳିନାହିଁ। ଅଷ୍ଟ୍ରେଲିଆର ଆଲେକ୍ସ କ୍ୟାରୀ ୱିକେଟ କିପର ହୋଇଥିବାବେଳେ ଯଶପ୍ରୀତ ବୁମରା ଅଧିନାୟକ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜୈସ୍ୱାଲ, ଇଂଲଣ୍ଡର ବେନ ଡକେଟ, ରୁଟ, ହ୍ୟାରୀ ବ୍ରୁକ, ନିଜ୍ୟୁଲାଣ୍ଡର ରବିନ୍ଦ୍ର ରାଚିନ, ମାଟ ହେନେରୀ, ଶ୍ରୀଲଙ୍କାର ମେଣ୍ଡିସ, ଅଷ୍ଟ୍ରେଲିଆର ହାଜେଲ ହୁଡ ଓ ଆଲେକ୍ସ କ୍ୟାରୀ ଦକ୍ଷିଣ ଆଫ୍ରିକାର କେଶବ ମହାରାଜ ରହିଛନ୍ତି। ପାଟ କମିନ୍ସଙ୍କ ଅଧିନାୟକତ୍ୱରେ ଅଷ୍ଟ୍ରେଲିଆ ଚଳିତ ବର୍ଷ କ୍ରିକେଟର ଦମଦାର ପ୍ରଦର୍ଶନ କରିଛି। ମାତ୍ର ତାଙ୍କୁ ୧୧ ଜଣିଆ ବେଷ୍ଟ କ୍ରିକେଟ ଟିମରେ ତାଙ୍କୁ ସ୍ଥାନ ମିଳିନାହିଁ। ଖାଲି ସେତିକି ନୁହେଁ କ୍ରିକେଟ ଅଷ୍ଟ୍ରେଲିଆ ଯଶପ୍ରୀତ ବୁମରାଙ୍କୁ ଅଧିନାୟକ କରିଛି। ବୁମରା ଚଳିତବର୍ଷ ୧୩ଟି ଟେଷ୍ଟ ମ୍ୟାଚ ଖେଳି ୭୧ ୱିକେଟ ନେଇଛନ୍ତି। ବୁମରା ତାଙ୍କ ଅଧିନାୟତ୍ୱରେ ଅଷ୍ଟ୍ରେଲିଆ ବିପକ୍ଷରେ ପର୍ଥ ଟେଷ୍ଟରେ ଦମଦାର ବିଜୟ ହାସଲ କରିଥିଲେ।

ତୃଣମୂଳ ସ୍ତରରେ କ୍ରୀଡାକୁ ପ୍ରୋତ୍ସାହନ ଦେଉଛି ବେଦାନ୍ତ

ତୀରନ୍ଦାଜୀରେ ପଦକ ଜିତିଲେ ସଞ୍ଜୟ

ଭୁବନେଶ୍ୱର,୩୧।୧୨(ସଂଚାର ବ୍ୟୁରୋ): ବେଦାନ୍ତ କ୍ରୀଡା ପ୍ରୋତ୍ସାହନର ପ୍ରତିଭାବାନ ଯୁବ ତୀରନ୍ଦାଜ ସଞ୍ଜୟ ମାଝୀ ସମ୍ମାନଜନକ ଏନଟିପିସି ସିନିୟର ନ୍ୟାସନାଲ ଆର୍ଚରୀ ଚାମ୍ପିୟନଶିପ୍ ୨୦୨୪ରେ କାଂସ୍ୟ ପଦକ ଜିତିଛନ୍ତି । ଭାରତର ପ୍ରମୁଖ ଆଲୁମିନା ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମର ୟୁନିଟ୍ ବେଦାନ୍ତ ଲାଞ୍ଜିଗଡ଼ ସମର୍ଥିତ ସଞ୍ଜୟଙ୍କ ଏହି ସଫଳତା ତୀରନ୍ଦାଜିରେ ବରିଷ୍ଠ ବର୍ଗର ଜାତୀୟ ପଦକ ପାଇଁ ଓଡ଼ିଶାର ୨୧ ବର୍ଷର ଅଭିଯାନକୁ ଶେଷ କରି ରାଜ୍ୟ ଓ ବେଦାନ୍ତର କ୍ରୀଡ଼ା ପାଇଁ ଗୌରବ ଆଣିଦେଇଛନ୍ତି । ବେଦାନ୍ତ କ୍ରୀଡ଼ା କାର୍ଯ୍ୟକ୍ରମ ୨୦୧୮ରେ ଆରମ୍ଭ ହେବା ପରଠାରୁ ଓଡ଼ିଶାର କଳାହାଣ୍ଡିରେ ଯୁବ କ୍ରୀଡ଼ାବିତ୍ମାନଙ୍କ ପାଇଁ ଆଶାର କିରଣ ପାଲଟିଛି । ତୀରନ୍ଦାଜି ଏବଂ କରାଟେ ଉପରେ ଧ୍ୟାନ ଦେବା ସହିତ, ଏହି ପଦକ୍ଷେପ ଉଦୀୟମାନ ଆଥଲେଟମାନଙ୍କୁ ବିଶେଷଜ୍ଞ ପ୍ରଶିକ୍ଷଣ, ଆଧୁନିକ ଉପକରଣ, ୟୁନିଫର୍ମ ଏବଂ ଲଜିଷ୍ଟିକ୍ ସହାୟତା ସହିତ ବ୍ୟାପକ ସହାୟତା ପ୍ରଦାନ କରୁଛି। ବର୍ତ୍ତମାନ ସୁଦ୍ଧା ୩୦୦ରୁ ଅଧିକ ଆଥଲେଟ୍ ଏହି କାର୍ଯ୍ୟକ୍ରମରୁ ଉପକୃତ ହୋଇଥିବା ବେଳେ ୧୧୦ ଜଣ ଏବେ ତୀରନ୍ଦାଜି ଓ କରାଟେରେ ବୃତ୍ତିଗତ ପ୍ରଶିକ୍ଷଣ ନେଉଛନ୍ତି । ଏହି ମାଇଲଖୁଣ୍ଟ କ୍ରୀଡ଼ା ମାଧ୍ୟମରେ ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ବେଦାନ୍ତର ବୃହତ ଦୃଷ୍ଟିକୋଣଉପରେ ଆଲୋକପାତ କରୁଛି । ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଲାଞ୍ଜିଗଡ଼ରେ ଆମର କ୍ରୀଡ଼ା ବିକାଶ ପଦକ୍ଷେପ ସ୍ଥାନୀୟ ଯୁବକମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ଏବଂ ସେମାନଙ୍କୁ ଜାତୀୟ ଓ ବିଶ୍ୱସ୍ତରୀୟ ପ୍ଲାଟଫର୍ମରେ ଚମକିବାରେ ସକ୍ଷମ କରିବାର ଲକ୍ଷ୍ୟ ସହିତ ଯୋଡ଼ି ହୋଇଛି ।



ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଆଦିବାସୀଙ୍କ...

ସେଥିପାଇଁ ଆଗାମୀ ଦିନରେ ଅନ୍ୟାନ୍ୟ ବିକଳ୍ପ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ବୈଠକରେ ମୁଣ୍ଡାରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାବ୍ୟତୀତ ଅନ୍ୟାନ୍ୟ ଜନଜାତି ଭାଷାକୁ ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରିବା ପାଇଁ ଆଲୋଚନା ହୋଇଥିଲା । ପେସା ଆଇନର କାର୍ଯ୍ୟକାରିତା ପାଇଁ ପ୍ରସ୍ତୁତ କରାଯାଇଥିବା ନିୟମାବଳୀ ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ତେବେ ଏହି ନିୟମାବଳୀ ଉପରେ ଅଧିକ ଆଲୋଚନା କରାଯାଇ ନିଷ୍ପତ୍ତି ନେବା ପାଇଁ ସ୍ଥିର କରାଯାଇଥିଲା । ଏଥିପାଇଁ ଏକ ରାଜ୍ୟସ୍ତରୀୟ ୱାର୍କସପ୍ ଆୟୋଜନ କରାଯାଇ ଏଥିରେ ବ୍ଲକ୍ ଓ ଜିଲ୍ଲାସ୍ତରୀୟ ଜନଜାତି ପ୍ରତିନିଧି, ପୌରାଞ୍ଚଳ, ବିଧାନସଭା, ଲୋକସଭା ଓ ରାଜ୍ୟସଭାର ଜନଜାତି ପ୍ରତିନିଧି ମାନଙ୍କୁ ସାମିଲ କରାଯାଇ ଏହି ନିୟମାବଳୀ ସଂପର୍କରେ ବିସ୍ତୃତ ଆଲୋଚନା କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ପ୍ରାରମ୍ଭିକ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ଜନଜାତି ମାନଙ୍କ ସାମାଜିକ, ଆର୍ଥିକ ଓ ରାଜନୈତିକ ସଶକ୍ତିକରଣ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଜନଜାତୀୟ ଗୌରବ ଦିବସ ପାଳନ କରି ସାରା ଦେଶରେ ଆଦିବାସୀଙ୍କ ବିକାଶ ପାଇଁ ୬୬୪୦ କୋଟି ଟଙ୍କାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସେହିପରି 'ଧରତୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନ' ଆରମ୍ଭ କରିଛନ୍ତି। ଏଥିରେ ଓଡିଶାର ୨୭ଟି ଜିଲ୍ଲାର ୭୬୬୭ଟି ଆଦିବାସୀ ବହୁଳ ଗ୍ରାମକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହାଦ୍ୱାରା ୧୦ ଲକ୍ଷ ୮୦ ହଜାରରୁ ଅଧିକ ଜନଜାତି ପରିବାର ଉପକୃତ ହେବେ । ସେହିପରି ପିଏମ୍ ଜନମନ୍ ଯୋଜନା ଆରମ୍ଭ କରାଯାଇଛି । ଏଥିରେ ଓଡିଶାର ୧୪ଟି ଜିଲ୍ଲାର ୧୩ଟି ବର୍ଗର ପିଭିଟିଜି ମାନେ ଉପକୃତ ହେଉଛନ୍ତି । ସେହିପରି ରାଜ୍ୟ ସରକାର ମଧ୍ୟ ଜନଜାତି ମାନଙ୍କ ବିକାଶ ପାଇଁ ଅନେକ ଯୋଜନା ହାତକୁ ନେଇଛନ୍ତି। ଅନୁସୂଚିତ ଜନଜାତି ମାନଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କ ଡ୍ରପ୍ ଆଉଟ ହାର ହ୍ରାସ କରିବା ପାଇଁ ସହିଦ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଜାନୁଆରୀ ୫ ତାରିଖରେ ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇ ଥିବା ଛାତ୍ରଛାତ୍ରୀ ମାନଙ୍କୁ ବାର୍ଷିକ ୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ଦିଆଯିବ। ସେହିପରି ସହିଦ୍ ଲକ୍ଷ୍ମଣ ନାୟକ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମରେ ୭୦୫ଟି ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଯାଉଛି । ସୂଚନାଯୋଗ୍ୟ ଯେ ଜନଜାତି ଉପଦେଷ୍ଟା ପରିଷଦରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ଅଛନ୍ତି ଏବଂ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଉପାଧ୍ୟକ୍ଷ ଅଛନ୍ତି । ଏହାବ୍ୟତୀତ ଆଉ ୧୮ ଜଣ ସଦସ୍ୟ ଅଛନ୍ତି । ଏଥିରେ ୧୫ ଜଣ ବିଧାନସଭା ସଦସ୍ୟ, ୨ ଜଣ ସାଂସଦ ଏବଂ ଜନଜାତି ବିକାଶ ପାଇଁ କାର୍ଯ୍ୟ କରୁଥିବା ଜଣେ ଆଦିବାସୀ ମହିଳା ସଦସ୍ୟା ଭାବେ ସ୍ଥାନ ପାଇଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ଅତିଥି ସଦସ୍ୟ ଭାବେ ଯୋଗ ଦେଇଥିଲେ । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ମାନେ ଉପସ୍ଥିତ ଥିଲେ । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀ ସଂଜୀବ କୁମାର ମିଶ୍ର ବୈଠକର କାର୍ଯ୍ୟସୂଚୀ ସଂପର୍କରେ ଉପସ୍ଥାପନ ରଖିଥିଲେ।

୨୦୨୫...

ପରିବେଶର ସୁରକ୍ଷା ଓ ନଦୀଜଳ ବିବାଦର ସମାଧାନ । ଗୋଟିଏ ପଟେ ଶିଳ୍ପସଂସ୍ଥା ବିଶେଷକରି ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡିକ ପାଇଁ ପରିବେଶ ଉପରେ ପଡୁଥିବା କୁପ୍ରଭାବକୁ ରୋକିବାକୁ ପଡିବ । ବାହାରୁଥିବା ପାଉଁଶ ପକାଇବାପାଇଁ ଠିକଣା ସ୍ଥାନ ଯୋଗାଇବାକୁ ପଡିବ । ସର୍ବୋପରି ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଅଧିକ ଚଳଚଞ୍ଚଳ କରିବାକୁ ପଡିବ। ଏହି ସଂସ୍ଥାଟି ପୂର୍ବ ସରକାର ସମୟରେ ଏକ ପ୍ରକାର ଥଇଥାନ କେନ୍ଦ୍ର ପାଲଟିଥିବାରୁ ସରକାରଙ୍କୁ ତାହାର ନବକେଳବର କରିବାକୁ ହେବ । ଏଥି ସହିତ ମହାନଦୀ ଜଳ ବିବାଦର ସମାଧାନ ସରକାରଙ୍କ ପାଇଁ ବଡ ଆହ୍ୱାନ ହୋଇଛି । ଚାଷ ଠାରୁ ଜଳବିଦ୍ୟୁତ ଉତ୍

ଅଙ୍ଗନବାଡ଼ି ସ୍ୱେଟର ଯୋଗାଣରେ ବ୍ୟାପକ ଦୁର୍ନୀତି

ରାଜ୍ୟ ବାହାରୁ କିଣାଯାଇଛି
ଏସ୍‌ଏଚ୍‌ଜିଙ୍କ ନାଁରେ ଦଲାଲ୍ ବାଣ୍ଟୁଛନ୍ତି
ବିବାଦ ଘେରରେ କୁଜଙ୍ଗ ସିଡିପିଓ

କୁଜଙ୍ଗ, ୩୧।୧୨ (ସଂଚାର ବ୍ୟୁରୋ) : ଚଳିତ ବର୍ଷ ଅଙ୍ଗନୱାଡ଼ି କେନ୍ଦ୍ରର ଶିଶୁମାନଙ୍କ ପାଇଁ ଯୋଗାଣ କରାଯାଇଥିବା ଶୀତ ପୋଷାକ(ସ୍ୱେଟର)ରେ ବ୍ୟାପକ ଅନିୟମୀତତା ହୋଇଥିବା ଅଭିଯୋଗ ଆସିଛି। ଶୀତ ପୋଷାକ ପାଇଁ ଆସିଥିବା ସରକାରୀ ଅନୁଦାନ ଠାରୁ ଖୁବ୍ କମ୍ ମୂଲ୍ୟରେ ରାଜ୍ୟ ବାହାରୁ କ୍ରୟ କରି ଶିଶୁମାନଙ୍କୁ ବଣ୍ଟନ କରାଯାଇଛି। ଏହି ଶୀତ ପୋଷାକ ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନାଁରେ ଦଲାଲମାନେ ଅଙ୍ଗନୱାଡ଼ି କେନ୍ଦ୍ରରୁ କେନ୍ଦ୍ର ଭ୍ରମଣ କରି ବଣ୍ଟନ କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ଶୀତ ବସ୍ତ୍ର ଯୋଗାଣ ଘଟଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିବାବେଳେ ଏହାକୁ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଧ୍ୟାନ ଦେବା ସହ ତୁରନ୍ତ ତଦନ୍ତ କରିବା ଆବଶ୍ୟକ ବୋଲି କିଛି ଅଙ୍ଗନୱାଡ଼ି କର୍ମୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି।

କୁଜଙ୍ଗ ବ୍ଲକ ଅଧୀନରେ ଥିବା ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ଯୋଗାଣ କରାଯାଇଛି ଶିଶୁମାନଙ୍କ ପାଇଁ ଶୀତ ପୋଷାକ ସ୍ୱେଟର। ଅଗ୍ରାଧିକାର ଭିତିରେ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ହାତକୁ ଯାଉଛି ଏସବୁର ଯୋଗାଣ ଦାୟିତ୍ୱ। କିନ୍ତୁ ବାସ୍ତବ ପକ୍ଷେ ପୋଷାକ ତିଆରି କରୁନାହାନ୍ତି ଏସ୍‌ଏଚ୍‌ଜି। ତା ଛଡା ଯେଉଁମାନେ ପୋଷାକ ତିଆରି ନିମନ୍ତେ ତାଲିମ ଗ୍ରହଣ କରିଛନ୍ତି ସେମାନଙ୍କୁ ମଧ୍ୟ ଯୋଗାଣ ଦାୟିତ୍ୱରୁ ଯୋଜନା ବଦ୍ଧ ଭାବେ ଦୂରେଇ ରଖାଯାଉଛି। ଫଳରେ ଗ୍ରାଉଣ୍ଡ ଜିରୋରେ ନିଜ ଗୋଡ଼ରେ ଛିଡ଼ା ହୋଇପାରୁନାହାନ୍ତି ତାଲିମ୍ ପ୍ରାପ୍ତ ଏସ୍‌ଏଚ୍‌ଜି ମହିଳାମାନେ। ତେବେ ବଡ଼ଧରଣର ବ୍ୟବସାୟିକ ଫାଇଦାର ଲକ୍ଷ୍ୟ ରଖାଯାଉଥିବାରୁ ଏ ଦିଗରେ ତଦନ୍ତ ଦାବି କରିଛନ୍ତି କୁଜଙ୍ଗ ବ୍ଲକ ମିଶନ ଶକ୍ତିର ମହିଳା।

ଅଭିଯୋଗ ମୁତାବକ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ, ମିଶନଶକ୍ତି ବିଭାଗ ପକ୍ଷରୁ କୁଜଙ୍ଗ ବ୍ଲକର ସମସ୍ତ ଅଙ୍ଗନ ବାଡ଼ି କେନ୍ଦ୍ରର ଶିଶୁମାନଙ୍କ ପାଇଁ ଶୀତପୋଷାକ(ସ୍ୱେଟର) ଯୋଗାଣ ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଏହି ସ୍ୱେଟର ଯୋଗାଣ ସ୍ୱୟଂ ସହାୟିକା ଗୋଷ୍ଠିର ତାଲିମପ୍ରାପ୍ତ ମହିଳାମାନେ କରିବା କଥା। ସେମାନଙ୍କ ପାଖରେ ସିଲେଇ ମେସିନ୍, ଆବଶ୍ୟକୀୟ ଉପକରଣ ଓ ଅଭିଜ୍ଞତା ରହିବା, ଉକ୍ତ ସ୍ୱୟଂସହାୟିକା ଗୋଷ୍ଠୀ ସଂଘ ଏହି କାମ ପାଇଁ ଆଗ୍ରହ ଥିବା, ନିଜର ବ୍ୟାଙ୍କ୍‌ରେ ଜମା ରାଶି, ବ୍ୟାଙ୍କ୍ ରୁ ଋଣ ଆଣିଥିବେ କିମ୍ବା ଋଣ ଆଣିବା ପାଇଁ ଇଚ୍ଛୁକ ଥିବେ, ସଂଘ ସକ୍ରିୟ ଥିବ, ବ୍ୟାଙ୍କ୍ ଜମା ଖାତା ସଚ୍ଚଳ ରହିଥିବ, ସମସ୍ତ ଖାତା ପତ୍ର ସଠିକ୍ ରହିଥିବା ଆବଶ୍ୟକ, ନିଜ ସଂଘର ସିଲେଇ କେନ୍ଦ୍ର ରହିଥିବା ଆବଶ୍ୟକ ବୋଲି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ନାମାରେ ଉଲ୍ଲେଖ କରାଯାଇଛି। ତେବେ ସରକାରଙ୍କର ଏହି ସବୁ ନିୟମକୁ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଦଳି ମକଚି ଅନେକ ସ୍ୱୟଂସହାୟିକା ଗୋଷ୍ଠିର ନିଜର ସିଲେଇ କେନ୍ଦ୍ର, ସିଲେଇ ମେସିନ୍, ଆବଶ୍ୟକୀୟ ଉପକରଣ ଓ ଅଭିଜ୍ଞତା ନଥାଇ ମଧ୍ୟ ଯୋଜନା ବଦ୍ଧ ଭାବେ ଏହି ସ୍ୱେଟର ଯୋଗାଣ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଏହି ଯୋଗାଣ ସ୍ୱୟଂ ସହାୟିକା ଗୋଷ୍ଠି ସଂଘ କରିବା ପରିବର୍ତେ କିଛି ଦଲାଲମାନେ କେନ୍ଦ୍ରକୁ କେନ୍ଦ୍ର ଭ୍ରମଣ କରି ସ୍ୱେଟର ପ୍ରଦାନ କରିଛନ୍ତି। ଏହି ସ୍ୱେଟର ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ଲାଭଖୋର ମନୋବୃତି ରଖି ରାଜ୍ୟ ବାହାରୁ କିଣାଯାଇଛି ବୋଲି କିଛି ଅଙ୍ଗନବାଡ଼ି କର୍ମୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି।

ଏହି ସ୍ୱେଟର ଯୋଗାଣ ନିମନ୍ତେ କେତୋଟି ଇଚ୍ଛୁକ ସ୍ୱୟଂ ସହାୟକ ଗୋଷ୍ଠୀ ସଂଘ ଦରଖାସ୍ତ ଆବେଦନ କରିଥିଲେ। କେଉଁ ଆଧାରରେ ଚୟନ କରାଯାଇଛି ଓ କେତେଗୋଟି ସ୍ୱୟଂ ସହାୟକ ଗୋଷ୍ଠିର ସଂଘକୁ ଏହି ଦାୟିତ୍ୱ ପ୍ରଦାନ କରାଯିବା ନେଇ ସ୍ଥାନୀୟ ସିଡିପିଓ ରାଜଶ୍ରୀ ସାହୁଙ୍କୁ ପଚାରିଥିଲେ ମଧ୍ୟ ସେ ଗଣମାଧ୍ୟମରେ ମୁହଁ ଖୋଲୁନାହାନ୍ତି। ତେବେ ଏହି ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି। ଫଳରେ ସ୍ଥାନୀୟ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟର ଅଧିକାରିଣୀ ଏବେ ବିବାଦ ଘେରକୁ ଆସିଛନ୍ତି। ତେବେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଅନେକ ରହସ୍ୟ ସାମ୍ନାକୁ ଆସିବ ବୋଲି ବୁଦ୍ଧିଜିବୀମାନେ ମତ ପ୍ରକାଶ କରିଛନ୍ତି।

ଚୋରା ବାଲିଘାଟକୁ ନେଇ ଗଣ୍ଡଗୋଳ
ଜେଲଗଲେ ଆକ୍ରମଣକାରୀ

ବାଲିଅନ୍ତା, ୩୧।୧୨ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ପୁଲିସ ଗତକାଲି ଧବଳାହାର ଛକରେ ଚୋରା ବାଲିଘାଟକୁ ନେଇ ଘଟିଥିବା ଗଣ୍ଡଗୋଳ ମାମଲାରେ ଜଣେ ଆକ୍ରମଣକାରୀକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲା ଧବଳାହାର ଗ୍ରାମର ଦିଲ୍ଲୀପ କୁମାର ନାଥ ଓରଫ ଦିଲ୍ଲୁ (୩୯)। ଦିଲ୍ଲୀପ ଜାମିନ ଖାରଜ ହୋଇଯିବାରୁ ଝାରପଡା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଦିଲ୍ଲୀପ ବିରୋଧରେ ଉକ୍ତ ଗ୍ରାମର ବିକ୍ରମ କୁମାର ନାଥ ଅଭିଯୋଗ କରିଥିଲେ । ଦିଲ୍ଲୀପ ଏତଲା ଆଧାରରେ ବାଲିଅନ୍ତା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ନିମ୍ନୋକ୍ତ ଅଭିଯୁକ୍ତ ଦିଲୀପକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ ଯେ, ବିକ୍ରମ ଏବଂ ଏବଂ ଦିଲ୍ଲୀପ ଗୋଟିଏ ଗ୍ରାମର ବାସିନ୍ଦା। ଗତକାଲି ସନ୍ଧ୍ୟାରେ ବିକ୍ରମ ତାଙ୍କ ସାନ ଭାଇ ସହ ଧବଳହାର ଛକରେ ଛିଡା ହୋଇ ନଈରୁ ବାଲି ଚୋରି ନେଇ ସମ୍ପର୍କୀୟ ମାମୁଁଙ୍କ ସହିତ କଥା ହେଉଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅଭିଯୁକ୍ତ ଦିଲୀପ ପୂର୍ବ ବିବାଦକୁ କେନ୍ଦ୍ର କରି ଅଭିଯୋଗକାରୀଙ୍କ ସାନ ଭାଇଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଏକ ଲୁହା ଛଡ ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲା । ପାଖରେ ଉପସ୍ଥିତ ଥିବା ସମ୍ପର୍କୀୟ ମାମୁଁ ତାଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରିଥିଲେ । ହେଲେ ଦିଲ୍ଲୀପ ତାଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏହି ମରଣାନ୍ତକ ଆକ୍ରମଣ ଫଳରେ ଅଭିଯୋଗକାରୀଙ୍କ ସାନ ଭାଇ ଅଲ୍ପକେ ବଞ୍ଚିଯାଇଥିଲେ ମଧ୍ୟ ତାଙ୍କ କାନ୍ଧରେ ଗୁରୁତର ଆଘାତ ଲାଗିଥିଲା। ପରିବାର ସଦସ୍ୟ ତାଙ୍କୁ ଗୁରୁତର ଅବସ୍ଥାରେ ଘଟଣା ସ୍ଥଳରୁ ତୁରନ୍ତ ଉଦ୍ଧାର କରି ହାଇ-ଟେକ ହସ୍ପିଟାଲ୍ରୁ ସ୍ଥାନାନ୍ତର କରିଥିଲେ । ଅଭିଯୋଗ ଆଧାରରେ ପୁଲିସ ଦିଲୀପକୁ ତୁରନ୍ତ ଗିରଫ କରି ପଚରାଉଚରା ବେଳେ ଦିଲୀପ ନିଜର ଅପରାଧ ସ୍ୱୀକାର କରିଥିଲେ ।

ବିଲରେ ଜଳିଗଲା ମେସିନ, ଅଳ୍ପକେ ବଞ୍ଚିଗଲା ଧାନ

ଯାଜପୁର, ୩୧।୧୨ (ସଂଚାର ବ୍ୟୁରୋ) : ଧାନ କାଟୁକାଟୁ କ୍ଷେତରେ ଜଳିଗଲା ଧାନକଟା ମେସିନ। ଯାନ୍ତ୍ରିକ ତ୍ରୁଟି ଯୋଗୁ ବିଲରେ ହୁଁହୁଁ ହୋଇ ମେସିନ ଜଳି ଯାଇଛି। ଯାଜପୁର ସଦର ଥାନା ଆଙ୍ଗୁଲା ନିକଟରେ ବିଲରେ ଧାନ କାଟୁଥିବା ବେଳେ କୌଣସି କାରଣରୁ ଧାନ କଟା ମେସିନରେ ନିଆଁ ଲାଗି ଯାଇଥିଲା। ଫଳରେ ମେସିନରେ ଧାନ କ୍ଷେତ ଭିତରେ ହୁଁହୁଁ ହୋଇ ଜଳିବା ଆରମ୍ଭ କରିଥିଲା। ସଙ୍ଗେସଙ୍ଗେ ଉପସ୍ଥିତ ଚାଷୀମାନେ ଭୟଭୀତ ହୋଇ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ। ଖବର ପାଇ ଯାଜପୁର ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୌଭାଗ୍ୟବଶତଃ ଧାନ କ୍ଷେତରେ ନିଆଁ ଲାଗିନଥିବା ବେଳେ ଏକର ଏକର ଧାନ ଜମି ବଡ ଅଗ୍ନିକାଣ୍ଡରୁ ବଞ୍ଚି ଯାଇଛି।

ପୌର କାର୍ଯ୍ୟାଳୟରେ ତାଲା ପକାଇ ଅଧ୍ୟକ୍ଷାଙ୍କ ଧାରଣ

ନବରଙ୍ଗପୁର/ଉମରକୋଟ, ୩୧।୧୨ (ସଂଚାର ବ୍ୟୁରୋ) : ପରିଚାଳନାରେ ଅବହେଳା ଯୋଗୁ ଉମରକୋଟ ପୌର କାର୍ଯ୍ୟାଳୟରେ ତାଲାପକାଇ ଆଜି ଧାରଣାରେ ବସିଛନ୍ତି ପୌରାଧ୍ୟକ୍ଷାଙ୍କ ସମେତ କାଉନସିଲର। ସରକାର ଓ ଜିଲ୍ଲା ପ୍ର ଶାସନ ଯେତେଦିନ ପର୍ଯ୍ୟନ୍ତ କନିଷ୍ଠଯନ୍ତ୍ରୀ ଓ ସହକାରୀଯନ୍ତ୍ରୀଙ୍କୁ ଏଠାରେ ନିଯୁକ୍ତି ନଦେବେ କାର୍ଯ୍ୟାଳୟରେ ତାଲା ପଡିବ ଏବଂ ଧାରଣାରେ ବସିରହିବେ ବୋଲି ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।

କାଉନସିଲରମାନେ କହିଛନ୍ତି,ଦୀର୍ଘ ୧ବର୍ଷରୁ ଅଧିକ ଦିନ ହେଲା ପୌରକାର୍ଯ୍ୟାଳୟରେ କନିଷ୍ଠଯନ୍ତ୍ରୀ ଓ ସହକାରୀଯନ୍ତ୍ରୀ ନଥି ବାରୁ ଅନେକ ଲୋକଙ୍କ କାର୍ଯ୍ୟ ହୋଇ ପାରୁନାହିଁ । ଜଣେ ମାତ୍ର କନିଷ୍ଠଯନ୍ତ୍ରୀଙ୍କ ଦ୍ୱାରା ସହରର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁନି। ସ୍ଥାୟୀ ସହକାରୀ ଯନ୍ତ୍ରୀ ନଥି ବାରୁ କାର୍ଯ୍ୟ ସରିବା ପରେ ମଧ୍ୟ ଠିକାଦାରଙ୍କ ବିଲ୍ ପାଇଁ କାମର ମେଜରମେଣ୍ଟ ହୋଇପାରୁ ନାହିଁ । ପୌରାଞ୍ଚଳର ଅନେକ ନାଳ ନର୍ଦ୍ଦମା, ରାସ୍ତା ଖରାପ ହୋଇ ପଡିଛି। ପରିଷଦରେ ଟଙ୍କା ଥିଲେ ମଧ୍ୟ ନୂତନ ଟେଣ୍ଡର ହୋଇପାରୁ ନାହିଁ । ଗତ ୧ବର୍ଷରେ ଏକାଧିକ ନିର୍ବାହୀ ଅଧିକାରୀଙ୍କ ବଦଳି ଯୋଗୁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ଅଧ୍ୟକ୍ଷା ଓ କାଉନସିଲରମାନେ କହିଛନ୍ତି।ଜିଲ୍ଲାପାଳଙ୍କୁ ସମସ୍ୟା ବିଷୟରେ ଅବଗତ କରାଯାଇଥିଲେ ମଧ୍ୟ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି ତେଣୁ ବାଧ୍ୟହୋଇ ତାଲାପ କାଇ ଧରଣାରେ ବସିଛୁ ବୋଲି ଅଧ୍ୟକ୍ଷା କିଛନ୍ତି। ଏସମ୍ପର୍କରେ ପୌରନିର୍ବାହୀ ଅଧିକାରୀ କହିଛନ୍ତି, ସେ ଧାରଣାରଦ ଲୋକପ୍ରତିନିଧିଙ୍କୁ ବୁଝାଶୁଝା କଥିଲେ ମଧ୍ୟ କେହ ବୁଝୁ ନାହାନ୍ତି। ଜିଦରେ ଅଟଳ ଅଛନ୍ତି। ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି। ଶାସନ ଯାହା ନିଷ୍ପତି ନେବ କାର୍ଯ୍ୟକାରି କରାଯିବ ।

ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ, ୬ ଅଟକ

ଏପର୍ଯ୍ୟନ୍ତ ୬ ଟ୍ରଲର ଜବତ କଲାଣି ବନବିଭାଗ

କାକଟପୁର/ଅସ୍ତରଙ୍ଗ, ୩୧।୧୨ (ସଂଚାର ବ୍ୟୁରୋ): ଅଲିଭି ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନବିଭାଗ ଦ୍ୱାରା ନିଷିଦ୍ଧାଞ୍ଚଳରୁ ପୂର୍ବରୁ ଟ୍ରଲର ଜବତ ହୋଇଥିବା ବେଳେ ସୋମବାର ସନ୍ଧ୍ୟା ରେ ପୁନର୍ବାର ଦେବୀ ନଦୀ ନିଷିଦ୍ଧାଞ୍ଚଳ ସନ୍ନିକଟ ଗଙ୍ଗାଦେବୀ ନିକଟରୁ ମା କାଳୀ ନାମକ ଟ୍ରଲର (ଆଇ ଏନ ଡି -ଓ ଆର -ଏମ ଏମ -୨୬୪) ଦେବୀ ମୁହାଁଣ ନିଷିଦ୍ଧାଞ୍ଚଳ ରୁ ଜବତ ହୋଇଥିବା ବେଳେ ଜବତ ଟ୍ରଲର ରୁ ୬ଜଣ କ୍ରିଉ ମେମ୍ବର ଅଟକ ସହ ସନ୍ଧ୍ୟା ସୁଧା ନିଲାମ ପ୍ରକ୍ରିୟା ହୋଇନଥିଲା।।ଚଳିତ ବର୍ଷ ବନ ବିଭାଗ ୬ଟି ଟ୍ରଲର ଜବତ କରିସାରିଲାଣି।ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳ ରେ ସୋମବାର ଦିନ ସନ୍ଧ୍ୟାରେ ଉକ୍ତ ଟ୍ରଲର ଟି ମାଛମାରୁଥିବା ବେଳେ ବନବିଭାଗ ଟିମ୍, ଟର୍ଟଲ ସ୍କୁଆଡ଼ ଉକ୍ତ ଟ୍ରଲରକୁ ଜବତ ଟ୍ରଲର ଜବତ ସମୟରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିଶା ମହାପାତ୍ର,ବନ କର୍ମଚାରୀ ଙ୍କ ସହ ୫ଜଣ କଇଁଛ ସୁରକ୍ଷା ଟିମ୍, ଏପିଆର ଫୋର୍ସ ପାଟ୍ରୋଲିଂ ରେ ସାମିଲ ହୋଇଥିଲେ। ନୂଆଗଡ ଜେଠିରେ ବାରମ୍ବାର ବିଶୃଙ୍ଖଳା ହେତୁ କୋଣାର୍କ ଚନ୍ଦ୍ରଭାଗା ନିଆଯାଇଥିବା ସୂଚନା।ଉକ୍ତ ଟ୍ରଲର ରୁ ଜବତ ମାଛକୁ ନିଲାମ ପ୍ରକ୍ରିୟା ସନ୍ଧ୍ୟା ସୁଧା ହୋଇ ନଥିଲା।ଅଲିଭି ରିଡେଲ କଇଁଛ ଙ୍କ ଆଗମନ ଯୋଗୁଁ ସାମୁଦ୍ରିକ ମାଛଧରା ଉପରେ ବନବିଭାଗ ଓ ସାମୁଦ୍ରିକ ମତ୍ସ୍ୟବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି।

ପଡୋଶୀଙ୍କୁ ମାଡ଼ମାରି ଯୁବକ ଗିରଫ

ବାଲିଅନ୍ତା, ୩୧।୧୨ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ପୁଲିସ ଆଜି ଏକ ଗଣ୍ଡଗୋଳ ମାମଲାରେ ସ୍ଥାନୀୟ ଭୁବନପୁର ବସ୍ତିର ବାବୁଲି ପାତ୍ର (୫୩)କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବାବୁଲି ବିରୋଧରେ ତାଙ୍କ ପଡୋଶୀ ମହିଳା ଅଭିଯୋଗ କରିଥିଲେ । ଅଭିଯୋଗକାରିଣୀଙ୍କ ଏତଲା ଆଧାରରେ ବାଲିଅନ୍ତା ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତ ବାବୁଲିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ଜମିଜମା ମାମଲାକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ଲାଗିରହିଥିଲା ।ଏନେଇ ଥାନାରେ ଅଭିଯୋଗ ମଧ୍ୟ ହୋଇ ରଫା ଦଫା ହୋଇଥିଲା । ଗତ ୨୯ ତାରିଖ ରାତିରେ ବାବୁଲି ମହିଳା ଏବଂ ତାଙ୍କ ଝିଅକୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ପରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ବାବୁଲି ହଠାତ ଘରୁ ଏକ କାଠ ଫାଳିଆ ଆଣି ଅଭିଯୋଗକାରିଣୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣ ଫଳରେ ମହିଳାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ବେଳେ ତାଙ୍କ ଶାଶୁ ମଧ୍ୟ ଆହତ ହୋଇଥିଲେ । ସ୍ଥାନୀୟ ବାସିନ୍ଦା ଉଭୟଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ । ଘଟଣାର ଅଭିଯୋଗ ପରେ, ପୁଲିସ ମାମଲାର ତଦନ୍ତ କରି ଅଭିଯୁକ୍ତ ବାବୁଲିକୁ ତୁରନ୍ତ ଗିରଫ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିଲେ ।

କ୍ୟାଲେଣ୍ଡର ଉନ୍ମୋଚିତ

ବୋରିଗୁମ୍ଫା, ୩୧।୧୨ (ସଂଚାର ବ୍ୟୁରୋ): ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ ଓଡ଼ିଶା କ୍ୟାଲେଣ୍ଡର ଆଜି ବୋରିଗୁମ୍ଫା ଠାରେ ରାଜ୍ୟ ସଭାପତି ଶଶୀଭୂଷଣ ଦାଶଙ୍କ ଦ୍ୱାରା ସ୍ଥାନୀୟ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଲୋକାର୍ପିତ ହୋଇଯାଇଛି। ଉକ୍ତ କ୍ୟାଲେଣ୍ଡରରେ କାର୍ଯ୍ୟାଳୟର ଛୁଟି ତାଲିକା, ବିଦ୍ୟାଳୟ ର ଛୁଟି ତାଲିକା ସହିତ କାର୍ଯ୍ୟାଳୟ ଓ ବିଦ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ନିମନ୍ତେ ଇଚ୍ଛାଧିନ ଛୁଟି ତାଲିକା ପ୍ରକାଶ ପାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ବୃନ୍ଦାବନ ପଣ୍ଡା ମୁଖ୍ୟ ଉପଦେଷ୍ଟା, ସୁଜାତା ମହାପାତ୍ର, କାର୍ଯ୍ୟ ନିର୍ବାହୀ ସଦସ୍ୟ ମାଧ୍ୟମିକ ବିଦ୍ୟାଳୟ କର୍ମଚାରି ସଂଘ ଓଡ଼ିଶା, ଶ୍ରୀ କିଶୋର ଚନ୍ଦ୍ର ସାହୁ କାର୍ଯ୍ୟକାରୀ ସଭାପତି ଓଡ଼ିଶା ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି କୋରାପୁଟ ଜିଲ୍ଲା ଶାଖା ପ୍ରମୁଖ ଯୋଗଦେଇ ଏହି କ୍ୟାଲେଣ୍ଡର ଉନ୍ମୋଚନ କରିବା ସହିତ ଏହା ଓଡିଶା କର୍ମଚାରୀ ମହଲରେ ସହାୟକ ହୋଇପାରିବ ବୋଲି କହିଥିଲେ।

କେୱାଇସି ପାଇଁ ହନ୍ତସନ୍ତ ହେଉଛନ୍ତି ଆଦିବାସୀ ମହିଳା

ବାଲିଆପାଲ, ୩୧।୧୨ (ସଂଚାର ବ୍ୟୁରୋ) : ବିଭିନ୍ନ ସରକାରୀ ଯୋଜନାରେ ସହାୟତା ପାଇବା ପାଇଁ ବ୍ୟାଙ୍କ ଖାତାରେ ଡିବିଟି ସଂଯୋଗ ନିତ୍ୟାନ୍ତ ଆବଶ୍ୟକ। ତେବେ କିଛି ମହିଳାଙ୍କ ବ୍ୟାଙ୍କ ଖାତାରେ ଡିବିଟି ଓ କେୱାଇସି ସମସ୍ୟା ଥିବା ହେତୁ ସୁଭଦ୍ରା ଯୋଜନାରେ ଟଙ୍କା ପାଇବାରେ ଅସୁବିଧା ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ଆଉ ଏହି ଟଙ୍କାକୁ ପାଇବା ପାଇଁ ବିଭିନ୍ନ ସରକାରୀ ଅଫିସ ଦୌଡ଼ି ଦୌଡି ମହିଳାମାନେ ଧର୍ଯ୍ୟହରା ହୋଇପଡୁଥିବା ଦେଖିବାକୁ ମିଳିଛି। ଯାହା ଏବେ ବାଲିଆପାଲ ବ୍ଲକ ଅଫିସ, ତହସିଲ ଅଫିସ, ଆଧାର କେନ୍ଦ୍ର, ବିଭିନ୍ନ ବ୍ୟାଙ୍କ ଓ ସେବାକେନ୍ଦ୍ରକୁ ଆସୁଥିବା ମହିଳା ମାନଙ୍କ ଜରିଆରେ ଜାଣିବାକୁ ମିଳୁଛି।

କିଛି ମହିଳା ମାନଙ୍କ ଅଭିଯୋଗ ଅନୁଯାୟୀ ସେମାନେ ଅଶିକ୍ଷିତ ଥିବାରୁ ତାଙ୍କ ଭୁଲ ଥିବା ଆଧାର କାର୍ଡ ଜରିଆରେ ପୂର୍ବରୁ ନିଜର ବ୍ୟାଙ୍କ ଖାତା ଖୋଲିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ବିଭିନ୍ନ ସରକାରୀ ଯୋଜନାରେ ଆଧାର ଏକ ଜରୁରୀ ଦସ୍ତାବିଜ ହେବାରୁ ବ୍ୟାଙ୍କରେ କେୱାଇସି ପାଇଁ ସେମାନେ ତାଙ୍କ ଭୋଟର କାର୍ଡ, ପାନ କାର୍ଡ, ଜନ୍ମ ପ୍ରମାଣପତ୍ର, ଆଧାର କାର୍ଡ ଆଦି ବିଭିନ୍ନ ଅଫିସ ଯାଇ ପ୍ରସ୍ତୁତ ବା ସଂଶୋଧନ କରୁଛନ୍ତି। ଆଉ ଏହାର ସୁଯୋଗ ନେଇ ବ

୨୦ରୁ ଧାଡ଼ି ଦର୍ଶନ

ପୁରୀ, ୩୧।୧୨ (ସଂଚାର ବ୍ୟୁରୋ): ଆସନ୍ତା ୨୦ ତାରିଖରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଧାଡ଼ି ଦର୍ଶନ। ଏନେଇ ମଙ୍ଗଳବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାର୍କେଟ ଛକ ଯାଏ ଧାଡ଼ି ହେବ। ଏହି ସମୟରେ ଶ୍ରଦ୍ଧାଳୁଙ୍କୁ ପିଇବା ପାଣି ଯୋଗାଇ ଦିଆଯିବ। ଏହାଛଡ଼ା ସେଠାରେ କୁଲର ଓ ଫ୍ୟାନ୍ ର ବ୍ୟବସ୍ଥା ବି କରାଯିବ। ଭିନ୍ନକ୍ଷମ ଓ ବୟସ୍କମାନଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଏବେ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ଥିବାରୁ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯିବା ସମ୍ଭବ ହୋଇପାରୁନି। ସୂଚନାଯୋଗ୍ୟ, ଧାଡ଼ିଦର୍ଶନ ପାଇଁ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିମିଟେଡ୍ (ଓବିସିସି) ପକ୍ଷରୁ ନାଟମଣ୍ଡପରେ ୬ ଥାକିଆ କାଠ ରାମ୍ପ ନିର୍ମାଣ ଚାଲିଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ନିର୍ମାଣ ଚାଲିଥିବା କାଠ ରାମ୍ପକୁ ବୁଲି ଦେଖିବା ସହ ଦର୍ଶନ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି।

ଉଜୁଡ଼ା କ୍ଷେତରେ ଟଳିଲେ ଚାଷୀ

ନିଆଳି, ୩୧।୧୨ (ସଂଚାର ବ୍ୟୁରୋ): ଅଦିନିଆ ବର୍ଷା ଚାଷୀ ମୁହଁରୁ ଆହାର ଛଡାଇ ନେଇଛି । ଜମିରେ ଧାନ ଗଜା ହୋଇଯାଇଛି। ମଙ୍ଗଳବାର ସକାଳେ କଟକ ଜିଲ୍ଲା ନିଆଳି ବ୍ଲକ ମହଙ୍ଗପଡ଼ାରେ ଘଟିଛି ଦୁଃଖଦ ଘଟଣା। ଜଣେ ଚାଷୀ ନିଜର ଭାଗ ଚାଷ ଧାନ ଜମିର ଅବସ୍ଥା ଦେଖି ଟଳି ପଡ଼ିଥିବା ଅଭିଯୋଗ ଆଣିଛନ୍ତି ପରିବାର। ମହଙ୍ଗପଡାର କୈଳାସ ପ୍ରଧାନ (୭୫) ଅତ୍ୟନ୍ତ ଗରିବ ଲୋକ। ଚଳିତ ବର୍ଷ ୨ ଏକର ଜମିରେ ଧାନ ଚାଷ କରିଥିଲେ। ଅଦିନିଆ ବର୍ଷାରେ ଧାନ ଉଜୁଡ଼ି ଯିବାରୁ ଭାଙ୍ଗି ପଡିଥିଲେ କୈଳାସ। ଆଜି ସକାଳେ ଧାନ ଜମିକୁ ଯାଇଥିବା ସମୟରେ ଉଜୁଡା କ୍ଷେତକୁ ଦେଖି କୈଳାସ ହୃଦ୍‌ଘାତରେ ସେହି ବିଲରେ ଟଳି ପଡ଼ିଥିଲେ। ଏହି ଖବର ସ୍ଥାନୀୟ ଅଞ୍ଚଳରେ ପ୍ରଚାରିତ ହେବା ପରେ ଲୋକଙ୍କ ସୁଅ ଛୁଟିଥିଲା। କୈଳାସଙ୍କ ମୃତ୍ୟୁରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଏନେଇ ମୃତ କୈଳାସଙ୍କ ଝିଅ କହିଛନ୍ତି, ଧାନରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳେ। ସରକାର ସହାୟତା ଦିଅନ୍ତୁ। କୈଳାସଙ୍କ ପରିବାର କହିଲେ ଏକ ମାତ୍ର ଝିଅ ଓ ସ୍ତ୍ରୀ। ଖବର ପାଇ ନିଆଳି ତହସିଲଦାର ଲିଲେନ କୁମାର ସାହୁ ଓ କୃଷି ଅଧିକାରୀ ସନ୍ଧ୍ୟାରାଣୀ ଦାଶ ଜମି ପାଖକୁ ଯାଇ ସ୍ଥିତ ଦେଖିବା ସହ ମୃତକଙ୍କ ପରିବାର ଲୋକଙ୍କୁ ଭେଟିଛନ୍ତି।

ଜଳିଗଲା ସାବେରୀ ଛାତ୍ରୀ ନିବାସ

ବ୍ରହ୍ମପୁର, ୩୧।୧୨(ସଂଚାର ବ୍ୟୁରୋ): ଭଞ୍ଜବିହାର ସାବେରୀ ଛାତ୍ରୀ ନିବାସରେ ମଙ୍ଗଳବାର ଦିନ ୧୦ ଟାଠାରୁ ୧୦.୩୦ ମଧ୍ୟରେ ଘଟିଛି ଅଗ୍ନିକାଣ୍ଡ। ସଟସର୍କିଟରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ସାବେରୀ ଛାତ୍ରୀନିବାସର ୩୫ ନମ୍ବର ରୁମରେ ନିଆଁ ଲାଗିଥିବା ଜଣାପଡିଥିବାବେଳେ ବ୍ରହ୍ମପୁର ଅଗ୍ନିଶମ ବାହିନୀ ଯାଇ ନିଆଁକୁ ଆୟତ୍ତ କରିଛନ୍ତି । ନିଆଁର ମାତ୍ରା ଅଧିକ ଥିବାରୁ ଆସବାବପତ୍ର ସବୁ ଭସ୍ମ ହୋଇଯାଇଛି। ଏବେ ଛୁଟି ଥିବାରୁ ବହୁ ଛାତ୍ରୀ ନିଜ ଘରକୁ ଚାଲି ଯାଇଛନ୍ତି। ଫଳରେ ସେମାନଙ୍କ ଆସବାବପତ୍ର ପୋଡ଼ି ପାଉଁଶ ହୋଇ ଯାଇଛି। ବହୁ କ୍ଷୟକ୍ଷତି ହୋଇଥିବା ବେଳେ କେହି ଆହତ ହୋଇ ନ ଥିବା ଜଣାଯାଇଛି।

ନକଲି ଡାକ୍ତର ଗିରଫ

ପୁରୀ, ୩୧।୧୨ (ସଂଚାର ବ୍ୟୁରୋ): ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରୁ ନକଲି ଡାକ୍ତରଙ୍କୁ ଗିରଫ କରାଯାଇଛି। ୭ ଦିନ ହେଲା ଜଣେ ଯୁବକ ଡାକ୍ତର ବେଶରେ ଆପ୍ରନ ପିନ୍ଧି ଷ୍ଟେଥୋସ୍କୋପ ପକାଇ ୱାର୍ଡ ବୁଲୁଥିଲେ। ୱାର୍ଡରେ ରୋଗୀଙ୍କୁ ଦେଖୁଥିଲେ, ହେଲେ ଔଷଧ ଲେଖୁ ନ ଥିଲେ। କମ ବୟସର ହୋଇଥିବାରୁ ନର୍ସିଂ ଷ୍ଟାଫ ସନ୍ଦେହ କରିଥିଲେ। ଷ୍ଟାଫଙ୍କ ଅଭିଯୋଗ ପରେ ତାଙ୍କୁ ଗିରଫ କରିଛି ମେଡିକାଲ ଫାଣ୍ଡି ପୋଲିସ। ଗିରଫ ଯୁବକ ସ୍ଥାନୀୟ ଏସ୍‌ସିଏଓ୍ କଲେଜ ଯୁକ୍ତ ୨ ବିଜ୍ଞାନ ଛାତ୍ର ବୋଲିସ ସୂଚନା ମିଳିଛି।

ନବ ବର୍ଷର ନୂତନ ସୂର୍ଯ୍ୟୋଦୟ ।

ଲୋକସେବା ଭବନକୁ ସାମ୍ବାଦିକଙ୍କୁ ପ୍ରବେଶ ଅନୁମତି

ଭୁବନେଶ୍ୱର, ୩୧।୧୨ (ସଂଚାର ବ୍ୟୁରୋ): ସାମ୍ବାଦିକଙ୍କ ପାଇଁ ହଟିଲା କଟକଣା । ଲୋକସେବା ଭବନରେ ପ୍ରବେଶ ପାଇଁ ମିଳିଲା ଗ୍ରୀନ ସିଗନାଲ। ସ୍ୱୀକୃତିପ୍ରାପ୍ତ ଓ ଅଣସ୍ୱୀକୃତିପ୍ରାପ୍ତ ସାମ୍ବାଦିକଙ୍କୁ ପ୍ରବେଶ ପାଇଁ ଅନୁମତି ମିଳିଛି। ଟିଭି ଓ ଖବରକାଗଜର ଜଣେ ଲେଖାଏଁ ସାମ୍ବାଦିକଙ୍କୁ ଅନୁମତି ମିଳିଛି।

ପୂର୍ବ ସରକାର କୋଭିଡ୍ ଆଳ ଦେଖାଇ ଲୋକସେବା ଭବନ ଭିତରକୁ ସାମ୍ବାଦିକଙ୍କୁ ଯିବାକୁ ବାରଣ କରିଥିଲେ। କୋଭିଡ କଟକଣା ଉଠିଲା, ମାତ୍ର ଲୋକସେବା ଭବନ ଭିତରକୁ ପ୍ରବେଶ ପାଇଁ ସାମ୍ବାଦିକଙ୍କୁ ଅନୁମତି ଦେଇ ନ ଥିଲେ ପୂର୍ବ ସରକାର। ବିଜେପି ସରକାର କ୍ଷମତାକୁ ଆସିବା ପରେ ଲୋକସେବା ଭବନ ଭିତରକୁ ପ୍ରବେଶ ପାଇଁ ସାମ୍ବାଦିକଙ୍କୁ ଅନୁମତି ଦେଇଛନ୍ତି। ଏ ନେଇ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଗତ ୨୬ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ଗାଇଡ୍ ଲାଇନ ଜାରି କରାଯାଇଛି। ଲୋକସେବା ଭବନକୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ୟାନେଲଭୁକ୍ତ ଦୈନିକ, ସାପ୍ତାହିକ/ ପାକ୍ଷିକ ଖବର କାଗଜ, ଖବର ସରବରାହ ସଂସ୍ଥା, ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି, ସଂପାଦକ, ଅଧିସ୍ୱୀକୃତ ସାମ୍ବାଦିକ, ଜାତୀୟ ଖବର ସଂସ୍ଥାର ରାଜ୍ୟ ପ୍ରତିନିଧି ପ୍ରମୁଖଙ୍କୁ ପ୍ରବେଶ ଅନୁମତି ମିଳିବ। ଏଥିପାଇଁ ଆଗ୍ରହୀ ସାମ୍ବାଦିକ/ପ୍ରତିନିଧି ନିଜ ଆଧାର କାର୍ଡ ଓ କାର୍ଯ୍ୟରତ ସଂସ୍ଥାର ନିଜ ପରିଚୟପତ୍ର ଦେଇ ଅନ୍‌ଲାଇନ୍‌ରେ ଆବେଦନ କରିବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏହାକୁ ଯାଞ୍ଚ କରାଯିବ। ଏହା ପରେ ଇ-ପ୍ରବେଶ ପୋର୍ଟାଲରେ ଘରୋଇ ବିଭାଗ ପକ୍ଷରୁ ପାସ୍‌କୁ ଅନୁମୋଦନ ମିଳିବ। ପ୍ରତି ସଂସ୍ଥାର ଜଣେ ସାମ୍ବାଦିକ ଓ ଜଣେ ଫଟୋଗ୍ରାଫରଙ୍କୁ ହିଁ ପ୍ରବେଶ ଅନୁମତି ମିଳିବ। ରାଜ୍ୟ ସରକାରଙ୍କ ଉକ୍ତ ନିଷ୍ପତ୍ତି ପରେ ସାମ୍ବାଦିକ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏହାକୁ ସାମ୍ବାଦିକମାନେ ସ୍ୱାଗତ କରିଛନ୍ତି।

ନୂଆବର୍ଷରେ ସହଳ ଦର୍ଶନ ଦେଲେ ଶ୍ରୀଜୀଉ

ମାର୍କେଟ ଛକରୁ ସିଂହଦ୍ୱାର ଯାଏଁ ବ୍ୟାରିକେଡ୍

ପୁରୀ,୩୧।୧୨ (ସଂଚାର ବ୍ୟୁରୋ): ୨୦୨୪ର ଶେଷ ଦିନରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ଶୃଙ୍ଖଳିତ ଦର୍ଶନ ଓ ଟ୍ରାଫିକ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ନବବର୍ଷରେ ମହାପ୍ରଭୁଙ୍କ ଆଶୀର୍ବାଦ ନେବା ପାଇଁ ପୁରୀରେ ହଜାର ହଜାର ଭକ୍ତଙ୍କ ଆଗମନ ହୋଇଛି। ନୂଆବର୍ଷ ମଙ୍ଗଳମୟ ହେଉ ବୋଲି ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ଶ୍ରଦ୍ଧାଳୁ। ଶୃଙ୍ଖଳିତ ଦର୍ଶନ ଓ ଶୃଙ୍ଖଳିତ ନୀତିକାନ୍ତି ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବଡଦାଣ୍ଡର ମାର୍କେଟ ଛକରୁ ଶ୍ରୀମନ୍ଦିର ସିଂହଦ୍ୱାର ଯାଏଁ ବ୍ୟାରିକେଡ୍ କରାଯାଇଛି। ଭକ୍ତଙ୍କ ସୁବିଧା ପାଇଁ ବ୍ୟାରିକେଡ୍‌ରେ ଫଙ୍ଗା ଲଗାଯାଇଛି। ପାନୀୟ ଜଳ ଯୋଗାଣ ପାଇଁ ୩୦ ସ୍ଥାନରେ ବ୍ୟବସ୍ଥା କରାଯାଇଛି । ସ୍ୱେଚ୍ଛାସେବୀଙ୍କୁ ଏଥିପାଇଁ ନିୟୋଜନ କରାଯାଇଛି । ପୋଲିସ ପକ୍ଷରୁ ଭକ୍ତଙ୍କ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି । ନବବର୍ଷ ଅବସରରେ ମହାପ୍ରଭୁଙ୍କ ନୀତିକାନ୍ତି ଯେଭଳି ବିଳମ୍ବିତ ନ ହୁଏ ସେଥିପାଇଁ ଶ୍ରୀମନ୍ଦିର ଭିତରେ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି । ଭକ୍ତ ଶୃଙ୍ଖଳିତ ଦର୍ଶନ ସହ ଠାକୁରଙ୍କ ନୀତି କିଭଳି ଭଲରେ ପରିଚାଳନା କରିହେବ ତାହା ଉପରେ ନଜର ରଖିବେ ଏହି ବରିଷ୍ଠ ଅଧିକାରୀ । ଭକ୍ତମାନେ କିଭଳି ଏକ ଭଲ ଅନୁଭୂତି ନେଇ ଫେରିବେ ସେ ଦିଗରେ ସବୁ ବ୍ୟବସ୍ଥାକୁ ସୁଦୃଢ କରିବାକୁ ପୁରୀ ଜିଲାପାଳ ସବୁ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଅନ୍ୟପଟେ ୩୧ ରାତି ୧୨ଟା ୩୦ରେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତି କରାଯାଇ ନବବର୍ଷ ଦର୍ଶନ ଆରମ୍ଭ ହୋଇଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୩୧ ଓ ଜାନୁଆରୀ ୧ ଦୁଇ ଦିନ ଭକ୍ତମାନେ କେବଳ ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବେ ଓ ଅନ୍ୟ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଯାଇଛି।

ତ୍ରିନିଦାଦ ଓ ଟୋବାଗୋ ରାଷ୍ଟ୍ରପତି ମୁଖ୍ୟ ଅତିଥି

ପ୍ରବାସୀ ଭାରତ ଏକ୍ସପ୍ରେସ୍‌ର ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୩୧।୧୨ (ସଂଚାର ବ୍ୟୁରୋ): ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ଜାନୁଆରୀ ୮ ରୁ ୧୦ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନଠାରେ ମହାସମାରୋହରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ପ୍ରସ୍ତୁତିର ସମୀକ୍ଷା କରି କହିଛନ୍ତି, ଓଡିଶାର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ପ୍ରବାସୀ ଭାରତୀୟ ଦିବସ ଏକ ପ୍ରକୃଷ୍ଟ ଅବସର।

ଏହି ସମାରୋହରେ ଦେଶ ବିଦେଶରୁ ପ୍ରାୟ ୭ହଜାର ଅତିଥି ଯୋଗଦେବେ । ଅଦ୍ୟାବଧି ୨୭୪୮ ଜଣ ଅତିଥି ଅଂଶ ଗ୍ରହଣ ନିମନ୍ତେ ପଞ୍ଜିକରଣ କରି ସାରିଲେଣି। ମୁଖ୍ୟ ଅତିଥି ଭାବେ ତ୍ରିନିଦାଦ ଓ ଟୋବାଗୋ ରାଷ୍ଟ୍ରପତି କ୍ରିଷ୍ଟାଇନ୍ କାର୍ଲ କାଙ୍ଗାଲୁ ଯୋଗଦେବେ। ଏହି ଅବସରରେ ସେ ଚନ୍ଦକା ସ୍ଥିତ ଗୋଡିବାରି ସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ବାର୍ତ୍ତାଳାପ କରିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୈଦେଶିକ ମନ୍ତ୍ରୀ ଏସ୍ ଜୟ ଶଙ୍କର, ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ପ୍ରମୁଖ ଯୋଗଦେବେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ 'ପ୍ରବାସୀ ଭାରତୀୟ ଏକ୍ସପ୍ରେସ'ର ଉଦ୍‌ଘାଟନ କରିବେ ।

ସୁରକ୍ଷା ପାଇଁ ଅଧିକ ସଂଖ୍ୟକ ହାଇ ସିକ୍ୟୁରିଟି ଫୋର୍ସ, ୨୫୦ ଟ୍ରାଫିକ ନିୟନ୍ତ୍ରଣକାରୀ ଏବଂ ୧୪୦ ଲିଆଜିନିଙ୍ଗ ଅଫିସରଙ୍କୁ ନିୟୋଜିତ କରାଯାଇଛି । ସେହିପରି ବିଦେଶରୁ ଆସୁଥିବା ଅତିଥି ମାନଙ୍କୁ ଏକ ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଅଭିଜ୍ଞତା ପ୍ରଦାନ ପାଇଁ ଟ୍ୱିନସିଟି ଭୁବନେଶ୍ୱର ଓ କଟକକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଓ ନିର୍ମଳ କରାଯାଇଛି । ସହରର ରାସ୍ତା ଘାଟ, ଅଫିସ୍ ବିଲଡିଙ୍ଗ, ବିଡିଏ ପାର୍କ ଓ ବରପୁତ୍ରଙ୍କ ପ୍ରତିମୂର୍ତ୍ତୀ ଗୁଡିକୁ ପରିଷ୍କାର ପରିଚ୍ଛନ୍ନ କରାଯାଇ ସୁସଜ୍ଜିତ ଆଲୋକ ମାଳାରେ ସଜାଇ ଦିଆଯାଉଛି । ପ୍ରବାସୀ ଭାରତୀୟ ଦିବସ ମହାସମାରୋହରେ ଆୟୋଜନ ବେଳେ ସହରର ବିଭିନ୍ନ ସ୍ଥାନରେ ପଥ ଉତ୍ସବ, ଏକାମ୍ର ଉତ୍ସବ, ଆଦିବାସୀ ମେଳା ପ୍ରଭୁତି ଦ୍ୱାରା ରାଜଧାନୀକୁ ଉତ୍ସବ ମୁଖର କରାଯିବ। ଭୁବନେଶ୍ୱର ସହିତ ଏହାର ଆଖପାଖ ଅଞ୍ଚଳର ପରିମଳ ବ୍ୟବସ୍ଥା ଓ ସୌନ୍ଦର୍ଯ୍ୟକରଣ ଉପରେ ସ୍ୱତନ୍ତ୍ର ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ବି.ଏମ୍.ସି ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ସହରର ସ୍ୱଚ୍ଛତା, ଶୃଙ୍ଖଳା ଓ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିୟମାବଳୀର ଅନୁପାଳନ କରି ସମାରୋହର ସଫଳ ରୂପାୟନରେ ଭାଗିଦାରୀ ହେବାକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ସମାରୋହରେ ଓଡିଶାର ସମୃଦ୍ଧ କଳା ଓ ଐତିହ୍ୟର ପ୍ରଦର୍ଶନ ରାଜାରାଣୀ ସଙ୍ଗୀତ ଉତ୍ସବ, ଓଡିଶୀ ନୃତ୍ୟ, ମୁକ୍ତେଶ୍ୱର ଡ୍ୟାନ୍ସ ଫେଷ୍ଟିଭାଲ, ଦେଶଜ ନୃତ୍ୟ ଇତ୍ୟାଦି ମାଧ୍ୟମରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶନ କରାଯିବ । ଏହାର ଦୂରଦର୍ଶନରେ ସିଧା ପ୍ରସାରଣ ମଧ୍ୟ କରାଯିବ। ଭୁବନେଶ୍ୱର, କଟକ, ପୁରୀ, କୋଣାର୍କ ଆଦି ବିଭିନ୍ନ ସହରର ପ୍ରାୟ ୩୧ଟି ପର୍ଯ୍ୟଟନ ସ୍ଥଳୀକୁ ଅତିଥି ମାନଙ୍କୁ ନେବା ପାଇଁ ବ୍ୟବସ୍ଥା କରାଯାଉଛି । ଓଡିଶାର ଏକ ପ୍ୟାଭିଲିୟନ ଜନତା ମଇଦାନରେ ରହିବ। ଯେଉଁଥିରେ ଶ୍ରୀଜଗନ୍ନାଥ ସଂସ୍କୃତି, କଳିଙ୍ଗ ଯୁଦ୍ଧ, ସମ୍ରାଟ ଅଶୋକଙ୍କ ଚଣ୍ଡାଶୋକରୁ ଧର୍ମାଶୋକରେ ରୂପାନ୍ତରଣ, ଐତିହ୍ୟ ବାଲିଯାତ୍ରା ଓ ଅନ୍ୟାନ୍ୟ କୀର୍ତ୍ତିରାଜୀ ଗୁଡିକର ପ୍ରଦର୍ଶନ କରାଯିବ। ଏହା ସହ ଏକ ଡିଜିଟାଲ୍ ପ୍ରଦର୍ଶନୀର ମଧ୍ୟ ଆୟୋଜନ କରାଯାଇଛି । ଅତିଥି ମାନଙ୍କ ଭ୍ରମଣ ତଥା ଯାତାୟାତ ନିମନ୍ତେ ୧୦ଟି ଉନ୍ନତ ମାନର ବସ ଏବଂ ୫ଟି ଡବଲ୍ ଡେକର ବସର ବ୍ୟବସ୍ଥା କରାଯାଇଛି। ୨୦୦ରୁ ଅଧିକ ପ୍ରବାସୀ ସାମ୍ବାଦିକ, ୭ଟି ଦେଶରୁ ୟଟ୍ୟୁବର ଓ ବ୍ଲଗର ଏଥିରେ ଅଂଶ ଗ୍ରହଣ କରୁଛନ୍ତି। ଉତ୍ସବର ପ୍ରଚାର ଓ ପ୍ରସାରଣ ନିମନ୍ତେ ସୋସିଆଲ ମିଡିଆ, ଟିଭି ଓ ବିଜ୍ଞାପନ ଇତ୍ୟାଦି ମାଧ୍ୟମରେ ଜନସାଧାରଣଙ୍କୁ ଓଡିଆ, ହିନ୍ଦୀ, ଇଂରାଜୀରେ ଅବଗତ କରାଯାଉଛି।

୪ ଜିଲ୍ଲାର କ୍ଷତିଗ୍ରସ୍ତ ଜମି ବୁଲିଲେ ନବୀନ

ଚାଷୀଙ୍କ ସହ ଆଲୋଚନା କଲେ

କେନ୍ଦ୍ରାପଡ଼ା/ପଟ୍ଟାମୁଣ୍ଡାଇ/ ପୁରୀ, ୩୧।୧୨(ସଂଚାର ବ୍ୟୁରୋ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ମଙ୍ଗଳବାର ପୁରୀ, କେନ୍ଦ୍ରାପଡା, ଜଗତସିଂହପୁର ଓ କଟକ ଜିଲ୍ଲା ଗସ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଛନ୍ତି ଏବଂ ଉଜୁଡିଯାଇଥିବା କ୍ଷେତକୁ ଦେଖିଛନ୍ତି। ପୁରୀ ଜିଲ୍ଲା ସତ୍ୟବାଦୀ ଅଂଚଳର ଚାଷୀ ନବୀନଙ୍କୁ ଗଜା ଧାନ ଦେଖାଇ କୋହ ସମ୍ବାଳିପାରିନାହାନ୍ତି। ପ୍ରଭାବିତ ଅଂଚଳ ବୁଲି କ୍ଷେତ୍ର ପରିଦର୍ଶନ କରିବା ସହ ଚାଷୀଙ୍କ ସହ କଥା ହୋଇଛନ୍ତି ନବୀନ। ପ୍ରତିଶ୍ରୁତି ଦେଇଛନ୍ତି ଚାଷୀଙ୍କ ଦୁଃଖ ସରକାରଙ୍କ ନିକଟରେ ପଂହଚାଇବେ। ସତ୍ୟବାଦୀ ଗସ୍ତବେଳେ ନବୀନଙ୍କୁ ଦେଖିବାକୁ ବ୍ୟାରିକେଡ ଭାଙ୍ଗି ହେଲିପ୍ୟାଡ ଭିତରକୁ ପଶିଯାଇଥିଲେ ଲୋକେ। ଭିଡ ସମ୍ବାଳିବାକୁ ପୁଲିସକୁ ନାକେଦମ ହେବାକୁ ପଡିଥିଲା।

ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଚନ୍ଦାହୁରା ଗାଁରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟିଛନ୍ତି ନବୀନ ପଟ୍ଟନାୟକ । ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଉଜୁଡ଼ା ଚାଷକୁ ଦେଖି ଗତକାଲି ଆତ୍ମହତ୍ୟା କରିଥିବା ଯୁବଚାଷୀ କୃତିବାସ ସ୍ୱାଇଁଙ୍କ ଘରକୁ ଯାଇ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। କଟକ ଜିଲ୍ଲା ସାଲେପୁର ବ୍ଲକ୍ କଟରପା ପଞ୍ଚାୟତର କଟରପା ରଥଦାଣ୍ଡରେ ବି ଚାଷୀଙ୍କୁ ଭେଟି କଥା ହୋଇଛନ୍ତି। କେନ୍ଦ୍ରପଡା ଶ୍ୟାମସୁନ୍ଦରପୁରରେ ନବୀନଙ୍କୁ କାନ୍ଦି କାନ୍ଦି ଗଜା ଧାନ ଦେଖାଇଛନ୍ତି ଚାଷୀ। ରାଜନଗର ନିର୍ବାଚନମଣ୍ଡଳୀ ପଟ୍ଟାମୁଣ୍ଡାଇ ବ୍ଲକର ଭାତହାଣ୍ଡି ଉଜୁଡି ଯାଇଛି ଓ ବର୍ଷା ଯୋଗୁଁ ଫସଲହାନୀ ଘଟି ଚାଷୀମାନଙ୍କ ଚାଷଜମିରେ ଧାନ ସମୂଳେ ପଚି ନଷ୍ଟ ହୋଇ ଯାଇଛି ଓ ଧାନ ଫସଲ ସହିତ ପନିପରିବା ଫସଲ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକର ୩୧ ପଞ୍ଚାୟତ ଓ ପୌର ପରିଷଦର ୨୦ ୱାର୍ଡରେ ଥିବା ହଜାର ହଜାର ଏକର ଜମିର ଫସଲ ବାରମ୍ବାର ଅଦିନିଆ ବର୍ଷାରେ ଚାଷ ଜମିରେ ପଚି ନଷ୍ଟ ହୋଇଯାଇଛି। ଧାର କରଜ କରି ଫସଲ କରିଥିବା ଚାଷୀ ସର୍ବସ୍ୱାନ୍ତ ହୋଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକର ଦୋଷିଆ ପଂଚାୟତ ଶ୍ୟାମସୁନ୍ଦରପୁରରେ ଫସଲ କ୍ଷୟକ୍ଷତି ଅନୁଧ୍ୟାନ କରିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କ ସହିତ ଆଲୋଚନା କରିଛନ୍ତି ଶ୍ରୀ ପଟ୍ଟନାୟକ।

ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ର ଯୋଡ଼ିବ ୧.୨ କୋଟି ନିଯୁକ୍ତି



ନୂଆଦିଲ୍ଲୀ,୩୧।୧୨: ଏବେ ଘରୋଇ ବିନିର୍ମାଣ କ୍ଷେତ୍ରକୁ ସରକାର ପ୍ରୋତ୍ସାହିତ କରୁଛନ୍ତି । ଏ କ୍ଷେତ୍ରରେ ଉତ୍ପାଦନ ସଂଯୁକ୍ତ ପ୍ରୋତ୍ସାହନ (ପିଏଲ୍‌ଆଇ) ଯୋଜନା କାର୍ଯ୍ୟକାରୀ ହେଉଛି । ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ରର ବିଭିନ୍ନ କମ୍ପାନି ଘରୋଇ ବଜାରକୁ ନିଜର ଉତ୍ପାଦନ ବେସ୍ କରିବାକୁ ଆଗଭର ହେଉଛନ୍ତି । ଏଭଳି ସ୍ଥିତିରେ ଆଗାମୀ ୩ ବର୍ଷରେ ଏହି କ୍ଷେତ୍ର ଆହୁରି ଦୃଢ଼ ହେବ ବୋଲି ଆଶା କରାଯାଉଛି। ୨୦୧୭ ବେଳକୁ ଦେଶର ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ର ୧୨ ନିୟୁତ ନିଯୁକ୍ତି ଯୋଡ଼ିବ ବୋଲି ଆକଳନ କରାଯାଇଛି । ଟିମ୍ ଲିଜ ଡିଗ୍ରୀ ଆପ୍ରେଣ୍ଟିସିପ୍ ରିପୋର୍ଟ ମୁତାବକ, ଏହା ମଧ୍ୟରେ ୧୦ ଲକ୍ଷ ଇଞ୍ଜିନିୟର, ୨୦ ଲକ୍ଷ ଆଇଟିଆଇ ପ୍ରଫେସନାଲ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେସିନ ଲର୍ଣ୍ଣିଂ ଏବଂ ଡାଟା ସାଇନ୍ସ ଭଳି କ୍ଷେତ୍ରରେ ୨୦ ହଜାର ଦକ୍ଷ ପ୍ରଫେସନାଲ ସାମିଲ ରହିବେ। ସେହିଭଳି ଅଣ ଟେକ୍ନିକାଲ ବର୍ଗରେ ୯ ନିୟୁତ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଏହି କ୍ଷେତ୍ର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାର ଢ଼େର ସମ୍ଭାବନା ରଖୁଛି । ୨୦୩୦ ବେଳକୁ ଦେଶର ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ର ୫୦୦ ବିଲିୟନ ଡଲାରର ଉତ୍ପାଦନ ଲକ୍ଷ୍ୟ ରଖିଛି। ଏହି ଲକ୍ଷ୍ୟ ହାସଲ କରିବାକୁ ହେଲେ ଆଗାମୀ ୫ ବର୍ଷରେ ୫ ଗୁଣ ଅଭିବୃଦ୍ଧି କରିବାକୁ ହେବ । ୪୦୦ ବିଲିୟନ ଡଲାରର ଉତ୍ପାଦନ ତାରତମ୍ୟ ଦୂର କରିବାକୁ ହେବ । ଏବେ ଘରୋଇ ବଜାର ୧୦୧ ବିଲିୟନ ଡଲାର ଉତ୍ପାଦନ ସ୍ତର ହାସଲ କରିଛି । ଏହା ମଧ୍ୟରେ ମୋବାଇଲ ଫୋନର ଅଂଶ ୪୩% ରହିଛି । ଏହାବାଦ ଖାଉଟି ଏବଂ ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ଇଲେକଟ୍ରୋନିକ୍ସ ୧୨% ଲେଖାଏଁ ଯୋଗଦାନ ଦେଉଛି । ଇଲେକ୍‌ଟ୍ରୋନିକ୍ସ ଯନ୍ତ୍ରାଂଶର ଅଂଶ ରହିଛି ୧୧% । ଏହାବାଦ ଅଟୋମୋବାଇଲ ଇଲେକଟ୍ରୋନିକ୍ସ ୮%, ଏଲ୍‌ଇଡି ଲାଇଟ ୩%, ୱେରେବଲ, ହିୟରେବଲ ୩% ଏବଂ ପିସିବିଏର ଅଂଶ ୧% ରହିଛି । ଦେଶର ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ର ବିଶ୍ୱ ବଜାରକୁ ୩% ଯୋଗଦାନ ଦେଉଛି । ଗତ ଆର୍ଥିକବର୍ଷ ଦେଶର ମୋଟ ମର୍ଚ୍ଚାଣ୍ଡାଇଜ ରପ୍ତାନିରେ ଏହାର ଅଂଶ ଥିଲା ୫.୩% । ଏଭଳି ସ୍ଥିତିରେ ଯୁବବର୍ଗଙ୍କୁ ଭବିଷ୍ୟ ଶ୍ରମଶକ୍ତି ଭାବେ ଗଢ଼ି ତୋଳିବା ଲାଗି ଆପ୍ରେଣ୍ଟିସିପ, ରିସ୍କିଲ, ଅପ୍ ସ୍କିଲ କରିବାର ଆବଶ୍ୟକତା ରହିଛି ବୋଲି ଟିମ୍ ଲିଜ୍ ମୁଖ୍ୟ ଷ୍ଟ୍ରାଟେଜି ଅଫିସର ସୁମିତ କୁମାର କହିଛନ୍ତି । ଦକ୍ଷତା ବିକାଶ ଇକୋସିଷ୍ଟମକୁ ଦୃଢ଼ୀକରଣ ଲୋଡ଼ା ରହିଛି । ଦେଶର ଆଇଟିଆଇଗୁଡ଼ିକ ୫୧% ଉପସ୍ଥାନ ସହ ପରିଚାଳିତ ହେଉଛି । ନିଯୁକ୍ତିଦାତା ଏବଂ ଶିଳ୍ପ କ୍ଷେତ୍ର ନିଜସ୍ୱ ତାଲିମ କେନ୍ଦ୍ର ସ୍ଥାପନ କରି ଏହି ଧାରାକୁ ଦୃଢ଼ କରିପାରିବେ । କାର୍ଯ୍ୟ ସମ୍ପର୍କିତ ଶିକ୍ଷଣ କାର୍ଯ୍ୟକ୍ରମ ଏବଂ ଡିଗ୍ରୀ ଆପ୍ରେଣ୍ଟିସିପ୍ ଏ କ୍ଷେତ୍ରରେ ବିଶେଷ ଭାବେ ସହାୟକ ହେବ । ମେକ୍ ଇନ୍ ଇଣ୍ଡିଆ, ନ୍ୟାସ୍‌ନାଲ ଇଲେକ୍‌ଟ୍ରୋନିକ୍ସ ପଲିସି ଏବଂ ଡିଜିଟାଲ ଇଣ୍ଡିଆ ଇଲେକ୍‌ଟ୍ରୋନିକ୍ସ କ୍ଷେତ୍ର ଅଭିବୃଦ୍ଧିରେ ସହାୟକ ହେଉଥିବା ଟିମ୍ ଲିଜ ସିଇଓ ଏଆର୍ ରମେଶ କହିଛନ୍ତି ।

ନୂଆବର୍ଷ ପାଇଁ ବୃଦ୍ଧି ପାଇଛି ସୁନା ଦର

ନୂଆଦିଲ୍ଲୀ,୩୧।୧୨: ନୂଆବର୍ଷ ପାଇଁ ବୃଦ୍ଧି ପାଇଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୧ ହଜାର ୧୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୭ ହଜାର ୫୬୦ ଟଙ୍କା ରହିଛି । ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୧, ୧୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୭,୫୬୦ ଟଙ୍କା ଥିଲା । ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୧,୧୦୦ ଟଙ୍କା ଓ ୭୭,୫୬୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୧,୨୫୦ ଟଙ୍କା ଓ ୭୭, ୭୧୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୧,୧୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୭,୫୬୦ ଟଙ୍କା ଥିବା ରେକର୍ଡ ହୋଇଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୧,୧୦୦ ଟଙ୍କା ଓ ୭୭, ୫୬୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୦,୫୦୦ ହଜାର ଟଙ୍କା ହୋଇଛି ।

କଟକ-ଭୁବନେଶ୍ୱର-ପୁରୀରେ ଚାଲିବ ଇଲେକ୍ଟ୍ରିକ ଡବଲ ଡେକର ବସ୍

ଭୁବନେଶ୍ୱର,୩୧।୧୨: କଟକ-ଭୁବନେଶ୍ୱର-ପୁରୀରେ ଇଲେକ୍ଟ୍ରିକ ଡବଲ ଡେକର ବସ୍ ଚଳାଚଳ କରିବ। ୫ଟି ବସ୍ ରାଜ୍ୟ ସରକାର ଆଣିବେ। ମୁମ୍ବାଇର ଏକ ସଂସ୍ଥା ଏହି ବସ୍ ତିଆରି କରୁଛି। ପ୍ରଥମ ପର୍ଯ୍ୟାୟରେ ୨ଟି ବସ୍ ଆସୁଛି। ପରବର୍ତ୍ତୀ ସମୟରେ ଅନ୍ୟ ୩ଟି ବସ୍ ଆସିବ ବୋଲି ଜଣାପଡ଼ିଛି। ଗେରୁଆ ରଙ୍ଗରେ ତିଆରି ହୋଇଥିବା ଏହି ବସ୍‌ରେ ଓଡ଼ିଶାର କଳା ଓ ସଂସ୍କୃତି ଛାପ ରହିଛି। ବସ୍‌ରେ କୋଣାର୍କ ଚକ, ଧଉଳି ଶାନ୍ତିସ୍ତୁପ, ଗୋଟିପୁଅ ନୃତ୍ୟ ଓ ଅନ୍ୟାନ୍ୟ କଳାକୃତିର ଛାପ ରହିଛି। ନିର୍ମାଣ କାର୍ଯ୍ୟ ସରିଥିବା ୨ଟି ଇଲେକ୍ଟ୍ରିକ ଡବଲ ଡେକର ବସ୍ ମୁମ୍ବାଇରୁ ଭୁବନେଶ୍ୱର ଅଭିମୁଖେ ବାହାରି ସାରିଲାଣି। ବସ୍ ଦୁଇଟି ଇତି ମଧ୍ୟ ୪୦୦ କିମି ଅତିକ୍ରମ କରି ସାରିଲାଣି।

ଆଦାନି ୱିଲ୍‌ମରରୁ ବାହାରିଯିବ ଆଦାନି

୪୪% ଅଂଶଧନ କରିବ ବିକ୍ରି

ମୁମ୍ବାଇ,୩୧।୧୨: ଦୀର୍ଘ ଦିନରୁ ଆକଳନ କରାଯାଉଥିଲା ଗୌତମ ଆଦାନୀ ଖୁବ୍ ଶୀଘ୍ର ଏଫଏମସିଜି କମ୍ପାନୀ ଆଦାନୀ ୱିଲ୍ମରରୁ ବାହାରକୁ ଯାଇ ପାରନ୍ତି, ଯାହାକୁ ସୋମବାର ସବୁଜ ସଂକେତ ମିଳିଛି। ଏବେ ଗୌତମ ଆଦାନୀ ତେଲ, ଅଟା, ଡାଲି କି ଚାଉଳ ଭଳି କିରାନା ସାମଗ୍ରୀ ଆଉ ବିକିବେନି। ଏଥିପାଇଁ ଆଦାନୀ ଏଣ୍ଟରପ୍ରାଇଜେସ୍ ସୋମବାର ଆଦାନୀ ୱିଲ୍ମର ଲିମିଟେଡରେ ନିଜର ୪୪ ପ୍ରତିଶତ ଅଂଶିଦାରୀରୁ ବାହାରକୁ ବାହାରିବା ପାଇଁ ଘୋଷଣା କରିଦେଇଛି। ଏହି କାରବାରରୁ ଆଦାନୀ ଦୁଇଟି ପର୍ଯ୍ୟାୟରେ ନିଜକୁ ମୁକ୍ତ କରିବେ। ଏଥିପାଇଁ ଆଦାନୀ ପ୍ରଥମେ ଆଦାନୀ ୱିଲ୍ମରରେ ଥିବା ନିଜ ଅଂଶକୁ ୱିଲ୍ମର ଇଣ୍ଟରନ୍ୟାସନାଲର ସହାୟକ କମ୍ପାନୀ ଲାନ୍ସ ପିଟିଇ ଲିମିଟେଡକୁ ବିକିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଆଦାନୀ ଫ୍ଲାଗସିପ୍ କମ୍ପାନୀ ଆଦାନୀ ଏଣ୍ଟରପ୍ରାଇଜସ୍ ସେୟାର ହୋଲ୍ଡିଂ ପାଟର୍ଣ୍ଣ ନିୟମ ପୁରା କରିବା ପାଇଁ ନିଜ ଅଂଶିଦାରୀ ବିକିବେ। ଏହି ନିଷ୍ପତ୍ତି ପରେ ସୋମବାର ଆଦାନୀ ଏଣ୍ଟରପ୍ରାଇଜେସ୍ ସେୟାର ୭.୬୫ ପ୍ରତିଶତ ବୃଦ୍ଧି ସହିତ ୨,୫୯୩.୪୫ଟଙ୍କାରେ ବନ୍ଦ ହୋଇଛି। ଦିନର ବ୍ୟବସାୟୀକ ଅଧିବେଶନ କାଳରେ କମ୍ପାନୀର ସେୟାର ୨,୬୦୯.୮୫ ଟଙ୍କା ସହିତ ଦିନର ସର୍ବୋଚ୍ଚ ସ୍ତରକୁ ଛୁଇଁଥିଲା। ଅପରପଟେ ଆଦାନୀ ୱିଲ୍ମର ସେୟାରରେ ହ୍ରାସ ଦେଖାଯାଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ) ତଥ୍ୟ ଅନୁସାରେ ଆଦାନୀ ୱିଲ୍ମରର ସେୟାର ୦.୧୭ ପ୍ରତିଶତ ହ୍ରାସ ସହିତ ୩୨୯.୫୦ ଟଙ୍କାରେ ବନ୍ଦ ହୋଇଛି। ତେବେ ବ୍ୟବସାୟୀକ ଅଧିବେଶନ କାଳରେ କମ୍ପାନୀର ସେୟାର ୩୨୧.୬୫ ଟଙ୍କାର ଦିନର ସର୍ବନିମ୍ନସ୍ତରକୁ ଖସିଥିଲା। ହେଲେ କମ୍ପାନୀର ବଜାର ପୁଞ୍ଜିକରଣ ବର୍ତ୍ତମାନ ସମୟରେ ୪୨,୮୨୪.୪୧ କୋଟି ଟଙ୍କା ରହିଛି।

୨୦୨୪ରେ ୪,୪୯,୦୨୨ ବିରିୟାନି ଅର୍ଡର

ଭୁବନେଶ୍ୱର,୩୧।୧୨: ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସବୁ ବର୍ଗର ଗ୍ରାହକ ଅନ୍‌ଲାଇନ ଜରିଆରେ ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭକରି ଖାଦ୍ୟ ପଦାର୍ଥ ପର୍ଯ୍ୟନ୍ତ ଅର୍ଡର କରୁଛନ୍ତି। ଏପରିକି ଭୁବନେଶ୍ୱରବାସୀ ୨୦୨୪ରେ ୪,୪୯,୦୨୨ ଚିକେନ ବିରିୟାନି ଅର୍ଡର କରିଥିଲାବେଳେ ଅନ୍‌ଲାଇନ ମାଧ୍ୟମରେ ଅନ୍ୟାନ୍ୟ ଖାଦ୍ୟ ତୁଳନାରେ ସର୍ବାଧିକ ଗ୍ରାହକ ବିରିୟାନି ଅର୍ଡର କରିଛନ୍ତି। ସେହିଭଳି ଏହି ସମୟ ମଧ୍ୟରେ ଡିନର ପାଇଁ ୧୪ ଲକ୍ଷ ଅର୍ଡର ହୋଇଥିଲାବେଳେ ଚୋକୋଲାଭା କେକ୍ ପାଇଁ ୨୨,୭୪୩ ଅର୍ଡର ହୋଇଛି। ଏପରିକି ୮,୨୫୫ରୁ ଅଧିକ ଏଗ୍‌ଲେସ୍ ଚକୋଲେଟ୍ କେକ୍ ଅର୍ଡର ହୋଇଥିବାବେଳେ ୧୯,୫୬୦ ଟଙ୍କା ମୂଲ୍ୟର ସର୍ବବୃହତ୍ ସିଙ୍ଗଲ ଅର୍ଡର କରାଯାଇଛି। ଯେଉଁଥିରେ ହୁନାନ ଚିଙ୍ଗୁଡ଼ି, ପାନ୍ ଫ୍ରାଏଡ୍ ଚିଲି ଫିସ, ହାକ୍କା ନୁଡଲ୍ସ ସମେତ ୩୭ ପ୍ରକାରର ବିଦେଶୀ ଚାଇନିଜ୍ ବ୍ୟଞ୍ଜନ ସାମିଲ ରହିଛି। ଏ ସମ୍ପର୍କରେ ସ୍ୱିଗି ଫୁଡ୍ ମାର୍କେଟପ୍ଲେସ୍‌ର ମୁଖ୍ୟ ବ୍ୟବସାୟ ଅଧିକାରୀ ସିଦ୍ଧାର୍ଥ ଭାକୁ କହିଛନ୍ତି, ଭୁବନେଶ୍ୱରବାସୀ ସ୍ୱିଗିର ସୁବିଧାକୁ ଗ୍ରହଣକରି ଆମକୁ ସେମାନଙ୍କର ପ୍ରତ୍ୟେକ ଉତ୍ସବରେ ସାମିଲ କରିଛନ୍ତି। ଏପରିକି ଆମେ ଏହି ଯାତ୍ରାର କେନ୍ଦ୍ରରେ ରହି ଗର୍ବ ଅନୁଭବ କରୁଛୁ। ଏହା ସହ ସମଗ୍ର ଭାରତରେ ଅନେକ ଲକ୍ଷ ଲୋକଙ୍କୁ ସେମାନଙ୍କର ପ୍ରିୟ ରୋଷେଇର ଆନନ୍ଦ ନେବାରେ ସାହାଯ୍ୟ ମଧ୍ୟ କରୁଛୁ। ସୁବିଧା ପ୍ରଦାନ କରିବାର ପ୍ରତିଶ୍ରୁତି ସହ ଆମେ ଦେଶର କୋଣ ଅନୁକୋଣରେ ଅସାଧାରଣ ଖାଦ୍ୟ ଅନୁଭୂତି ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛୁ। ସେହିପରି ଫୁଡ୍ ଡେଲିଭରି ପ୍ଲାଟ୍‌ଫର୍ମ ସ୍ୱିଗି ପକ୍ଷରୁ ନିକଟରେ ପ୍ରକାଶିତ ଏକ ସର୍ଭେ ରିପୋର୍ଟରୁ ଉପରୋକ୍ତ ସମସ୍ତ ତଥ୍ୟ ଜଣାପଡ଼ିଛି। ବିଶେଷକରି ସ୍ୱାଦିଷ୍ଟ ଚିକେନ୍ ବିରିୟାନି ଏବଂ ଚିକେନ୍ ଗ୍ରେଭିଠାରୁ ଆରମ୍ଭକରି ଚିକେନ୍ ରୋଲ୍ସ ଏବଂ ଚିକେନ୍ ମୋମୋସ୍ ଭଳି ସ୍ଥାନୀୟ ପସନ୍ଦଗୁଡ଼ିକ ସହରବାସୀଙ୍କ ଖାଦ୍ୟ ତାଲିକାର ଶୀର୍ଷରେ ରହିଛି।

ଗ୍ଲୋବାଲ ର୍‌ୟାଙ୍କିଙ୍ଗ୍‌ରେ ଭାରତର ଅଗ୍ରଗତି



ଭୁବନେଶ୍ୱର,୩୧।୧୨(ଅନୁରାଧା ମହାରଣା): ଗତ ଦଶନ୍ଧି ମଧ୍ୟରେ କେନ୍ଦ୍ର ସରକାରଙ୍କ ଅନୁକୂଳ ନୀତି ଏବଂ ବ୍ୟାପକ ସଂସ୍କାର ଯୋଗୁ ଭାରତର ଦ୍ରୁତଗତିରେ ବୃଦ୍ଧି ଘଟୁଛି। ଏହା ସହ ବିଶ୍ୱ ସ୍ତରରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କରେ ଭାରତର ମାନ୍ୟତାରେ ଉଲ୍ଲେଖନୀୟ ଉନ୍ନତି ହୋଇଛି । ଭାରତର ଲଜିଷ୍ଟିକ୍ ପ୍ରଦର୍ଶନ ସୂଚକାଙ୍କ (ଏଲ୍‌ପିଆଇ) ୨୦୨୩ରେ ୧୬ଟି ସ୍ଥାନ ଉନ୍ନୀତ ହୋଇଥିଲା। ବର୍ତ୍ତମାନ ୧୩୯ ଦେଶ ମଧ୍ୟରେ ଭାରତ ୩୮ତମ ସ୍ଥାନରେ ପହଞ୍ଚିଛି, ଯାହା ଏକ ବଡ଼ ସଫଳତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗ୍ଲୋବାଲ ଇନୋଭେଶନ ଇଣ୍ଡେକ୍ସ (ଜିଆଇଆଇ) ୨୦୨୪ରେ ଭାରତର ର୍‌ୟାଙ୍କ ୩୯ ତମ ସ୍ଥାନକୁ ଉନ୍ନୀତ ହୋଇଛି। ୨୦୧୫ରେ ଏହି ର୍‌ୟାଙ୍କ୍ ୮୧ ତମ ସ୍ଥାନରେ ଏବଂ ୨୦୧୪ରେ ୭୧ ତମ ସ୍ଥାନରେ ଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ଷ୍ଟାର୍ଟଅପ ଇକୋସିଷ୍ଟମକୁ ମଜଭୁତ କରିବା କାରଣରୁ ଦେଶର ନବସୃଜନ ସମ୍ଭାବନାରେ ଏକ ବଡ଼ ବୃଦ୍ଧି ଘଟିଛି। ୨୦୨୪ରେ ପ୍ରଥମ ଥର ପାଇଁ ଭାରତର ବୈଦେଶିକ ମୁଦ୍ରାଭଣ୍ଡାର ୭୦୦ ବିଲିୟନ ଡଲାର ଅତିକ୍ରମ କରିଥିଲା। ଫଳସ୍ୱରୂପ, ଚୀନ, ଜାପାନ ଏବଂ ସୁଇଜରଲାଣ୍ଡ ପରେ ଭାରତ ସର୍ବଭାରତୀୟ ସ୍ତରରେ ଚତୁର୍ଥ ସ୍ଥାନରେ ପହଞ୍ଚିଛି। ସୂଚନା ଥାଉକି, ଗତ ଦଶନ୍ଧିରେ (ଏପ୍ରିଲ ୨୦୧୪ ଏପ୍ରିଲରୁ ସେପ୍ଟେମ୍ବର) ଭାରତରେ ୭୦୯.୮୪ ବିଲିୟନ ଡଲାରର ଏଫ୍‌ଡିଆଇ ପ୍ରବାହ ହୋଇଛି, ଯାହା ଗତ ୨୪ ବର୍ଷ ମଧ୍ୟରେ ମୋଟ ଏଫ୍‌ଡିଆଇ ପ୍ରବାହର ୬୮.୬୯% ରହିଛି।

ସେହିପରି ଭାରତର ଜିଡିପି ର୍‌ୟାଙ୍କିଙ୍ଗ୍‌ରେ ମଧ୍ୟ ଯଥେଷ୍ଟ ଉନ୍ନତି ହୋଇଛି। ୨୦୧୪ରେ ଭାରତ ୧୦ମ ସ୍ଥାନରେ ଥିବାବେଳେ ବର୍ତ୍ତମାନ ଏହା ୫ମ ସ୍ଥାନରେ ରହିଛି। ଆକଳନ ଅନୁଯାୟୀ, ଆସନ୍ତା ୩ରୁ ୪ ବର୍ଷ ମଧ୍ୟରେ ଭାରତ ଜର୍ମାନୀ ଏବଂ ଜାପାନକୁ ଅତିକ୍ରମ କରି ବିଶ୍ୱର ୩ୟ ବୃହତ୍ତମ ଅର୍ଥନୀତି ହେବ। ବିଶ୍ୱ ବାଣିଜ୍ୟ, ନବସୃଜନ ଏବଂ ଆର୍ଥିକ କ୍ଷେତ୍ରରେ ଭାରତର ବଢୁଥିବା ଶକ୍ତି ସୂଚାଇ ଦେଉଛି ଯେ, ଏହା ଆଗାମୀ ବର୍ଷରେ ବିଶ୍ୱ ଶକ୍ତି ଭାବରେ ନିଜର ସ୍ଥିତିକୁ ଆହୁରି ଦୃଢ଼ କରିବ ବୋଲି ଆଶା କରାଯାଉଛି।

ସରକାରୀ ପ୍ରୋତ୍ସାହନ ଅଭାବ

ଲୁଗାବୁଣା ଛାଡି ଦାଦନ ଯାଉଛନ୍ତି ବୁଣାକାର



ଚନ୍ଦାହାଣ୍ଡି,୩୧।୧୨: ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଅଧିନ ଖପରାଡିହି ଗ୍ରାମର ତନ୍ତୀ ପରିବାର ସରକାରୀ ସହାୟତା ଏବଂ ଜୀବିକା ମିଶନ ଦୂରଦୃଷ୍ଟି ଅଭାବରୁ ନିଜର କୌଳିକପେଶା ଲୁଗାବୁଣା ଛାଡି ଦାଦନ ଯାଉଛନ୍ତି। ଏହାଛଡା ତନ୍ତୀ ପରିବାରର ୧୦ ଜଣ ମହିଳା ମହାଲକ୍ଷ୍ମୀ ନାମକ ଏକ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରିବା ସହ ସେମାନେ ସିଲେଇ କାମ କରି ସ୍ୱାବଲମ୍ବୀ ହୋଇ ଥିଲେ ମଧ୍ୟ ମିଶନ ଶକ୍ତି ଏବଂ ଜୀବିକା ମିଶନର ଏଥିପ୍ରତି କୌଣସି ନିଘା ନାହିଁ ବୋଲି ସଂଘର ସଭାନେତ୍ରୀ ପାନ ମେହେର ପ୍ରକାଶ କରିଛନ୍ତି। ଯଦି ସେମାନଙ୍କୁ ମିଶନ ଶକ୍ତି ଏବଂ ଜୀବିକା ମିଶନ ତରଫରୁ ତାଲିମ୍ ଏବଂ ସରକାରୀ ସହାୟତା ପ୍ରଦାନ କରାଯାଏ ତେବେ, ସେମାନେ ନିଜର କୌଳିକ ପେଶା ଲୁଗାବୁଣାକୁ ପୁଣି ଥରେ ଆରମ୍ଭ କରିବେ ବୋଲି ପ୍ରକାଶ କରିଛନ୍ତି। ଏ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି କରାଯାଉଛି। ସୂଚନା ମୁତାବକ ଗମ୍ଭାରୀଗୁଡା ପଞ୍ଚାୟତ ଅନ୍ତର୍ଗତ ଖପରାଡିହି ଗ୍ରାମରେ ୬୦ ରୁ ୮୦ ଦଶକ ପର୍ଯ୍ୟନ୍ତ ଗ୍ରାମରେ ରହିଥିବା ୩୦ ରୁ ୪୦ ତନ୍ତୀ ପରିବାର ଲୁଗାବୁଣି ନିଜର ଗୁଜୁରାଣ ମେଣ୍ଟାଇବା ସହ ବିଶେଷ ଲୋକପ୍ରିୟତା ହାସଲ କରି ଥିବା ନେଇ ବରିଷ୍ଠ ନାଗରିକ ତଥା ବରିଷ୍ଠ ମହିଳା ବୁଣାକାର ପଦ୍ମା ମେହେର ପ୍ରକାଶ କରିଛନ୍ତି। ସେ ସମୟରେ ତାଙ୍କ ସ୍ୱାମୀ ଚୈତନ୍ୟ ମେହେର ଲୁଗାବୁଣା କାର୍ଯ୍ୟ କରୁଥିବା ବେଳେ ସେ ସୂତା କାମ ଏବଂ ରଙ୍ଗ ଦେବାରେ ସହାୟତା କରୁ ଥିଲେ। ଲୁଗା ବୁଣିବା ପାଇଁ ଏକ କାଠ ଯନ୍ତ୍ର (ଡଙ୍ଗି) ଏବଂ ସୁତା ସଜାଇବା ପାଇଁ ଯନ୍ତ୍ର (ବବିନ)ର ଦରକାର ପଡୁ ଥିଲା। ସେ ସମୟରେ ସେଠାରେ ସୂତା ମିଳୁ ନ ଥିବାରୁ ପଡୋଶୀ ଛାତିଶଗଡ଼ ରାୟପୁର ଉପରେ ନିର୍ଭର କରିବାକୁ ପଡୁଥିଲା ବୋଲି ସେ ପ୍ରକାଶ କରିଛନ୍ତି। କପଟା(ଶାଢ଼ୀ) ୫ଟଙ୍କା ରଙ୍ଗ ବେରଙ୍ଗ ଶାଢ଼ୀ (ମସୁରୀ) ୭ ଟଙ୍କା ଭାଲୁଆ ଶାଢ଼ୀ ଉନ୍ନତ ଧାରଣର ୧୦ ଟଙ୍କା, ଗାମୁଛା ୫ ଟଙ୍କା ଏବଂ ଧୋତି ୧୦ଟଙ୍କାରେ ବିକ୍ରୀ ହେଉ ଥିବା ନେଇ ସେ ପ୍ରକାଶ କରି ଛନ୍ତି। ଏଥିରେ ସେମାନଙ୍କ ପରିବାର ବେଶ ହସଖୁସିରେ ଚଳୁଥିଲେ। ତାଙ୍କ ସ୍ୱାମୀ ସ୍ୱର୍ଗତ ଚୈତନ୍ୟ ମେହେରଙ୍କ ବ୍ୟତୀତ ସ୍ୱର୍ଗତ ଗୌର ମେହେର, ସ୍ୱର୍ଗତ ସୌରା ମେହେର କଇତନ ମେହେର ଏକ ଭଲ ବୁଣା କାର ରହି ଥିଲେ। ଆଧୁନିକ କାରିଗରି କୌଶଳ ଅଭାବରେ ଲୋକଙ୍କ ଚାହିଦା କମିଯିବା ସହ ସରକାରୀ ପ୍ରୋତ୍ସାହନ ଅଭାବ ରେ ବର୍ତ୍ତମାନର ଯୁବପିଢ଼ି ଏହି ପେଶା ପ୍ରତି ମୁହଁ ଫେରାଇ ନିଜର ପେଟପାଟଣା ପାଇଁ ଦାଦନ ଯାଉଛନ୍ତି।

ସାମାଜିକ ପ୍ରତିଷ୍ଠାନକୁ ଏସ୍‌ବିଆଇର ସହାୟତା

ଭୁବନେଶ୍ୱର,୩୧।୧୨: ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ରାଜ୍ୟର ଦୁଇଟି ପ୍ରମୁଖ ସାମାଜିକ ପ୍ରତିଷ୍ଠାନ (ଓପନ୍ ଲର୍ନିଂ ସିଷ୍ଟମ୍ସ ଭୁବନେଶ୍ୱର ଏବଂ ଗୋବିନ୍ଦ ଗୋଧାମ ଗୋଶାଳା, ପୁରୀ)କୁ ଯଥାକ୍ରମେ ଏକ ସ୍କୁଲ ବସ୍ ଏବଂ ପିକ୍-ଅପ୍ ଭ୍ୟାନ୍ ଯୋଗାଇଦିଆଯାଇଛି। ଏପରିକି ଭୁବନେଶ୍ୱରର ଡୁମ୍‌ଡୁମାସ୍ଥିତ ହୋଟେଲ ୱେଲ୍‌କମ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ପ୍ରତିଷ୍ଠାନର କର୍

ନିରାମୟ ଛାଡି ବାହାରୁ ଔଷଧ କିଣୁଛନ୍ତି ରୋଗୀ

ବେସରକାରୀ ଦୋକାନରେ ଭିଡ଼

କାକଟପୁର /ଅସ୍ତରଙ୍ଗ,୩୧।୧୨(ସଂଚାର ବ୍ୟୁରୋ): ସରକାର ନିରାମୟ ଯୋଜନା ମାଧ୍ୟମରେ ରୋଗୀଙ୍କୁ ମାଗଣାରେ ଔଷଧ ଯୋଗାଇ ଦେଉଛନ୍ତି। ସରକାରୀ ମେଡିକାଲକୁ ଆସୁଥିବା ଉଭୟ ଆଉଟଡୋର ଓ ଇନଡୋର ରୋଗୀ ମାନଙ୍କୁ ଏହି ଔଷଧ ପ୍ରଦାନ କରାଯିବାର ନିୟମ ରହିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିରାମୟ ଯୋଜନା ରେ ଔଷଧ ପ୍ରଦାନ କରାଯାଉଛି ଶତ ଅନେକ ଔଷଧ ରୋଗୀ ବାହାରେ ଥିବା ମେଡ଼ିସିନ ଷ୍ଟୋର ରୁ କିଣୁଛନ୍ତି।ପୂର୍ବରୁ ୧୭୦ ଟି କିସମର ଔଷଧ ଥିବା ବେଳେ ଏବେ ୪୦୦ରୁ ଉର୍ଦ୍ଧ ପ୍ରକାର ଔଷଧ ମହଜୁଦ ଅଛି ବୋଲି ସୂଚନା ମିଳିଛି । ହେଲେ ସରକାରଙ୍କ ତରଫରୁ ଏତେ ପରିମାଣରେ ମାଗଣା ଔଷଧ ଯୋଗାଇ ଦିଆଯାଉଥିଲେ ମଧ୍ୟ ବେସରକାରୀ ଔଷଧ ଦୋକାନ ଗୁଡିକରେ ଭିଡ଼ କମିବାରେ ନାଁ ଧରୁନି। ବରଂ ପୂର୍ବ ଅପେକ୍ଷା ଅଧିକ ଭିଡ଼ ପରିଲିକ୍ଷିତ ହେଉଛି। ନିରାମୟ ଯୋଜନାରେ ବିତରଣ କରାଯାଉଥିବା ଔଷଧର ମାନ ମଧ୍ୟ ବଜାରରେ ମିଳୁଥିବା ଅନ୍ୟ ଔଷଧ ତୁଳନାରେ ଢେର ବେଶୀ। ତଥାପି କାହିଁକି ଲୋକେ ବେସରକାରୀ ଔଷଧ ଦୋକାନରୁ ଔଷଧ କିଣିବାକୁ ପସନ୍ଦ କରୁଛନ୍ତି। ଏଥିପାଇଁ ଲୋକଙ୍କ ମାନସିକତା ଦାୟି ନାଁ ଡାକ୍ତରଖାନା ରେ କାର୍ଯ୍ୟରତ

ଡାକ୍ତରଙ୍କ ଲେଖାଯାଉଥିବା ପ୍ରେସକ୍ରିପସନ ଦାୟି ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଯାହା ସ୍ଥାନୀୟ ଅଞ୍ଚଳ ରେ ଅଲୋଡ଼ନ ସୃଷ୍ଟି କରିଛି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡକ୍ଟର କାର୍ଯ୍ୟରତ ଥିବା ସମୟରେ ବିଭିନ୍ନ ଔଷଧ କମ୍ପାନୀ ମାର୍କେଟିଙ୍ଗ ପ୍ରତିନିଧି ଭିଡ଼ ଜମାଉଛନ୍ତି, ଯାହାକି ବିଭିନ୍ନ ଔଷଧ ଦୋକାନ ନିଜ କମ୍ପାନୀ ଔଷଧ ଦେଇ ଡାକ୍ତରଙ୍କ ସହ ଭିତିରି ବୁଝାମଣା କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ସରକାର ଲୋକଙ୍କ ପାଇଁ ଔଷଧ ଯୋଗାଇ ଦେଉଥିବା ବେଳେ ଲୋକେ କାହିଁକି ବାହାରୁ ଔଷଧ କିଣିବାକୁ ପସନ୍ଦ କରୁଛନ୍ତି। କାର୍ଯ୍ୟରତ ଡାକ୍ତର ମାନେ ପରୋକ୍ଷରେ ରୋଗୀଙ୍କୁ ବାହାରୁ ଔଷଧ କିଣିବାକୁ ପ୍ରବର୍ତ୍ତାଉଥିବା ସାଧାରଣ ଅଭିଯୋଗ ହେଉଛି। ବାହାରେ ବିକ୍ରି କରାଯାଉଥିବା ଔଷଧ ଗୁଡିକ ଉନ୍ନତ ମାନର ବୋଲି ଲୋକଙ୍କ ମାନସିକତା ମଧ୍ୟ ସେହି ଦିଗରେ ଯାଉଛି।ଯଦି ସରକାରୀ ଅଧିକାରୀ କଥା ଅନୁଯାୟୀ ମୋଟାମୋଟି ସରକାରୀ ମେଡିକାଲକୁ ଆସୁଥିବା ୯୦ପ୍ରତିଶତ ଲୋକ ନିରାମୟ ଯୋଜନାରୁ ଔଷଧ ନେଉଥିବା ବେଳେ ବାହାରେ ଥିବା ବେସରକାରୀ ଦୋକାନ ଗୁଡିକରେ ଏତେ ପରିମାଣରେ ଔଷଧ ବିକ୍ରି ହେଉଛି କିପରି। ଅର୍ଥାତ ନିରାମୟ ଯୋଜନାରେ ଔଷଧ ନେଉନଥିବା ୧୦ପ୍ରତିଶତ ଲୋକ କଣ ବେସରକାରୀ ଔଷଧ କିଣୁଛନ୍ତି । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ସରକାରୀ ମେଡିକାଲ ଆସୁଥିବା ରୋଗୀଙ୍କ ମଧ୍ୟରୁ ୯୦ପ୍ରତିଶତ ଙ୍କୁ ନିରାମୟ ଯୋଜନାରେ ମାଗଣା ଔଷଧ ପ୍ରଦାନ କରାଯାଏ ଶତ କିନ୍ତୁ ୧୦ପ୍ରତିଶତ ରୋଗୀ ଏହାକୁ ବ୍ୟବହାର କରୁଥିବା ବେଳେ ୯୦ପ୍ରତିଶତ ବେସରକାରୀ ଔଷଧ ଦୋକାନରୁ ଔଷଧ କିଣୁଛନ୍ତି। ଗୋଟିଏ ପଟେ ଯୋଜନା ତା ବାଟରେ ଯାଉଥିବା ବେଳେ ଅନ୍ୟ ପଟେ ଚିରାଚରିତ ଢଙ୍ଗରେ ଡାକ୍ତର ଓ ଔଷଧ ମାର୍କେଟିଙ୍ଗ ବ୍ୟକ୍ତି ସହ ଔଷଧ ଦୋକାନୀଙ୍କ ମଧୁଚନ୍ଦ୍ରିକା ନିରାମୟ ଯୋଜନାକୁ କେବଳ କାଗଜ ପତ୍ରରେ ସଫଳ କରାଇଛନ୍ତି ବୋଲି ସାଧାରଣ ରେ ମତପ୍ରକାଶ ପାଇଛି।ଉଚ୍ଚ ସ୍ତରୀୟ ବିଭାଗୀୟ ଅଧିକାରୀ ଅଚାନକ ଯାଞ୍ଚ କଲେ ସତ୍ୟାସତ୍ୟ ସାମ୍ନାକୁ ଆସିପାରିବ।

ଅଭିଯୋଗ ପ୍ରକୋଷ୍ଠରେ ଜଣାଇଲେ ଏସସି ଏସ୍‌ଟି କଣ୍ଟ୍ରାକ୍ଟରଙ୍କ ସମସ୍ୟା

ସୋନପୁର,୩୧।୧୨ ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀ ଙ୍କ ଜଣ ଶୁଣାଣି ଶିବିରରେ ଓଡିଶା ଏସସି ଏସଟି କଣ୍ଟ୍ରାକ୍ଟର ଆସୋସିଏସନ ତରଫରୁ ବିଭିନ୍ନ ସମସ୍ୟା ଜଣେଇଛନ୍ତି ଜ୍ୟୋତି ରଞ୍ଜନ କୁଶଳ, ସୂଚନାଯୋଗ୍ୟ ଗତ ଡିସେମ୍ବର ୩୧ ତାରିକରେ ରାଜ୍ୟ ସରକାର ଙ୍କ ତରଫରୁ ଜଣ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରୋକଷ୍ଠ ରେ ଏସସି ଏସ୍ଟି କଣ୍ଟ୍ରାକ୍ଟର ସଙ୍ଘ ତରଫରୁ ପାଞ୍ଚ ଦଫା ଦାବି ପତ୍ର ରାଜ୍ୟ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦନ ସିଂଦେଓ ଙ୍କୁ ପ୍ରଦାନ କରାଯାଇ ଥିଲା, ସଙ୍ଘ ତରଫରୁ ମୁଖ୍ୟ ଦାବି ୧୪.୯୯ ବଦଳରେ ୪.୯୯ ନିୟମ ଲାଗୁ କରିବା, ଏପିଏସ ସିଷ୍ଟମ ଏସସି ଏସ୍ଟି କଣ୍ଟ୍ରାକ୍ଟର ପକ୍ଷ୍ୟ ଲାଗୁ ନ କରିବା ସହିତ ଟେଣ୍ଡର ପକେଇଲା ସମୟରେ ଟେଣ୍ଡର ପେପର କୋଷ୍ଟ ମୂଲ୍ୟ ରେ ଟେଣ୍ଡର ପକେଇବା ପାଇଁ ସୁଯୋଗ ଦେବା, ୧୦% ଏକ୍ସେସ ନିୟମ ପୁଣି ଲାଗୁ କରିବା ସହିତ ସୋନପୁର ପିଡବ୍ଲୁଡ଼ି କାର୍ଯ୍ୟାଳୟ ରେ ଏସସି ଏଏସ୍ଟି କଣ୍ଟ୍ରାକ୍ଟର ଙ୍କୁ ଅଭହେଳା ଅନେକ ମରାମତି ପ୍ରୋଜେକ୍ଟ କାର୍ଯ୍ୟରୁ ବାଦ ଦେବା ସମ୍ବୋନ୍ଧରେ ଅଭିଯୋଗ ହୋଇଥିଲା ସଙ୍ଘ ତରଫରୁ ଜ୍ୟୋତି ରଞ୍ଜନ କୁଶଳ ଉପସ୍ଥିତ ରହି ସମସ୍ୟା ବାବଦରେ ଅବଗତ କରେଇ ଥିଲେ।

ପ୍ରକୃତ ଚାଷୀଙ୍କୁ ଧାନ ବିକ୍ରି କରିବା ପାଇଁ କରାଯାଉଛି ନିରୁତ୍ସାହିତ

ବରଗଡ଼,୩୧।୧୨(ସଂଚାର ବ୍ୟୁରୋ): ଉପେକ୍ଷିତ ଏବଂ ହଇରାଣ କାରଣ ପ୍ରକୃତ ଚାଷୀ ଭଲ ଧାନ ଆଣିବ ଏବଂ ଭଲ ପଇସା ନେବା ପାଇଁ ଚେଷ୍ଟାକରିବ। ହେଲେ ଧାନ କିଣା ବ୍ୟବସ୍ଥା ଏମିତି ଜଟିଳ କରାଯାଉଛି ଯେ ମଣ୍ଡି କୁ ଧାନ ଆଣିବା ପାଇଁ ଚାଷୀ କୁଣ୍ଠାବୋଧ କରୁଛି। କାରଣ ଯେତେବେଳେ ଧାନ ଅମଳ ହୋଇଥାଏ ଚାଷୀଙ୍କୁ ଅଧିକ ରୁ ଅଧିକ ଟଙ୍କା ଆବଶ୍ୟକ ପଡ଼ିଥାଏ। ଧାନ ଉତ୍ପାଦନ ଅଧିକ ହେଲେ ଟୋକନ ଧାର୍ଯ୍ୟ ପରିମାଣ ହିଁ ବିକ୍ରି କରିବାର ସୁଯୋଗ ପାଇଥାଏ ସେଥିପାଇଁ ଚାଷୀ ବିଭିନ୍ନ କାରଣ ରୁ ନିଜେ ଧାନ ବିକ୍ରି କରୁନାହିଁ। ଧାନ ବିକ୍ରି ପାଇଁ ପ୍ରଥମେ ଟୋକନ ସମସ୍ୟା ଥିବା ବେଳେ ଟଙ୍କା ର ଆବଶ୍ୟକ ଅନ୍ୟ ଏକ ସମସ୍ୟା ଅଟେ। ସେହିପରି ମଣ୍ଡିରେ ବିଭିନ୍ନ ଆଳ ଦେଖାଇ ଚାଷୀଙ୍କୁ ନିରୁତ୍ସାହିତ କରିବା ପାଇଁ ଦଲାଲ ଜରିଆରେ ଧାନ ବିକ୍ରି ନ କଲେ ଧାନ ମାସ ମାସ ପଡି ରହୁଛି ଏବଂ କ୍ୱାଲିଟି ନାଁରେ ଭୟ ଦେଖାଇ ହଇରାଣ କୁ ଦୁଇଗୁଣିତ କରାଯାଉଛି। ବରଗଡ଼ ଜିଲ୍ଲାରେ ଯେଉଁଠି ଦଲାଲ ସକ୍ରିୟ ସେଠାରେ ଠିକ ଭାବେ ଧାନ ଉଠୁଛି ବାକି ମଣ୍ଡି ମାନଙ୍କରେ ଧାନ ଖୋଲା ଆକାଶ ତଳେ ପଡ଼ିଛି। ଅମ୍ବାଭାନା ର ବରା, ବରପାଲି ର କୁମ୍ଭାରୀ, ତୁଳଣ୍ଡି, ଆଗଲପୁର, ସତଲମା ଏବଂ ଭେଡେନ ବ୍ଲକ ର ସିହେନପାଲି, ହାତୀପାଲି, ରେଶମ, ପଧାନପାଲି, ସାଲେଣ୍ଡପାଲି, ଅରେଇଗୁଡ଼ି, ବସେକେଲା, ତେନ୍ତୁଳି ଟିକ୍ରା, ଭେଡେନ, ଚିଚିଣ୍ଡା, କୁବେଡେଗା, ସହରାଟିକ୍ରା ଆଦି ମଣ୍ଡି ରୁ ଗତ ବର୍ଷ ୪ ଲକ୍ଷ ୩୦ ହଜାର କ୍ୟୁଣ୍ଟାଲ ଧାନ କିଣା ଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହି ସବୁ ମଣ୍ଡି ରୁ ମାତ୍ର ୧ ଲକ୍ଷ ୬୦ ହଜାର କ୍ୟୁଣ୍ଟାଲ ଧାନ କିଣା ଯାଇଛି ଯାହା ଗତ ବର୍ଷ ତୁଳନା ରେ ୩୦% ଅଟେ। ସେଥିପାଇଁ ଚାଷୀ ଆସନ୍ତୋଷ୍ଟ ଥିବା ହେତୁ ସଂଯୁକ୍ତ କୃଷକ ସଂଗଠନ ତରଫରୁ ଗତ ଶୁକ୍ରବାର ଦିନ ଠାରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଧାରଣା ରେ ବସିଛନ୍ତି। ଏହି ଧାରଣା କାର୍ଯ୍ୟକ୍ରମ ରେ ସର୍ବଶ୍ରୀ ଉତ୍ପନ୍ନ ଭୋଇ, ରମେଶ ମହାପାତ୍ର, ସୁଦାମ ପାତ୍ର, ସୁରେଶ ନିକେଣ୍ଟି, ନିରଞ୍ଜନ ପଧାନ, ରବିଶଙ୍କର ପଧାନ, ପ୍ରଭାତ ସାହୁ, ଅଚୁତ କର୍ମୀ, ନବୀନ ଭୋଇ, ମାଧବ ସାହୁ, ସୁରେନ୍ଦ୍ର ଦାସ, ରସିକ ହାତୀ, ବିକାଶ ଅଗ୍ରୱାଲ, ବିଜୟୀ କୁମ୍ଭାର, କେଶବ ଭୋଇ, ଅରୁଣ ବାରିକ, ଅରକ୍ଷିତ ମହାକୁର, ସଂଜୀବ ପଧାନ, ଅନିରୋଦ୍ଧ ଭୋଇ ଗୋବର୍ଦ୍ଧନ ମହାପାତ୍ର ଏବଂ ଘନ ଶ୍ୟାମ ଭୋଇ ନେତୃତ୍ୱ ନେଇଛନ୍ତି ଏବଂ ଆନ୍ଦୋଳନ ଅନିର୍ଦ୍ଧିଷ୍ଟ କାଳ ଚଳାଇବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ବୈତରଣୀକୁ ଡେଇଁ ପଡ଼ିଲେ ଦୋକାନୀ

ଚମ୍ପୁଆ,୩୧।୧୨(ସଂଚାର ବ୍ୟୁରୋ): ବୈତରଣୀ ନଦୀ ପୋଲରୁ ଡେଇଁ ପଡ଼ିଲେ ଦୋକାନୀ। ନଦୀରେ ଭାସୁଛି ତାଙ୍କ ମୃତଦେହ। ବର୍ଷର ଶେଷ ଦିନରେ ଏପରି ଏକ ଅଭାବନୀୟ ଘଟଣା କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅଞ୍ଚଳରେ ଘଟିଛି। ମୃତକ ହେଲେ ବସନ୍ତ ପାତ୍ର । ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବସନ୍ତଙ୍କର ଏକ ଦୋକାନ ରହିଛି। ଗତ ରାତି ୧୧ଟା ବେଳେ ସେ ନିଜ ସ୍କୁଟିକୁ ଚମ୍ପୁଆ ବୈତରଣୀ ପୋଲ ଉପରେ ରଖି ନଦୀକୁ ଡେଇଁ ପଡ଼ିଥିଲେ। ତାଙ୍କ ମୃତଦେହ ବୈତରଣୀ ନଦୀରେ ଭାସୁଥିବା ଦେଖିବାକୁ ମିଳିଛି। ବସନ୍ତ ଚମ୍ପୁଆ-ଝାଡ଼ଖଣ୍ଡ ସୀମାରେ ଥିବା ବୈତରଣୀ ନଦୀରେ ପୋଲ ଉପରୁ ଡେଇଁ ଆତ୍ମହତ୍ୟା କରିଥିବା ବେଳେ ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ବସନ୍ତଙ୍କ ମୃତଦେହ ନଦୀର ଅପରପାର୍ଶ୍ୱରେ ଭାସୁଥିବା ଯୋଗୁଁ ଝାଡ଼ଖଣ୍ଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍କୁଟିକୁ ଜବତ କରିଛି। ମାତ୍ର ମୃତଦେହ ଉଦ୍ଧାର ହୋଇ ନ ଥିବା ଜଣାଯାଇଛି।

ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

ବରପାଲି,୩୧।୧୨(ସଂଚାର ବ୍ୟୁରୋ): ଆଜି ଉଦଯାପନୀ ଉତ୍ସବର ପ୍ରଥମ ଅଧିବେଶନ ରେ ମୁଖ୍ୟ ଅତିଥି ଭାବରେ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟିକା ବର୍ଷା ସିଂହ ବରିହା, ବିଜେପୁର ବିଧାୟକ ସନତ କୁମାର ଗଡତିୟା ,ସମ୍ବଲପୁର ଗଙ୍ଗାଧର ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଡକ୍ଟର

ଏନ୍ ନାଗା ରାଜୁ, ଗଙ୍ଗାଧର ବିଶ୍ୱ୍ୱ ବିଦ୍ୟାଳୟ କୁଳ ସଚିବ ଡକ୍ଟର ଉମଚରଣ ପତି ପ୍ରମୁଖ ଯୋଗ ଦେଇଥିବା ବେଳେ ଅପରାହ୍ନ ଅନୁଷ୍ଠିତ ଦ୍ୱିତୀୟ ଅଧିକବେଶନ ରେ ଆଇ ଆଇ ଟି ଧାନବାଦ ର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ସୁକୁମାର ମିଶ୍ର, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ର ପ୍ରଫେସର ଡକ୍ଟର କ୍ଷମାନିଧି ଆଦବର ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସର ରେ ହାସ୍ୟ ମେବ ଜୟତେ ହାସ୍ୟ କବି ସମ୍ମିଳନୀ ରେ ବିପ୍ଳବୀ କବି ନୀତିଶ ଆଚାର୍ଯ୍ୟ, ହାସ୍ୟ ରତ୍ନ ଶିଶିର ପୁରୋହିତ ତାଙ୍କ ହାସ୍ୟ କବିକବିତା ପରିବେଷଣ କରିଥିଲେ । ପରେ ପରେ କଳାହାଣ୍ଡି ର ସର୍ବେଶ୍ୱର ଭୋଇ ଓ ସାଧି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଅବସରରେ ସୁବର୍ଣ୍ଣ ଜୟନ୍ତୀ କମିଟି ତଥା ନିଷ୍ଠା ପରିବାର ବରଗଡ଼ ଓ ବରଗଡ଼ ରକ୍ତ ସଂଗ୍ରହ କେନ୍ଦ୍ର ସହାୟତା ରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିରି ଅନୁଷ୍ଠିତ ହୋଇଥିଲା । ଆଜି ବରପାଲି ମହାବିଦ୍ୟାଳୟ ର ପୂର୍ବତନ ଛାତ୍ର ସଂସଦ ର ସଭାପତି ସମେତ ବିଭିନ୍ନ କ୍ଷେତ୍ର ରେ ପାରଦର୍ଶିତା ଲାଭ କରି ଥିବା ବ୍ୟକ୍ତିତ୍ୱ ଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପୁରାତନ ଛାତ୍ରୀ ମାନଙ୍କ ଦ୍ୱାରା ଏକ ଫେଶନ ସୋ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ କୁ ବୁଲୁ ସ୍ୱାଇଁ ଓ ବାଲକିଶୋର୍ ଖାଡଙ୍ଗା ପରିଚାଳନା କରିଥିବା ବେଳେ ସମସ୍ତଙ୍କ ସାହାଯ୍ୟ ସହଯୋଗ ଦ୍ୱାରା ଏହି କାର୍ଯ୍ୟକ୍ରମ ସଫଳ ହୋଇ ପାରିଛି ବୋଲି ସୁବର୍ଣ୍ଣ ଜୟନ୍ତୀ କମିଟି ର ସଭାପତି ଡକ୍ଟର ରବୀନ୍ଦ୍ର ଗଡତିୟା ଓ ସମ୍ପାଦକ ସୁବଳ ମେହେର ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

ରାସ୍ତା ମଝିରେ ଦୁଇ ବାଇକ୍ ମୁହାଁମୁହିଁ; ୨ ଯୁବକଙ୍କ ମୃତ୍ୟୁ

ନବରଙ୍ଗପୁର,୩୧।୧୨(ସଂଚାର ବ୍ୟୁରୋ): ମଝି ରାସ୍ତାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଯାଇଛି ୨ ଯୁବକଙ୍କ ଜୀବନ। ଅନ୍ୟ ଜଣେ ମେଡ଼ିକାଲ୍ ବେଡ୍‌ରେ ଜୀବନ ସହ ସଂଘର୍ଷ କରୁଛନ୍ତି। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ନବରଙ୍ଗପୁରରେ ଘଟିଛି। ତେନ୍ତୁଳିଖୁଣ୍ଟି ଥାନା ଅଞ୍ଚଳଗୁମ୍ମା ପଞ୍ଚାୟତ ଚିତ୍ରକୋଟ ଗାଁର ପୂର୍ଣ୍ଣ ମାଝୀ ମେଗା ଜଳ ଯୋଗାଣ ପ୍ରକଳ୍ପରେ ୱାଲ ଅପେରଟର ଭାବେ କାର୍ଯ୍ୟ କରୁଥିଲେ। ଆଜି ଅପରାହ୍ନରେ ସେ ତେନ୍ତୁଳିଖୁଣ୍ଟି ଗାଁର ଏକ ହଟେଲକୁ ଖାଇବାକୁ ଯାଇଥିଲେ। ସେଠାରୁ ଖାଇସାରି ବାଇକ୍‌ରେ ଅଞ୍ଚଳଗୁମ୍ମା ଅଭିମୁଖେ ଯାଉଥିଲେ। ବାଇକ୍ ପଛରେ ସାଥୀ ହେମନ୍ତ ବାଣୁଆ ବସିଥିଲେ। ଠିକ୍ ସେହି ସମୟରେ ବିପରୀତ ଦିଗରୁ ଅନ୍ୟ ଏକ ବାଇକରେ ଆସୁଥିଲେ ପୂଜାରୀ ଗୁଡା ଗାଁର ସମ୍ମିତ କୁମାର ଭତ୍ରା। ଜାନିଗୁଡ଼ା ଛକରେ ଦୁଇ ବାଇକ୍ ଭିତରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ପୂର୍ଣ୍ଣଙ୍କ ମୃତ୍ୟୁ ଘଟିଛି। ଗୁରୁତର ଆହତ ହୋଇଥିଲେ ହେମନ୍ତ ଓ ସମ୍ମିତ। ଉଭୟଙ୍କୁ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ହେମନ୍ତଙ୍କ ମୃତ୍ୟୁ ଘଟିଥିଲା। ସମ୍ମିତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ନବରଙ୍ଗପୁର ପରେ କୋରାପୁଟ ଲକ୍ଷ୍ମଣନାଏକ ମେଡ଼ିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ତେନ୍ତୁଳିଖୁଣ୍ଟି ଥାନା ପୁଲିସ ମାମଲା ରୁଜୁ କରି ଦୁଇଟି ବାଇକକୁ ଜବତ କରିଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି।

ପ୍ଲାଟଫର୍ମରେ ପଶୁଥିଲା ଟ୍ରେନ୍, ଛିଣ୍ଡିଲା ବିଦ୍ୟୁତ୍ ତାର

ଝାରସୁଗୁଡ଼ା,୩୧।୧୨(ସଂଚାର ବ୍ୟୁରୋ): ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଝାରସୁଗୁଡ଼ା-ଗୌନ୍ଦିଆ ପାସେଞ୍ଜର ଟ୍ରେନ୍। ଝାରସୁଗୁଡ଼ା ରେଳ ଷ୍ଟେସନର ୨ ନମ୍ବର ପ୍ଲାଟଫର୍ମରେ ପଶିବା ବେଳକୁ ବିଦ୍ୟୁତ ତାର ଛିଣ୍ଡି ଯାଇଥିଲା । ତେବେ ଇଲେକ୍ଟ୍ରି ତାର ଯୋଗୁ ବିଭିନ୍ନ ସ୍ଥାନରେ ଚାର୍ଜ ହୋଇଯାଇଥିଲା। ବଗିଗୁଡ଼ିକରେ ଥିବା ବୈଦ୍ୟୁତିକ ସରଞ୍ଜାମ ଗୁଡିକ ଚାର୍ଜ ହୋଇଯାଇଥିବା ବେଳେ

ତାହା ଫୁଟିବାକୁ ଲାଗିଥିଲା । ପ୍ରବଳ ଶବ୍ଦରେ ଲୋକେ ଆତଙ୍କିତ ହୋଇ ଯାଇଥିବା ବେଳେ କାହାର କିଛି କ୍ଷତି ହୋଇନଥିବା ଜଣାପଡ଼ିଛି। ରେଳବାଇ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଂଚି ମରାମତି କରିଥିଲେ। ପ୍ରାୟ ଅଢେଇ ଘଣ୍ଟା ପରେ ଟ୍ରେନଟି ପ୍ଲାଟଫର୍ମ ଛାଡିଥିଲା । ଏହି ଦୁର୍ଘଟଣାରେ କୌଣସି ବି ଯାତ୍ରୀ ଆହତ ହୋଇ ନ ଥିବା ଜଣାଯାଇଛି।

ଗଞ୍ଜେଇ ଧରି ଯିବାବେଳେ ଗଛରେ ପିଟି ହେଲେ ମାଫିଆ

ସୋନପୁର,୩୧।୧୨(ସଂଚାର ବ୍ୟୁରୋ): ଗଞ୍ଜେଇ ଧରି ଦ୍ରୁତଗତିରେ ବାଇକ୍‌ରେ ଯାଉଥିଲେ। ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛରେ ପିଟି ହୋଇଥିଲେ ଯୁବକ। ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିଛି। ଆଜି ସକାଳେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସୋନପୁର କଲେଜ ରୋଡ୍‌ରେ ଘଟିଛି। ଛତିଶଗଡ଼ ଅଞ୍ଚଳର ଜଣେ ଯୁବକ ବ୍ୟାଗରେ ଗଞ୍ଜେଇ ଧରି ବାଇକ୍‌ରେ ଦ୍ରୁତଗତିରେ ସୋନପୁର କଲେଜ ରାସ୍ତାରେ ଯାଉଥିଲେ। ତେବେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଗଛରେ ପିଟି ହୋଇଥିଲେ। ଯେଉଁଥିପାଇଁ ତାଙ୍କର ମୃତ୍ୟୁ ଘଟିଥିଲା। ରାସ୍ତା ପାର୍ଶ୍ୱରେ ଯୁବକଙ୍କ ମୃତଦେହ

ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏଥିସହ ଯୁବକଙ୍କ ବ୍ୟାଗରୁ ଗଞ୍ଜେଇ ଜବତ କରିଛି ପୁଲିସ୍। ମୃତ ଯୁବକଙ୍କ ଘର ଛତିଶଗଡ଼ ଅଞ୍ଚଳର ବୋଲି ଅନୁମାନ କରାଯାଉଛି। ତେବେ ତାଙ୍କ ପରିଚୟ ଜଣାପଡୁ ନାହିଁ। ସେଥିପାଇଁ ପୁଲିସ ସୋନପୁର ପାଖ ପଡୋଶୀ ଜିଲ୍ଲା ଏବଂ ଛତିଶଗଡ଼ ରାଜ୍ୟର ପୁଲିସ୍ ସହ ଯୋଗାଯୋଗ କରୁଛି।

ନବମ ଭୋପାଳ ଚନ୍ଦ୍ର ପଟେଲ ମେମୋରିଆଲ ବ୍ୟାଡମିଣ୍ଟନ ପ୍ରତିଯୋଗିତା

ସୁନ୍ଦରଗଡ,୩୧।୧୨(ସଂଚାର ବ୍ୟୁରୋ): ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ମୁ